# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୨୩ /୨୦୨୪ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 23/2024 | Page 14 | ₹ 7.00 | BALASORE

୫୦ଶ ଭାଗ ୨୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 209 | ମୂଲ୍ୟ₹୭/-






**'କଲ୍କୀ ୨୮୯୮ ଏଡି'ର ୨ୟ ଟ୍ରେଲର**

ସାଉଥ ସୁପରଷ୍ଟାର ପ୍ରଭାସଙ୍କ ଅଭିନୀତ ବିଗ୍ ବଜେଟ ଫିଲ୍ମ 'କଲ୍କୀ ୨୮୯୮ ଏଡି'ର ଦ୍ୱିତୀୟ ଟ୍ରେଲର ରିଲିଜ୍ ହୋଇଛି। **୦୨**

**୧୪** **ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ**

ବାଂଲାଦେଶ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ସୁପର-୮ ମ୍ୟାଚରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି।



ପୁରୀ ଶ୍ରୀମନ୍ଦିର ସ୍ନାନ ମଣ୍ଡପରେ ଶନିବାର ଗଜବେଶରେ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ପରୀକ୍ଷା ବିଭ୍ରାଟରୁ ଚାପ

**ଲଗାତର ତିନୋଟି ସର୍ବଭାରତୀୟ ପରୀକ୍ଷାରେ ବିଭ୍ରାଟ ଦେଖାଦେଇ ଅଚଳାବସ୍ଥା ସୃଷ୍ଟିହେବା ପରେ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ କେନ୍ଦ୍ର ସରକାର ଏକ ନୂଆ ଆଇନ ଆଣିଛନ୍ତି। ଦେଖିଲେ ଲାଗୁଛି ଆଇନ କଠୋର। କିନ୍ତୁ ଏହା ବଳରେ କାହା ବିରୋଧରେ କିପରି ଭାବେ ଦୋଷ ପ୍ରମାଣିତ କରାଯିବ ଏବଂ କାହାକୁ ଦଣ୍ଡିତ କରାଯିବ, ସେନେଇ ଏଥିରେ କୌଣସି ସ୍ପଷ୍ଟତା ନାହିଁ। ତେଣୁ ଦେଶବ୍ୟାପୀ ଛାତ୍ରୀଛାତ୍ରଙ୍କ ବିରୋଧକୁ ସାମ୍ନା କରି ନ ପାରି ଏହାକୁ ତରବରିଆ ଭାବେ ଲାଗୁ କରାଯାଇଥିବା କୁହାଯାଉଛି।**

**ନୂଆଦିଲ୍ଲୀ,୨୨।୬**

ଏନ୍ଇଇଟି ଏବଂ ୟୁଜିସି-ନେଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତାକୁ ନେଇ ବିବାଦ ତୀବ୍ର ହେବା ପରେ ପ୍ରବଳ ଚାପରେ ରହିଥିବା କେନ୍ଦ୍ର ସରକାର ୨ଟି ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରଶ୍ନପତ୍ର ପ୍ରଘଟରେ କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ସର୍ବାଧିକ ୧୦ ବର୍ଷ ଜେଲଦଣ୍ଡ ସହ ୧ କୋଟି ଟଙ୍କାର ଜରିମାନା କରାଯିବ। ଏନେଇ ସରକାର ଦେଶରେ ଏକ ଆଇନ ଲାଗୁ କରିଛନ୍ତି। ସେହିପରି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଜରିଆରେ ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ, ସହଜ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ

## ■ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଆଇନ ଲାଗୁକଲା କେନ୍ଦ୍ର
## ■ ଏନ୍‌ଟିଏ ପାଇଁ ସଂସ୍କାର କମିଟି

ଶିକ୍ଷା ମନ୍ତ୍ରଣାଳୟ ଶନିବାର ବିଶେଷଜ୍ଞମାନଙ୍କର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି।

ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ଦୁର୍ନୀତି ରୋକିବା ପାଇଁ କେନ୍ଦ୍ର ସରକାର ଗତ ଫେବୃଆରୀରେ ପବ୍ଲିକ୍ ଏକ୍ଜାମିନେଶନ (ପ୍ରିଭେନ୍ସନ ଅଫ୍ ଅନ୍‌ଫେୟାର ମିନ୍ସ) ବିଲ୍ ପାର୍ଲାମେଣ୍ଟରେ ଗୃହୀତ କରାଇଥିଲେ। ଫେବୃଆରୀ ୧୩ରେ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଥିଲେ। ଏହି ଆଇନ ଅନୁଯାୟୀ ପ୍ରଶ୍ନପତ୍ର ଲିକ୍ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୩ରୁ ୧୦ ବର୍ଷ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡ ବ୍ୟବସ୍ଥା ରହିଛି। ସେବା ପ୍ରଦାନକାରୀ ସଂସ୍ଥା ଅପରାଧ ସମ୍ପର୍କରେ ରିପୋର୍ଟ କରିବାରେ ବିଫଳ ହେଲେ ୧ କୋଟି ଟଙ୍କା ଜରିମାନା ଗଣିବେ। ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪କୁ ଶୁକ୍ରବାର ଲାଗୁ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଯଥା ୟୁନିୟନ ପବ୍ଲିକ୍ ସର୍ଭିସ କମିଶନ (ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ କମିଶନ(ଏସ୍‌ଏସ୍‌ସି), ରେଲୱେ, ବ୍ୟାଙ୍କିଙ୍ଗ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଏବଂ ☞ପୃଷ୍ଠା-୪

## ଏନ୍ଇଇଟି- ପିଜି ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର, ୨୨।୬(ଅସମାପିକା ସାହୁ)**

ଦେଶରେ ଗୋଟିଏ ପରେ ଗୋଟିଏ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ବିଭ୍ରାଟ ସାମ୍ନାକୁ ଆସିବାରେ ଲାଗିଥିବାବେଳେ ଶନିବାର ରାତିରେ କେନ୍ଦ୍ର ସରକାର ଏନ୍ଇଇଟି-ପିଜି ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ କରିଛନ୍ତି। ଜୁନ୍ ୨୩ ରବିବାର ଏହି ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ମେଡିକାଲ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ଆୟୋଜିତ ହେଉଥିବା ଉକ୍ତ ପରୀକ୍ଷାର ପରିଚାଳନା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ(ଏନ୍‌ବିଏ) କରିଥାଏ। ତେବେ ନିକଟରେ କେତେକ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାଲିସ ହୋଇଥିବା ଅନେକ ଅଭିଯୋଗ ଆସିବା ପରେ ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏନ୍ଇଇଟି-ପିଜି ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ☞ପୃଷ୍ଠା-୪

## ଏନ୍‌ଟିଏ ମୁଖ୍ୟ ବହିଷ୍କୃତ

**ନୂଆଦିଲ୍ଲୀ,୨୨।୬ :** ଏନ୍ଇଇଟି ଏବଂ ୟୁଜିସି-ନେଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତାକୁ ନେଇ ବିବାଦ ତେଜିବା ପରେ କେନ୍ଦ୍ର ସରକାର ଶନିବାର ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂଙ୍କୁ ବହିଷ୍କାର କରିଛନ୍ତି। ତାଙ୍କ ସ୍ଥାନରେ ଟ୍ରେଡ୍ ପ୍ରମୋଶନ ଅର୍ଗାନାଇଜେଶନର ଅଧ୍ୟକ୍ଷ ଏବଂ ଏମ୍‌ଡି ପ୍ରଦୀପ ସିଂ ଖରୋଲାଙ୍କୁ ଏନ୍‌ଟିଏ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।






# ସମ୍ବଲପୁରରେ ଏମ୍ସ, ୫ ଲକ୍ଷ ଆବାସ

**ଭୁବନେଶ୍ୱର,୨୨।୬(ଅନିଲ ଦାସ)**

ରାଜ୍ୟରେ ପ୍ରଥମ ଥର କ୍ଷମତାକୁ ଆସିଥିବା ଭାଜପା ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ଅତିକମ୍‌ରେ ୫ ଲକ୍ଷ ଘର ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ସେହିପରି ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ୍ (ଏମ୍ସ) ସ୍ଥାପନ ସହିତ ଚଳିତ ନିର୍ବାଚନରେ ଦଳର ଇସ୍ତାହାରରେ ଘୋଷଣା କରାଯାଇଥିବା 'ସୁଭଦ୍ରା ଯୋଜନା'କୁ କାର୍ଯ୍ୟକାରୀ ପାଇଁ ଆଂଶିକ ସହାୟତା ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଶନିବାର ନୂଆଦିଲ୍ଲୀରେ ପ୍ରାକ୍‌ବଜେଟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ପରାମର୍ଶ ନେବାକୁ ଏହି ବୈଠକ ଡକାଯାଇଛି। ଏଥିରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଆଗାମୀ କେନ୍ଦ୍ର ବଜେଟ ୨୦୨୪-୨୫ରେ ଓଡ଼ିଶାରେ ଅନ୍ତର୍ଜାତୀୟ ନିବେଶ, ସେମିକଣ୍ଡକ୍ଟର ଶିଳ୍ପକୁ ☞ପୃଷ୍ଠା-୪

## କେନ୍ଦ୍ର ନିକଟରେ ଓଡ଼ିଶାର ଦାବି




ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରାକ୍ ବଜେଟ ପରାମର୍ଶ ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅର୍ଥ ବିଭାଗ ସଚିବ ବିଶାଳ ଦେବ।

## ହିନ୍ଦୁଜା ପରିବାରର ୪ ସଦସ୍ୟଙ୍କୁ ଜେଲ



ପ୍ରକାଶ ହିନ୍ଦୁଜା

**ମୁମ୍ବାଇ,୨୨।୬**

ଇଂଲଣ୍ଡର ସବୁଠୁ ଧନୀ ଭାବେ ପରିଚିତ ଭାରତୀୟ ବଂଶୋଦ୍ଭବ ହିନ୍ଦୁଜା ପରିବାରର ୪ ସଦସ୍ୟଙ୍କୁ ୪ ବର୍ଷରୁ ୪ ବର୍ଷ ୬ ମାସ ଜେଲ ଦଣ୍ଡାଦେଶ ହୋଇଛି। ସୁଇଜରଲାଣ୍ଡର ଜେନେଭାରେ ଥିବା ସେମାନଙ୍କ ଲକ୍ଜ୍ୟୁରି ଭିଲାରେ ନିୟୋଜିତ କର୍ମଚାରୀଙ୍କୁ ହିନ୍ଦୁଜା ପରିବାର ସଦସ୍ୟମାନେ ଶୋଷଣ କରୁଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଜେନେଭାର ଏକ ଅଦାଲତ ପ୍ରକାଶ ହିନ୍ଦୁଜା, ତାଙ୍କ ସ୍ତ୍ରୀ କମଲ, ପୁଅ ଅଜୟ ଏବଂ ବୋହୂ ନମ୍ରତାଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ସେମାନେ ତଳକୋର୍ଟର ରାୟ ବିରୋଧରେ ଅପିଲ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୩୭ ବିଲିୟନ ପାଉଣ୍ଡ ସମ୍ପତ୍ତିର ମାଲିକ ହିନ୍ଦୁଜା ପରିବାର ତୈଳ, ଗ୍ୟାସ୍, ବ୍ୟାଙ୍କିଙ୍ଗ ଆଦି ବ୍ୟବସାୟରେ ସମ୍ପୃକ୍ତ। ଏହା ବ୍ୟତୀତ ଲଣ୍ଡନର ରାଫଲ୍ସ ହୋଟେଲ ମଧ୍ୟ ଉକ୍ତ ପରିବାର ମାଲିକାନାରେ ରହିଛି। ତେବେ ଜେନେଭା ଭିଲାରେ ନିୟୋଜିତ ଅର୍ଦ୍ଧଶିକ୍ଷିତ ଭାରତୀୟ କର୍ମଚାରୀମାନଙ୍କୁ ଉପରୋକ୍ତ ୪ ହିନ୍ଦୁଜା ପରିବାର ସଦସ୍ୟ ଦୀର୍ଘବର୍ଷ ହେଲା କ୍ରୀତଦାସ ଭଳି ନିର୍ଯାତନା ଦେଉଥିଲେ। କର୍ମଚାରୀଙ୍କ ପାସ୍‌ପୋର୍ଟକୁ ହିନ୍ଦୁଜାମାନେ ଜବତ କରି ରଖିଥିଲେ।

# ଅଧିକାରୀଙ୍କୁ ନାଳକୁ ଠେଲିଦେଲେ

**ଯୋଡ଼ା,୨୨।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଦେଓଝରରେ ଥିବା ଏକ କମ୍ପାନୀର ତୈଳଯୁକ୍ତ ଜଳ ନିକଟବର୍ତ୍ତୀ ଗ୍ରାମରେ ଥିବା ନାଳରେ ମିଶିବାକୁ ନେଇ କିଛିଦିନ ହେବ ଉତ୍ତେଜନା ଲାଗି ରହିଛି। ଗ୍ରାମବାସୀ ଶନିବାର ସଂସ୍ଥାର କେତେଜଣ ଅଧିକାରୀଙ୍କୁ ନାଳ ପାଣି ଦେଖାଇବାକୁ ଡାକିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ କମ୍ପାନୀର ପ୍ରଦୂଷଣ ବିଭାଗ ଯନ୍ତ୍ରୀ ଭି. ପ୍ରଦୀପଙ୍କୁ ଦୂଷିତ ନାଳକୁ ଠେଲି ଦେଇଥିଲେ। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ଅନୁଯାୟୀ, ପୂର୍ବରୁ ଉକ୍ତ କାରଖାନାର ଦୂଷିତ ଜଳ ନାଳରେ ମିଶିବାରୁ ମାଛ ମଡ଼କ ଦେଖାଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ☞ପୃଷ୍ଠା-୪

## କମ୍ପାନୀର ବର୍ଜ୍ୟ ପାଣି ଦେଖାଇବାକୁ ଡାକିଥିଲେ



# ଅନୁଷ୍କା ଶେଟ୍ଟୀଙ୍କୁ 'ହସ ରୋଗ'

**ହାଇଦ୍ରାବାଦ, ୨୨।୬**

'ବାହୁବଳୀ' ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀ ସ୍ୟୁଡୋବୁଲ୍‌ବାର ଆଫେକ୍ଟ(ପିବିଏ) ନାମକ ଏକ ବିରଳ 'ହସ ରୋଗ'ରେ ପୀଡ଼ିତ ଅଛନ୍ତି। ଶନିବାର ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଅନୁଷ୍କା ଏନେଇ ସୂଚନା ଦେଇଛନ୍ତି। ଗତ କିଛି ଦିନ ଧରି ସେ ଏକ ବିରଳ ହସ ରୋଗରେ ପୀଡ଼ିତ ଥିବା କହିଛନ୍ତି। ତାଙ୍କ ପାଇଁ ହସିବା ଏବେ ଏକ ବିରାଟ ସମସ୍ୟାରେ ପରିଣତ ହୋଇଛି। ଯେତେବେଳେ ଥରେ ସେ ହସିବା ଆରମ୍ଭ କରନ୍ତି, ଏହାପରେ ତାଙ୍କପାଇଁ ହସ ବନ୍ଦ କରିବା କଷ୍ଟସାଧ ହୋଇ ପଡୁଥିବା ଅନୁଷ୍କା କହିଛନ୍ତି। କ୍ରମାଗତ ୧୫ରୁ ୨୦ ମିନିଟ ଧରି ସେ ହସି ରହୁଥିବା ସହ ଏହାକୁ ନିୟନ୍ତ୍ରଣ କରିବା ତାଙ୍କପାଇଁ କଷ୍ଟସାଧ ହୋଇପଡୁଛି। ତେଣୁ ଫିଲ୍ମ ଶୁଟିଂ ସମୟରେ ତାଙ୍କୁ ଅନେକ



ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅନୁଷ୍କା କହିଛନ୍ତି। ଖାସ୍‌କରି ବିଭିନ୍ନ କମେଡି ଦୃଶ୍ୟର ଶୁଟିଂ ସମୟରେ ତାଙ୍କୁ ସର୍ବାଧିକ ସମସ୍ୟାର ସାମ୍ନା କରିବାକୁ ପଡୁଛି। କମେଡି ଦୃଶ୍ୟ ଶୁଟିଂ କରିବା ସମୟରେ ତାଙ୍କ ହସ ଯୋଗୁ ଅନେକଥର ଶୁଟିଂ ବନ୍ଦ କରିବାକୁ ପଡ଼ିଥିଲା ବୋଲି ଅନୁଷ୍କା କହିଛନ୍ତି।

ତେବେ ଏହି ବିରଳ ରୋଗ ମଣିଷର ତ୍ରୁଟିପୂର୍ଣ୍ଣ ସ୍ନାୟୁଗତ ଅବସ୍ଥା ଯୋଗୁ ହୋଇଥାଏ। ଡାକ୍ତରୀ ଭାଷାରେ ଏହାକୁ ସ୍ୟୁଡୋବୁଲବାର ପ୍ରଭାବ(ପିବିଏ) କୁହନ୍ତି। ଅଧିକାଂଶ ଲୋକ ଏହି ବିରଳ ରୋଗକୁ ନେଇ ଅବଗତ ନ ଥିବା ଅନୁଷ୍କା କହିଛନ୍ତି। ଏହି ରୋଗ ଯୋଗୁ ଜଣେ ବ୍ୟକ୍ତି ଅନେକଥର କିମ୍ବା ବେଶି ମାତ୍ରାରେ ହସିବା ଆରମ୍ଭ କରିଥାଏ। ଉଭୟ କ୍ଷେତ୍ରରେ ହସକୁ ନିୟନ୍ତ୍ରଣ କରିବା ଉକ୍ତ ବ୍ୟକ୍ତିପାଇଁ କଷ୍ଟସାଧ ହୋଇଥାଏ। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ରରେ ଗଣମାଧ୍ୟମ**





## ସଂକ୍ଷେପରେ

### ରାଫାହର ଟେଣ୍ଟ କ୍ୟାମ୍ପରେ ଇସ୍ରାଏଲର ସେଲ୍ ମାଡ଼, ୨୫ ମୃତ

ରାଫାହ, ୨୨।୬

ରାଫାହରେ ବିସ୍ଥାପିତ ପାଲେଷ୍ଟିନୀୟଙ୍କ ଏକ ଟେଣ୍ଟ ଶିବିରକୁ ଶନିବାର ଇସ୍ରାଏଲୀ ସେନା ସେଲ୍ ମାଡ଼ କରିଛି। ଏହି ଆକ୍ରମଣରେ ୨୫ରୁ ଅଧିକ ଆହତ ହୋଇଥିବାବେଳେ ୫୦ ଜଣ ଆହତ ହୋଇଛନ୍ତି। ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଜରୁରିକାଳୀନ କର୍ମଚାରୀ ଏହି ସୂଚନା ଦେଇଛନ୍ତି। ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧରୁ ପଳାୟନ କରି ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଲୋକ ଉକ୍ତ ଟେଣ୍ଟ ଶିବିରରେ ରହୁଥିଲେ। ତେବେ ଇସ୍ରାଏଲୀ ସେନାର ଏହି ଆକ୍ରମଣକୁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଯାଇଛି।

### ଦର୍ଶନଙ୍କ ହାଜତ ମିଆଦ ଜୁଲାଇ ୪ ଯାଏ ବଢ଼ିଲା

ବେଙ୍ଗାଲୁରୁ, ୨୨।୬

କର୍ନାଟକର ବହୁଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟାକାଣ୍ଡ ମାମଲାରେ କନ୍ନଡ଼ ଅଭିନେତା ଦର୍ଶନ ଥୋଗୁଦୀପା ଓ ୩ ଅନ୍ୟ ଅଭିଯୁକ୍ତ ପ୍ରଦୋଷ, ବିନୟ ଓ ଧନରାଜଙ୍କ ହାଜତ ମିଆଦ ଆସନ୍ତା ଜୁଲାଇ ୪ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଜୁଲାଇ ୪ ଯାଏ ଦର୍ଶନ ଓ ତାଙ୍କର ଏହି ୩ ସହଯୋଗୀଙ୍କୁ ପରପ୍ପାନା ଅଗ୍ରହାରା କେନ୍ଦ୍ରୀୟ କାରାଗାରରେ ରଖିବା ପାଇଁ ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଦର୍ଶନଙ୍କ ବାନ୍ଧବୀ ପବିତ୍ରାଙ୍କୁ ତାଙ୍କର ଜଣେ ଫ୍ୟାନ୍ ରେଣୁକାସ୍ୱାମୀ ସୋସିଆଲ ମିଡିଆରେ ଅଶ୍ଳୀଳ ମେସେଜ ପଠାଉଥିଲେ। ଏଥିରେ ଅତିଷ୍ଠ ହୋଇ ଦର୍ଶନ ରେଣୁକାସ୍ୱାମୀଙ୍କ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ବେଙ୍ଗାଲୁରୁ ପୋଲିସ ସୂଚନା ଦେଇଛି।

### ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ମୁଖ୍ୟ ପୂଜକଙ୍କ ପରଲୋକ



ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ଦୀକ୍ଷିତ

ଅଯୋଧ୍ୟା, ୨୨।୬

ଗତ ଜାନୁୟାରୀରେ ଅନୁଷ୍ଠିତ ହୋଇଥିବା ଅଯୋଧ୍ୟାର ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ମୁଖ୍ୟ ପୂଜକ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ଦୀକ୍ଷିତ(୮୬)ଙ୍କ ଶନିବାର ପରଲୋକ ଘଟିଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିବା ପରିବାର ଲୋକେ କହିଛନ୍ତି। କାଶୀର ବରିଷ୍ଠ ବିଦ୍ୱାନ ଭାବେ ଜଣାଶୁଣା ଲକ୍ଷ୍ମୀକାନ୍ତଙ୍କ ନେତୃତ୍ୱରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ସମସ୍ତ ପୂଜା ଶେଷ କରାଯାଇଥିଲା। ସେ ମହାରାଷ୍ଟ୍ରର ସୋଲାପୁରରେ ଜନ୍ମଗ୍ରହଣ କରିଥିବାବେଳେ ଅନେକ ପିଢ଼ିରୁ ତାଙ୍କ ପରିବାର ବାରାଣସୀରେ ରହୁଛନ୍ତି। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି। ଭାରତୀୟ ସଂସ୍କୃତି ଓ ସଂସ୍କୃତ ଭାଷା ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି ମୋଦି କହିଛନ୍ତି।

# ପ୍ରଶ୍ନପତ୍ର ଲିକ୍ ପଛରେ ସଲ୍‌ଭର ଗ୍ୟାଙ୍ଗ୍

ନୂଆଦିଲ୍ଲୀ/ପାଟନା, ୨୨।୬

**ଏନ୍‌ଇଇଟି ବିଭ୍ରାଟ**
- ମାଷ୍ଟରମାଇଣ୍ଡ ରବି ଆତ୍ରି ଗିରଫ
- ଅଭିଯୁକ୍ତଙ୍କ ନାର୍କୋ ଟେଷ୍ଟ ହୋଇପାରେ



ରବି ଆତ୍ରି

ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ପଛର ମାଷ୍ଟରମାଇଣ୍ଡ ରବି ଆତ୍ରିଙ୍କୁ ଉତ୍ତରପ୍ରଦେଶର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଶନିବାର ଗିରଫ କରିଛି। ତାଙ୍କ ଘର ଗ୍ରେଟର ନୋଏଡ଼ାର ନିମ୍‌କା ଗ୍ରାମରେ। ଡାକ୍ତରୀ ପାଠ୍ୟକ୍ରମ ଲାଗି ଅନୁଷ୍ଠିତ ଦେଶର ସବୁଠୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରୀକ୍ଷାରେ ରବିଙ୍କ ସମ୍ପୃକ୍ତି ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶ୍ନପତ୍ର ଜାଲିଆତି ପଛରେ ସଲ୍‌ଭର ଗ୍ୟାଙ୍ଗ୍ ରହିଥିବା କୁହାଯାଉଛି। କାରଣ ରବି ଆତ୍ରିଙ୍କ ଦ୍ୱାରା ଚାଲିଥିବା ନେଟ୍‌ୱର୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପ୍ରଶ୍ନପତ୍ରଗୁଡ଼ିକର ସମାଧାନ ଅପ୍‌ଲୋଡ୍ କରିବାରେ ସମ୍ପୃକ୍ତ ଥିଲା। ପୂର୍ବରୁ ବିଭିନ୍ନ ରାଜ୍ୟରେ ହୋଇଥିବା ପ୍ରଶ୍ନପତ୍ର ପ୍ରଘଟ ସହ ଏହି ସଲ୍‌ଭର ଗ୍ୟାଙ୍ଗ ସମ୍ପୃକ୍ତ। ୨୦୧୨ରେ ମେଡିକାଲ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ଦିଲ୍ଲୀ ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚ ରବିଙ୍କୁ ଗିରଫ କରିଥିଲା।

ବିହାର ପୋଲିସ୍‌ର ଅର୍ଥନୈତିକ ଅପରାଧ ଶାଖା (ଇଓୟୁ) ଏନ୍‌ଇଇଟିର ରିଫରେନ୍ସ ପ୍ରଶ୍ନପତ୍ର ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏରୁ ପାଇଛି। ଚଢ଼ାଉ ବେଳେ ବିଭିନ୍ନ ସ୍ଥାନରୁ ଜବତ ହୋଇଥିବା ପୋଡ଼ା ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ସହ ଇଓୟୁ ଏହାକୁ ମେଳ କରିବ। ପ୍ରଶ୍ନପତ୍ର ଲିକ୍ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ନାର୍କୋ ଆନାଲିସିସ୍ ଏବଂ ବ୍ରେନ୍ ମ୍ୟାପିଙ୍ଗ୍ ଟେଷ୍ଟ ହୋଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସେହିପରି ମେଡିକାଲ ପ୍ରବେଶିକା ପରୀକ୍ଷା ଅନିୟମିତତା ସହ ଜଡ଼ିତ ମନିଲଣ୍ଡରିଂ ଦିଗ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ କରିବା ନେଇ ଉକ୍ତ ସୂତ୍ରରୁ ସୂଚନା ମିଳିଛି।

ପ୍ରବେଶିକା ପରୀକ୍ଷାର ଦିନକ ପୂର୍ବରୁ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀର ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଏଥିପାଇଁ ପରୀକ୍ଷାର୍ଥୀଙ୍କଠାରୁ ୩୦ରୁ ୩୨ ଲକ୍ଷ ଟଙ୍କା ଲେଖାଏ ନିଆଯାଇଥିବା ଗିରଫ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଏହି ଦୁର୍ନୀତି ପଛରେ ରାଜନୈତିକ ସମ୍ପୃକ୍ତି ରହିଥିବା ମଧ୍ୟ ପଦାକୁ ଆସିବାରେ ଲାଗିଛି। ଇଓୟୁ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କୁ ଗିରଫ କଲାଣି।

ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି ଅଭିଯୋଗ ପରେ ପରୀକ୍ଷା ବାତିଲ କରାଯିବାକୁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଦାବି କରିଆସୁଥିବାବେଳେ କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରିଛନ୍ତି। ପେପର ଲିକ୍ ଯୋଗୁ ଅଳ୍ପ କେତେଜଣ ପିଲା ପ୍ରଭାବିତ ହୋଇଛନ୍ତି। ପରୀକ୍ଷା ବାତିଲ କଲେ ଲକ୍ଷ ଲକ୍ଷ ପିଲା ପ୍ରଭାବିତ ହେବେ। କେତେଜଣ ପିଲାଙ୍କ ପାଇଁ ଏତେ ସଂଖ୍ୟାରେ ପିଲାଙ୍କୁ ପ୍ରଭାବିତ ହେବାକୁ ଦିଆଯିବ ନାହିଁ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ୨୦୦୪ ଏବଂ ୨୦୧୫ ଘଟଣାରେ ବହୁସଂଖ୍ୟାରେ ପରୀକ୍ଷାରେ ପେପର ଲିକ୍ ଯୋଗୁ ପ୍ରଭାବିତ ହୋଇଥିବାରୁ ଏହାକୁ ବାତିଲ କରାଯାଇଥିଲା। ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ଅଦାଲତ ଯେଉଁ ନିଷ୍ପତ୍ତି ନେବେ ତାହା ଚୂଡ଼ାନ୍ତ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଗର୍ଭପାତକୁ ଅନୁମତି ଦେବ ୟୁଏଇ

ଆବୁଧାବୀ, ୨୨।୬

ବଳାତ୍କାର ଏବଂ ପରିବାର ସଦସ୍ୟଙ୍କ ସହ ଅନୈତିକ ଯୌନ ସମ୍ପର୍କ ଯୋଗୁ ଗର୍ଭବତୀ ହୋଇଥିବା ମହିଳାଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଗର୍ଭପାତ ଅନୁମତି ଦେବାକୁ ଯାଉଛି। ଏଭଳି ଏକ ପ୍ରସ୍ତାବ ୟୁଏଇ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିଛି। ଅନୈତିକ ଗର୍ଭଧାରଣର ୧୨୦ ଦିନ ମଧ୍ୟରେ ଏହି ପ୍ରକ୍ରିୟା କରାଯିବ। ୟୁଏଇର ଏହି ଗର୍ଭପାତ ଆଇନ ଆମେରିକା ତୁଳନାରେ ଅଧିକ ଉଦାର ହେବ। ୨୦୨୨ରେ ଆମେରିକା ସୁପ୍ରିମକୋର୍ଟ ଗର୍ଭପାତ ପାଇଁ ରହିଥିବା ସାମ୍ବିଧାନିକ ସୁରକ୍ଷାକୁ ଉଠାଇଦେଇଥିଲେ ମଧ୍ୟ ଏହାର ୧୪ଟି ରାଜ୍ୟ ଗର୍ଭପାତକୁ ନିଷେଧ କରିଛନ୍ତି। ଏପରିକି ଆମେରିକାର ୯ଟି ରାଜ୍ୟ ଆଲାବାମା, ଆର୍କାନ୍‌ସାସ୍, କେଣ୍ଟୁକି, ଲୁଇସିଆନା, ମିସୌରୀ, ଓକ୍‌ଲାହୋମା, ସାଉଥ୍ ଡାକୋଟା, ଟେନେସି ଏବଂ ଟେକ୍ସାସ୍‌ରେ ବଳାତ୍କାର ଓ ବେଆଇନ ଯୌନ ସମ୍ପର୍କରୁ ହୋଇଥିବା ଗର୍ଭଧାରଣକୁ ଆବର୍ଶନ କରିବା ପାଇଁ ମଧ୍ୟ ଅନୁମତି ଦିଆଯାଇ ନାହିଁ।



ଭାରତ ଗସ୍ତରେ ଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନାରତ।

## ବାଣିଜ୍ୟିକ ସମ୍ପର୍କ ବଢ଼ାଇବାକୁ ଭାରତ-ବାଂଲାଦେଶ ଚୁକ୍ତି

ନୂଆଦିଲ୍ଲୀ, ୨୨।୬

ସାମୁଦ୍ରିକ କ୍ଷେତ୍ର ସମେତ ବାଣିଜ୍ୟିକ ସମ୍ପର୍କ ବଢ଼ାଇବା ପାଇଁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଶନିବାର କେତେକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ନୂଆଦିଲ୍ଲୀ ଗସ୍ତରେ ଆସିଥିବା ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଆଲୋଚନା ଅବସରରେ ବିସ୍ତୃତ ଅର୍ଥନୈତିକ ଭାଗିଦାରିତା ବଢ଼ାଇବା ପାଇଁ ବୁଝାମଣା ଆରମ୍ଭ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ। ସେହିପରି ଦୁଇ ଦେଶ ମଧ୍ୟରେ ରେଳ ସଂଯୋଗ ପାଇଁ ମଧ୍ୟ ଏକ ରାଜିନାମା ସ୍ୱାକ୍ଷର ହୋଇଛି। ସବୁଜ ସହଭାଗିତା, ଡିଜିଟାଲ ପାର୍ଟନରଶିପ୍, ସାମୁଦ୍ରିକ ଅର୍ଥନୀତି ଏବଂ ମହାକାଶ କ୍ଷେତ୍ରରେ ସହଯୋଗ ପାଇଁ ସହମତି ହୋଇଥିବାରୁ ଉଭୟ ଦେଶର ଯୁବବର୍ଗ ଏହାଦ୍ୱାରା ଲାଭବାନ୍ ହେବେ ବୋଲି ବୈଠକ ଶେଷରେ ମୋଦି ଗଣମାଧ୍ୟମକୁ କହିଛନ୍ତି। ସେହିପରି ହାସିନା ତାଙ୍କ ବିବୃତିରେ ଭାରତକୁ ବାଂଲାଦେଶର ବୃହତ୍ ପଡୋଶୀ, ବିଶ୍ୱସ୍ତ ବନ୍ଧୁ ଏବଂ ଆଞ୍ଚଳିକ ସହଯୋଗୀ ବୋଲି କହିଛନ୍ତି। ବାଂଲାଦେଶର ସ୍ୱାଧୀନତାରେ ଭାରତ ସରକାର ଓ ଜନସାଧାରଣଙ୍କ ଅବଦାନକୁ ମନେପକାଇ ହାସିନା କୃତଜ୍ଞତା ଜଣାଇଥିଲେ। ଭାରତ ସହ ସମ୍ପର୍କକୁ ବାଂଲାଦେଶ ସର୍ବାଧିକ ସମ୍ମାନ ଦେଇଥାଏ ବୋଲି ସେ କହିଥିଲେ।

## ଯୋଧପୁରରେ ସାମ୍ପ୍ରଦାୟିକ ହିଂସା: ୨ ପୋଲିସ ଆହତ

ଯୋଧପୁର, ୨୨।୬

ରାଜସ୍ଥାନର ଯୋଧପୁରରେ ଶୁକ୍ରବାର ରାତିରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟି ଉତ୍ତ୍ୟକ୍ତ ଲୋକଙ୍କ ଟେକାମାଡ଼ରେ ୨ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଦଙ୍ଗାକାରୀମାନେ ଗୋଟିଏ ଦୋକାନ ଓ ଗୋଟିଏ ଟ୍ରାକ୍ଟର ଜାଳିଦେବା ସହ ଗୋଟିଏ ଗାଡ଼ି ଭାଙ୍ଗିଦେଇଛନ୍ତି। ସୁର୍ ସାଗର ୟଚଳର ରାଜାମ ସର୍କଲ ନିକଟରେ ଥିବା ଇଦ୍‌ଗା ପଛପାର୍ଶ୍ୱରେ ଏକ ଫାଟକ ନିର୍ମାଣକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନାରୁ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା ବୋଲି ଯୋଧପୁର ପଶ୍ଚିମର ଡିସିପି ରାଜେଶ କୁମାର ଯାଦବ କହିଛନ୍ତି। ଇଦ୍‌ଗା ପଛ ପାର୍ଶ୍ୱରେ ଗେଟ୍ ନିର୍ମାଣ ହେଲେ ଯାତାୟାତରେ ସମସ୍ୟା ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକେ କହିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଉତ୍ତେଜନା ଲାଗିରହିଥିବାରୁ ସେଠାରେ ଅତିରିକ୍ତ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଶାରୀରିକ ସମ୍ପର୍କ ପାଇଁ ସ୍ୱାମୀଙ୍କୁ ବାରଣ କରିବା ନିଷ୍ଠୁରତା: ହାଇକୋର୍ଟ

ଭୋପାଳ, ୨୨।୬

ଶାରୀରିକ ସମ୍ପର୍କ ରଖିବା ପାଇଁ ସ୍ୱାମୀଙ୍କୁ ବାରଣ କରିବା ହିନ୍ଦୁ ବିବାହ ଆଇନରେ ନିଷ୍ଠୁରତା ବୋଲି ମଧ୍ୟପ୍ରଦେଶ ହାଇକୋର୍ଟ ଏକ ମାମଲାର ରାୟ ଦେଲାବେଳେ କହିଛନ୍ତି। ଏହି ଆଧାରରେ ତଳକୋର୍ଟ ସମ୍ପୃକ୍ତ ସ୍ୱାମୀଙ୍କୁ ଛାଡ଼ପତ୍ର ଅନୁମତି ଦେଇଥିବାବେଳେ ହାଇକୋର୍ଟ ଏହାକୁ କାଏମ ରଖିଛନ୍ତି। ଉକ୍ତ ଦମ୍ପତି ୨୦୧୩ ମେ' ୨୬ରେ ବିବାହ କରିଥିଲେ। ପରୀକ୍ଷା ଦେବା ନାଁରେ ବିବାହର ୩ ଦିନ ପରେ ମହିଳା ଜଣକ ବାପଘରକୁ ଚାଲିଯାଇଥିଲେ। ପରେ ସେ ଶାଶୂଘରକୁ ଫେରିବାକୁ ମନା କରିଦେଇଥିଲେ। ସେ ଶାଶୂଘର ଲୋକଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ସିଧି ଥାନାରେ ଏତଲା ଦେବା ପରେ ଆପୋଷ ବୁଝାମଣାରେ ଛାଡ଼ପତ୍ର ପାଇଁ ଉଭୟ ରାଜି ହୋଇଥିଲେ। ସ୍ୱାମୀ ସାତ୍‌ନା କୋର୍ଟରେ ଛାଡ଼ପତ୍ର ଆବେଦନ କରିବା ପରେ ମହିଳା ଜଣକ ତାଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଦାଏର କରିଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ୨୦୨୧ ଅଗଷ୍ଟ ୧୭ରେ ପରିବାର ଅଦାଲତ ସେମାନଙ୍କ ଛାଡ଼ପତ୍ରକୁ ମଞ୍ଜୁରୀ ଦେଇଥିଲେ। ମହିଳା ଜଣକ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

### କାରଖାନାରେ ବିସ୍ଫୋରଣ, ୪ ମୃତ

ଗୁରୁଗ୍ରାମ, ୨୨।୬

ହରିୟାଣାର ଗୁରୁଗ୍ରାମସ୍ଥିତ ଦୌଲତାବାଦ ଶିଳ୍ପାଞ୍ଚଳରେ ଏକ ଫାୟାରବଲ କାରଖାନାରେ ଶନିବାର ବିସ୍ଫୋରଣ ଘଟି ୪ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ ଆହତ ହୋଇଛନ୍ତି। ଦମକଳ ବାହିନୀର ୨୪ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ବିସ୍ଫୋରଣ ସମୟରେ କାରଖାନା ମଧ୍ୟରେ ୧୫ ଜଣ ବ୍ୟକ୍ତି ଥିବା ଅଗ୍ନିଶମ ଅଧିକାରୀ ରମେଶ କୁମାର କହିଛନ୍ତି। ୪ ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଫାୟାର ବଲ ତିଆରି ପାଇଁ ବ୍ୟବହୃତ ପୋଟାସିୟମ କଣ୍ଟେନର୍‌ରେ ଏହି ବିସ୍ଫୋରଣ ଘଟିଥିବା ପୋଲିସ ସୂଚନା ଦେଇଛି। ବିସ୍ଫୋରଣର ତଦନ୍ତ ପାଇଁ ହରିୟାଣା ସରକାର ଏକ ୫ ଜଣିଆ କମିଟି ଗଠନ କରିଛନ୍ତି। ସୂଚନାଯୋଗ୍ୟ, 'ଟେକ୍ନୋକ୍ରାଟ ପ୍ରଡକ୍ଟିଭ୍ ସଲ୍ୟୁସନ'ର ଏହି ଫାୟାରବଲ କାରଖାନାରେ ବିଭିନ୍ନ ମଡେଲର ଅଗ୍ନି ନିର୍ବାପକ ଯନ୍ତ୍ର ଉତ୍ପାଦନ କରାଯାଏ।

## ବିହାରରେ ଆଉ ଏକ ବ୍ରିଜ୍ ଭୁଶୁଡ଼ିଲା




ସିୱାନ, ୨୨।୬

ବିହାରର ଅରାରିଆ ଜିଲାରେ ଏକ ବ୍ରିଜ୍ ଉଦ୍‌ଘାଟନ ହେବା ପୂର୍ବରୁ ଗତ ମଙ୍ଗଳବାର ଭୁଶୁଡ଼ିଥିଲା। ଏହାର ୪ ଦିନ ପରେ ଶନିବାର ଭୋର ସମୟରେ ସିୱାନ ଜିଲାରେ ଅନ୍ୟ ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିଛି। ଏକ କେନାଲ ଉପରେ ଥିବା ଏହି ବ୍ରିଜ୍ ମହାରାଜଗଞ୍ଜ ବ୍ଲକ୍ ସହ ଦରାଉଣ୍ଡା ଗ୍ରାମକୁ ସଂଯୋଗ କରୁଥିଲା। ୧୯୯୧ରେ ନିର୍ମିତ ଏହି ବ୍ରିଜ୍‌ର ପିଲାରଗୁଡ଼ିକ ଦୁର୍ବଳ ହୋଇଯାଇଥିଲା। ବ୍ରିଜ୍ ଭୁଶୁଡ଼ିବା ଯୋଗୁ କେହି ମୃତାହତ ହୋଇ ନାହାନ୍ତି। ସୂଚନାଯୋଗ୍ୟ, ଅରାରିଆ ବ୍ରିଜ୍ ଭୁଶୁଡ଼ିବା ଘଟଣାରେ ଦାୟୀ ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଜୈବ ବିଘଟନଯୋଗ୍ୟ ପ୍ଲାଷ୍ଟିକ୍‌ର ଉଦ୍ଭାବନ

କୋପେନହାଗନ, ୨୨।୬



ସମ୍ପ୍ରତି ପ୍ଲାଷ୍ଟିକ୍ ପ୍ରଦୂଷଣ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସ୍ଥାୟିତ୍ୱ ଏବଂ ସ୍ୱଳ୍ପ ମୂଲ୍ୟରେ ମିଳୁଥିବା ହେତୁ ପ୍ଲାଷ୍ଟିକକୁ ବିଭିନ୍ନ କାର୍ଯ୍ୟରେ ବହୁଳ ଭାବେ ବ୍ୟବହାର କରାଯାଉଛି। ସେହିପରି ବିଶ୍ୱସ୍ତରରେ କେବଳ ୯% ପ୍ଲାଷ୍ଟିକକୁ ପୁନଃ ବ୍ୟବହାର କରାଯାଇପାରୁଥିବାରୁ ଏହାର ବିପରୀତ ପ୍ରଭାବ ଜଳବାୟୁ ଉପରେ ପଡୁଛି। ଅଧିକ ପ୍ଲାଷ୍ଟିକ ଉତ୍ପାଦନ ଓ ବ୍ୟବହାର ଫଳରେ ବେଶି ମାତ୍ରାରେ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହେଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଡେନ୍‌ମାର୍କର କୋପେନହାଗନ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ଓ ପରିବେଶ ବିଜ୍ଞାନ ବିଭାଗର ବୈଜ୍ଞାନିକମାନେ ଏକ ନୂତନ ପ୍ରକାରର ଜୈବ ବିଘଟନ ଯୋଗ୍ୟ ପ୍ଲାଷ୍ଟିକର ଉଦ୍ଭାବନ କରିଛନ୍ତି। ବାର୍ଲି ଜାତୀୟ ଶସ୍ୟ ଓ ଚିନି ଶିଳ୍ପରୁ ବାହାରୁଥିବା ବର୍ଜ୍ୟବସ୍ତୁରୁ ସେମାନେ ଏହି ନୂତନ ପ୍ରକାରର ବାୟୋ ପ୍ଲାଷ୍ଟିକକୁ ବିକଶିତ କରିଛନ୍ତି। ପରିବେଶ ପାଇଁ ଏହି ବାୟୋ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ରୂପେ ଅନୁକୂଳ ରହିଛି। ଏହି ବାୟୋ ପ୍ଲାଷ୍ଟିକ ପ୍ରକୃତିରେ ସମ୍ପୂର୍ଣ୍ଣ ମିଶିଯାଇ ଖତରେ ପରିଣତ ହୋଇଥାଏ ତେଣୁ ଏହାର ବ୍ୟବହାରରେ ପ୍ରଦୂଷଣକୁ ହ୍ରାସ କରାଯାଇପାରିବ ବୋଲି କୋପେନହାଗନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଦାବି କରିଛନ୍ତି। କେବଳ ୨ ମାସ ମଧ୍ୟରେ ଏହି ବାୟୋ ପ୍ଲାଷ୍ଟିକ ପ୍ରକୃତିରେ ସମ୍ପୂର୍ଣ୍ଣ ଭାବେ କ୍ଷୟ ହୋଇପାରିବ ବୋଲି ଏହି ଗବେଷଣାର ମୁଖ୍ୟ ବୈଜ୍ଞାନିକ ଆଣ୍ଡ୍ରିଆସ ବ୍ଲେନୋ କହିଛନ୍ତି। ପ୍ରାକୃତିକ ଉଦ୍ଭିଦ ସାମଗ୍ରୀରେ ନିର୍ମିତ ଏହି ଜୈବ ବିଘଟନଯୋଗ୍ୟ ପ୍ଲାଷ୍ଟିକ, ଖାଦ୍ୟ ପ୍ୟାକେଜିଂ ସହ ଅନେକ ପ୍ରକାର ପ୍ରୟୋଗ ପାଇଁ ବ୍ୟବହୃତ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ବର୍ତ୍ତମାନ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକଠାରୁ ଏହି ନୂତନ ବାୟୋ ପ୍ଲାଷ୍ଟିକ ଅଧିକ ଶକ୍ତିଶାଳୀ ଓ ଅଧିକ ଜଳ ପ୍ରତିରୋଧକ ହୋଇଥିବା ଆଣ୍ଡ୍ରିଆସ କହିଛନ୍ତି।

## ଫୁର୍‌ସତ୍

## ସ୍ନାତକୋତ୍ତର ହେଲେ ୧୦୫ ବର୍ଷୀୟା

ୱାଶିଂଟନ



ସାଧାରଣତଃ କଲେଜ ପଢ଼ା ସରିଯିବା ପରେ ଆଉ କେହି ପଢ଼ିବାକୁ ପସନ୍ଦ କରି ନ ଥାନ୍ତି। ପଢ଼ିବା ପାଇଁ ଆଉ ବୟସ ନ ଥିବା କହି ଅଧିକାଂଶ ଲୋକ ନିଜ କର୍ମ କ୍ଷେତ୍ରକୁ ଫୋକସ୍ କରି ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତି। ତେବେ ନିକଟରେ ଆମେରିକାର ଜଣେ ମହିଳା ପାଠପଢ଼ା ଛାଡ଼ିବାର ଦୀର୍ଘ ୮ ଦଶନ୍ଧି ପରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସମସ୍ତଙ୍କୁ ଚକିତ କରିଛି। ୧୦୫ ବର୍ଷ ବୟସରେ ଜୀବନର ଶେଷ ଅବସ୍ଥାରେ ଏହି ମହିଳା ଜଣକ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ଦୃଢ଼ ଇଚ୍ଛା ଶକ୍ତି ଓ ମନୋବଳ ଆଗରେ ବୟସ ହାର ମାନିଥିବା ପ୍ରମାଣିତ ହୋଇଛି। ସାରା ବିଶ୍ୱ ଏବେ ଏହି ମହିଳାଙ୍କ ଦୃଢ଼ ଆତ୍ମବିଶ୍ୱାସ, ସାହସ ତଥା ପଢ଼ା ପାଇଁ ରହିଥିବା ଭଲପାଇବା ଓ ଦୁର୍ବଳତାକୁ ପ୍ରଶଂସା କରୁଛି।

ଭର୍ଜିନିଆ ହିସ୍‌ଲୋପ ନାମ୍ନୀ ଏହି ୧୦୫ ବର୍ଷୀୟା ଆମେରିକୀୟ ମହିଳା ନାମ ଲେଖାଇବାର ଦୀର୍ଘ ୮୪ ବର୍ଷ ପରେ 'ଷ୍ଟାନ୍‌ଫୋର୍ଡ ଗ୍ରାଜୁଏଟ ସ୍କୁଲ୍ ଅଫ୍ ଏଜୁକେଶନ(ଜିଏସ୍‌ଇ)'ରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୪୦ରେ 'ଷ୍ଟାନ୍‌ଫୋର୍ଡ ଜିଏସ୍‌ଇ'ର ଶିକ୍ଷା ବିଭାଗରେ ନାମ ଲେଖାଇବା ସହ ଠିକ୍ ସମୟରେ ନିଜ କୋର୍ସ ମଧ୍ୟ ପୂରା କରିଥିଲେ। ତେବେ ସେ ଏହି ବିଶ୍ୱବିଦ୍ୟାଳୟରେ ନିଜର ଅନ୍ତିମ ମାଷ୍ଟର ଥେସିସ୍ ଜମା କରିବା ପୂର୍ବରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା ଓ ତାଙ୍କର ଡିଗ୍ରୀ ପାଇବା ସ୍ୱପ୍ନ ଅଧାରେ ରହିଯାଇଥିଲା। ସେତେବେଳେ ଭର୍ଜିନିଆଙ୍କ ପ୍ରେମିକଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗଦେବାକୁ ଡକରା ଆସିଥିଲା ଓ ସେ ଯୁଦ୍ଧରେ ସାମିଲ ହୋଇଥିଲେ। ଫଳରେ ଭର୍ଜିନିଆ ମଧ୍ୟ ତାଙ୍କ ପ୍ରେମିକଙ୍କୁ ବିବାହ କରିବା ପାଇଁ ପଢ଼ା ଅଧାରୁ ଛାଡ଼ିଥିଲେ। ପରେ ଭର୍ଜିନିଆ ତାଙ୍କ ପ୍ରେମିକଙ୍କୁ ବିବାହ କରିବା ସହ ନିଜ ପରିବାରର କାର୍ଯ୍ୟ ତଥା ତାଙ୍କ ପିଲାମାନଙ୍କ ଦେଖାଶୁଣା କରିଥିଲେ।

ତେବେ ନିକଟରେ 'ଷ୍ଟାନ୍‌ଫୋର୍ଡ ଜିଏସ୍‌ଇ' ପକ୍ଷରୁ ସ୍ନାତକୋତ୍ତର ପାଇଁ ଥେସିସ୍‌ର ଆବଶ୍ୟକତାକୁ ସମାପ୍ତ କରି ଦିଆଯାଇଛି। ଫଳରେ ଭର୍ଜିନିଆ ରେକର୍ଡ ୧୦୫ ବର୍ଷ ବୟସରେ ମାଷ୍ଟର ଡିଗ୍ରୀ ହାସଲ କରିପାରିଛନ୍ତି। ଶୁକ୍ରବାର ତାଙ୍କୁ 'ଷ୍ଟାନ୍‌ଫୋର୍ଡ ଜିଏସ୍‌ଇ'ର ଡିନ୍ ଡାନିଏଲ୍ ସ୍ୱାର୍ଟଜ୍ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଭର୍ଜିନିଆ ହିସଲପ୍ ଶିକ୍ଷା ବିଷୟରେ ମାଷ୍ଟର ଅଫ୍ ଆର୍ଟସ୍ ଡିଗ୍ରୀ ହାସଲ କରିଛନ୍ତି।

## 'କଲ୍‌କୀ ୨୮୯୮ ଏଡି'ର ୨ୟ ଟ୍ରେଲର

ମୁମ୍ବାଇ



୨୦୨୪ର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'କଲ୍‌କୀ ୨୮୯୮ ଏଡି'ର ଦ୍ୱିତୀୟ ଟ୍ରେଲର ଶନିବାର ରିଲିଜ୍ ହୋଇଛି। ଫିଲ୍ମର ଏହି ଦ୍ୱିତୀୟ ଟ୍ରେଲରରେ ଅମିତାଭ ବଚ୍ଚନ, ଦୀପିକା ପାଦୁକୋନ, ପ୍ରଭାସ ଓ କମଲ ହାସନଙ୍କ ଚରିତ୍ରକୁ ଅଧିକ ବିସ୍ତୃତ ଭାବରେ ଦର୍ଶାଯାଇଛି। ଟ୍ରେଲର ଆରମ୍ଭରେ ଅମିତାଭ ବଚ୍ଚନଙ୍କ ଚରିତ୍ର ଅଶ୍ୱତ୍ଥମା ଦୀପିକା ପାଦୁକୋନଙ୍କ ଚରିତ୍ରକୁ ଶତ୍ରୁଙ୍କ କବଳରୁ ରକ୍ଷା କରୁଥିବା ନଜର ଆସିଛନ୍ତି। ଏହାପରେ ଦୀପିକାଙ୍କ ସମେତ ଅନେକ ଚରିତ୍ର ଛୋଟ ଛୋଟ ସଂଳାପ ସହ ଭିନ୍ନ ଭିନ୍ନ ଦୃଶ୍ୟରେ ନଜର ଆସିଛନ୍ତି। ସେହିପରି ଏହି ଟ୍ରେଲରରେ ପ୍ରଭାସ ଓ ଅମିତାଭଙ୍କ ମଧ୍ୟରେ ଲଢେଇ ହେଉଥିବା ଦେଖିବାକୁ ମିଳିଛି। ଏଥିରେ ଅନେକ ଦୃଶ୍ୟ ପରେ କମଲ ହାସନଙ୍କ ଚରିତ୍ର ମଧ୍ୟ ସାମ୍‌ନାକୁ ଆସିଛି। ତେବେ ଏହି ଚରିତ୍ରରେ କମଲଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ମୋଟ୍ ଉପରେ କହିବାକୁ ଗଲେ ଫିଲ୍ମର ଦ୍ୱିତୀୟ ଟ୍ରେଲର କଲ୍‌କୀ ଜଗତର ଝଲକ୍‌କୁ ଦେଖାଇଛି। ୨ ମିନିଟ୍ ୨୨ ସେକେଣ୍ଡର ଏହି ଟ୍ରେଲରରୁ ବକ୍ସ ଅଫିସରେ ଫିଲ୍ମଟି ସୁପର ହିଟ୍ ହେବ ବୋଲି ଅନେକ ପ୍ରଶଂସକ ଅନୁମାନ କରିଛନ୍ତି।

**ଯାମିନୀ ଷଡ଼ଙ୍ଗୀଙ୍କୁ ଓସେପା ଏସ୍‌ପିଡି ଦାୟିତ୍ୱ**

ଭୁବନେଶ୍ୱର, ୨୨।୬(ଅସମାପିକା ସାହୁ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ପ୍ରକଳ୍ପ ସଂଯୋଜକ ଯାମିନୀ ଷଡ଼ଙ୍ଗୀଙ୍କୁ ରାଜ୍ୟ ସରକାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ(ଏସ୍‌ପିଡି) ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓସେପାର ଏସ୍‌ପିଡି ଥିବା ପାରୁଲ ପଟୱାରୀଙ୍କୁ ରାଜ୍ୟ ସରକାର ଛୁଟି ଅନୁମତି ଦେବାପରେ ଯାମିନୀ ଷଡ଼ଙ୍ଗୀଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତ କରିଛନ୍ତି। ପାରୁଲ ଆସନ୍ତା ୨୪ ତାରିଖରୁ ଜୁଲାଇ ୧୨ ପର୍ଯ୍ୟନ୍ତ ନିଜ ଘର ରାଜସ୍ଥାନର ଜୟପୁରକୁ ଛୁଟିରେ ଯିବେ।




# ୮୦ ଲକ୍ଷରେ ପସନ୍ଦର ମେଡିକାଲ ସିଟ୍

ଭୁବନେଶ୍ୱର,୨୨।୬(ଅସମାପିକା ସାହୁ)

୮୦ ଲକ୍ଷ ଟଙ୍କା ଦେଲେ ପିଲାଙ୍କୁ ସେମାନଙ୍କ ପସନ୍ଦର ଯେକୌଣସି ମେଡିକାଲ କଲେଜରେ ସିଟ୍ ଯୋଗାଇବା ବ୍ୟବସ୍ଥା କରାଯିବ। ଓଡ଼ିଶାର କେତେଜଣ ଶିକ୍ଷାବିତ୍‌ଙ୍କ ପାଖକୁ ଆସିଥିବା ଫୋନ୍ କଲ୍‌ରେ ଏଭଳି ପ୍ରତିଶ୍ରୁତି ଦିଆଯାଇଛି। ରାଜ୍ୟରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)ର ର୍‍ୟାକେଟ ସକ୍ରିୟ ଥିବା ଏଥିରୁ ଆଶଙ୍କା କରାଯାଉଛି।

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ଏନ୍‌ଟିଏ ଦ୍ୱାରା ପରିଚାଳିତ ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା, ବିବାଦ ଓ ଆନ୍ଦୋଳନ ଜାରି ରହିଛି। ଏପରି ସ୍ଥିତିରେ ଓଡ଼ିଶାର କିଛି ପିଲା ଏନ୍‌ଇଇଟି ପାଇଁ କାହିଁକି ଗୁଜରାଟ ଗୋଧ୍ରାର ଏକ ସ୍କୁଲକୁ ପରୀକ୍ଷା କେନ୍ଦ୍ର ରୂପେ ବାଛିଲେ ତାହାକୁ ନେଇ ଏବେ ନାନା ପ୍ରଶ୍ନ ଉଠୁଛି। ବିହାର ଓ ଗୁଜରାଟରେ ପ୍ରଶ୍ନପତ୍ର ଲିକ୍ ର୍‍ୟାକେଟର ସୁରାକ ମିଳିଥିବାରୁ ସନ୍ଦେହ ବଢ଼ିଚାଲିଛି। ପ୍ରଶ୍ନପତ୍ର ଲିକ୍ କରୁଥିବା ଏକ ର୍‍ୟାକେଟକୁ ଗୁଜରାଟର ଗୋଧ୍ରା ପୋଲିସ ଧରିଛି। ଏକ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରର ପ୍ରିନ୍ସିପାଲଙ୍କ ସହ କେତେଜଣ ସହଯୋଗୀ ମଧ୍ୟ ଗିରଫ ହୋଇଛନ୍ତି। ତଦନ୍ତରୁ ଜଣାପଡ଼ିଛି ଓଡ଼ିଶା, ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଭଳି ଦୂରବର୍ତ୍ତୀ ରାଜ୍ୟରୁ ଆସିଥିବା ପ୍ରାୟ ୩୦ ଛାତ୍ରୀଛାତ୍ର ସେହି କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। ସେମାନେ ନିଜ ରାଜ୍ୟ ଛାଡ଼ି ଏତେ ଦୂରରେ ଥିବା ଏକ ସ୍କୁଲକୁ କାହିଁକି ପରୀକ୍ଷା କେନ୍ଦ୍ର ରୂପେ ବାଛିଲେ, ତାହା ସମସ୍ତଙ୍କ ସନ୍ଦେହ ବଢ଼ାଇ ଦେଇଛି। ତେଣୁ ଓଡ଼ିଶାରେ ବି ଏନ୍‌ଟିଏର ର୍‍ୟାକେଟ କାମ କରୁଛି ବୋଲି ଚର୍ଚ୍ଚା ହେଲାଣି। ଏନେଇ କେତେଜଣ ଶିକ୍ଷାବିତ୍ ମଧ୍ୟ ରାଜ୍ୟରେ ଏନ୍‌ଟିଏ ର୍‍ୟାକେଟ ସକ୍ରିୟ ଥିବା ନେଇ ଗୁରୁତର ଅଭିଯୋଗ ଉଠାଇଲେଣି। ଏପରିକି କିଛି ଜଣାଶୁଣା କୋଚିଂ ସେଣ୍ଟର ବି ଏଥିରେ ସମ୍ପୃକ୍ତ ଥିବା କୁହାଯାଉଛି। ସେସବୁ କୋଚିଂ ସେଣ୍ଟର ଜରିଆରେ ହିଁ ଛାତ୍ରୀଛାତ୍ର ଦୂରରେ ଯାଇ ପରୀକ୍ଷା ଦେଇଥିବେ ବୋଲି ଶିକ୍ଷାବିତ୍‌ମାନେ ସନ୍ଦେହ ପ୍ରକାଶ କରୁଛନ୍ତି।

ଭୁବନେଶ୍ୱରର ଜଣେ ଶିକ୍ଷାବିତ୍ ନାମ ଗୋପନ ରଖି କହିଛନ୍ତି, ଚଳିତ ଏନ୍‌ଇଇଟି-ୟୁଜି ପାଇଁ ଗତ ଡିସେମ୍ବରରେ ମୋ ପାଖକୁ ଏକ କଲ୍ ଆସିଥିଲା। ମୋତେ କୁହାଯାଇଥିଲା, 'ଆପଣଙ୍କର କିଏ ପିଲା ଅଛନ୍ତି କି? ଭାରତର ଯେକୌଣସି ଡାକ୍ତରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବୁ। ଏପରିକି ଭୁବନେଶ୍ୱର ଏମ୍ସରେ ଯଦି ପଢ଼ିବାକୁ ଚାହୁଁଥିବେ, ତାହା ଆମେ କରିପାରିବୁ। ଏଥିପାଇଁ ପ୍ରତି ପିଲା ୮୦ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଥିପାଇଁ ଆପଣଙ୍କୁ ପୂର୍ବରୁ ଟଙ୍କା ଦେବାକୁ ପଡ଼ିବ ନାହିଁ। କେବଳ ଅରିଜିନାଲ ସାର୍ଟିଫିକେଟ ଦେବେ। ର୍‍ୟାଙ୍କ ପାଇବା ପରେ ସମ୍ପୂର୍ଣ୍ଣ ଟଙ୍କା ଦେବାକୁ ପଡ଼ିବ'। ଏହାପରେ ମୁଁ ତାଙ୍କୁ ଧମକ ଦେଇ କହିଥିଲି ଯେ, ଆପଣ ମୋତେ ଆଉଥରେ ଫୋନ୍ କଲେ ମୁଁ ପୋଲିସକୁ ଜଣାଇଦେବି। ମୋର ଧମକ ପରେ ସେ ବ୍ୟକ୍ତି ଜଣକ ଆଉ କଲ୍ କରି ନ ଥିଲେ। ତେଣୁ ଓଡ଼ିଶାରେ ବି ଏନ୍‌ଟିଏ ର୍‍ୟାକେଟ ଚାଲୁଥିବା ଏଥିରୁ ଜଣାପଡୁଛି ବୋଲି ଶିକ୍ଷାବିତ୍ ଜଣକ କହିଛନ୍ତି।

ସେହିପରି ଶିକ୍ଷାବିତ୍ ବିଶ୍ୱଜିତ୍ ସାମନ୍ତରାୟ କହିଛନ୍ତି, ଯଦି ଓଡ଼ିଶାର ପିଲା ଗୋଧ୍ରା ସେଣ୍ଟରରେ ଯାଇ ପରୀକ୍ଷା ଦେଇଛନ୍ତି, ତେବେ ନିଶ୍ଚିତ ଭାବେ ଏଥିରେ କିଛି ଘୋଟାଲା ଥିବ ବୋଲି ଅନୁମାନ କରାଯାଇପାରୁଛି। କିନ୍ତୁ ଏନ୍‌ଇଇଟିରେ ଘୋଟାଲା ନେଇ ଏପର୍ଯ୍ୟନ୍ତ ଓଡ଼ିଶାରେ ଦୁର୍ନୀତି ହୋଇଥିବା କୌଣସି ପ୍ରମାଣ ମିଳିନାହିଁ। ତେଣୁ ଆମେ କେବଳ ଆଶଙ୍କା ହିଁ କରିପାରିବା ବୋଲି ସାମନ୍ତରାୟ କହିଛନ୍ତି। ଶିକ୍ଷାବିତ୍ ଆର୍.ଏନ୍. ପଣ୍ଡା କହିଛନ୍ତି, ଏନ୍‌ଇଇଟି-ୟୁଜିରେ ସର୍ବଭାରତୀୟସ୍ତରରେ ଏକାଥରକେ ୬୭ଜଣ ର୍‍ୟାଙ୍କ-୧ ପାଇବା ହିଁ ଅନିୟମିତତା ହୋଇଥିବା ବୁଝାଯାଉଛି। ସେହିଭଳି ଓଡ଼ିଶାର ପିଲା ଏତେ ଦୂରରେ ଯାଇ ପରୀକ୍ଷା ଦେବାର କୌଣସି ଯଥାର୍ଥ ନାହିଁ। ନିଶ୍ଚିତ ଭାବେ ଏଥିରେ କିଛି ଘୋଟାଲା ରହିଥିବ। ଆମ ଅଭିଭାବକମାନେ ମଧ୍ୟ ଏହିଭଳି ର୍‍ୟାକେଟର ଶିକାର ହେଉଛନ୍ତି ଏବଂ ତାହାକୁ ଆପଣାଉଛନ୍ତି। କାରଣ ସେମାନେ ବି ଚାହୁଁଛନ୍ତି ଆମ ପିଲା କିପରି ଜଣେ ଡାକ୍ତର ହୋଇଯାଉ। ଫଳରେ ଜଣେ ମେଧାବୀ ପିଲା ଡାକ୍ତର ହେବାରୁ ବଞ୍ଚିତ ହେଉଛି। ତେଣୁ ଏହି ଘଟଣାର ପୂରା ଠିକ୍ ତଦନ୍ତ ହେବା ସହିତ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ମେ' ୫ରେ ଏନ୍‌ଇଇଟି-ୟୁଜି ପରୀକ୍ଷା ହୋଇଥିବାବେଳେ ଜୁନ୍ ୪ରେ ଫଳ ପ୍ରକାଶ ପାଇଥିଲା।

# ମହାନଦୀ ଜଳ ବିବାଦର ଆପୋସ ସମାଧାନ କରାଯାଉ

ଭୁବନେଶ୍ୱର,୨୨।୬(ଶର୍ମିଷ୍ଠା ପାଣିଗ୍ରାହୀ)

ମହାନଦୀ ବଞ୍ଚାଅ ଆନ୍ଦୋଳନ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ନଦୀର ସୁରକ୍ଷା ଓ ପୁନରୁଦ୍ଧାର ଉପରେ ଏକ ଚିନ୍ତନ ସଭା ଶନିବାର ଭୁବନେଶ୍ୱରସ୍ଥିତ ଓପନ ଲର୍ଣ୍ଣିଂ ସିଷ୍ଟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାରେ ନ୍ୟାୟିକ ପ୍ରକ୍ରିୟା ବାହାରେ ଆପୋସ ବୁଝାମଣା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ପ୍ରୟାସ କରିବାକୁ ଦାବି କରାଯାଇଛି। ଏବେ କେନ୍ଦ୍ର, ଛତିଶଗଡ଼ ଏବଂ ଓଡ଼ିଶାରେ ଭାଜପା କ୍ଷମତାରେ ଅଛି। ତେଣୁ ଆପୋଷ ସମାଧାନ ସହଜ ହେବ

**ପ୍ରସ୍ତୁତ ହେଉ ନଦୀ ନୀତି**

ବୋଲି ମତ ପ୍ରକାଶ ପାଇଛି। ଏଥିପାଇଁ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ବିହିତ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ସମ୍ପ୍ରତି ଓଡ଼ିଶାର ନଦୀଗୁଡ଼ିକର ସ୍ଥିତି ଭଲ ନାହିଁ। ଅନେକ ଛୋଟ ନଦୀ ମରିଯିବାକୁ ବସିଲାଣି। ବଡ଼ ନଦୀଗୁଡ଼ିକର ପାଣି ବହୁଳ ଭାବରେ ପ୍ରଦୂଷିତ। ତେଣୁ ସରକାର ତୁରନ୍ତ ଏକ ନଦୀ ନୀତି ପ୍ରସ୍ତୁତ କରନ୍ତୁ। ଏହାର କାର୍ଯ୍ୟକାରିତା ପାଇଁ ନଦୀ ମିଶନ ଗଠନ ପାଇଁ ପ୍ରସ୍ତାବ ପାରିତ କରାଯାଇଛି। ରାଜ୍ୟରେ ୧୧ଟି ପ୍ରମୁଖ ନଦୀକୁ ଛାଡ଼ିଦେଲେ ଅନ୍ୟ ଶାଖା, ପ୍ରଶାଖା ଓ ଉପନଦୀର ହିସାବ ବା ତାଲିକା ସରକାରଙ୍କ ପାଖରେ ନାହିଁ। ତେଣୁ ରାଜ୍ୟ ପାଇଁ ଏକ ନଦୀ ସାରଣୀ ପ୍ରସ୍ତୁତ ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି। ବୈତରଣୀ ନଦୀ ଉପରେ ନିର୍ମିତ କାନପୁର ନଦୀ ବନ୍ଧର ପାଣି କେବଳ ଚାଷୀଙ୍କ ପାଇଁ ବ୍ୟବହାର ସହିତ ପାଇପ ଯୋଗେ ଲୁହା ଗୁଣ୍ଡ ପରିବହନ ପାଇଁ ଏହି ନଦୀଜଳ ବ୍ୟବହାର ନ କରିବାକୁ ଦାବି କରାଯାଇଛି। ଏହି ଅବସରରେ ନଦୀ ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଏକ ୧୭ ଜଣିଆ କମିଟି ଗଠିତ ହୋଇଛି। ଆସନ୍ତା ଜୁଲାଇ ୧୩ରେ ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। ତା' ପୂର୍ବରୁ ମହାନଦୀ ଅବବାହିକାରେ ଥିବା ବୌଦ୍ଧ, ସୋନପୁର ଓ ଝାରସୁଗୁଡ଼ାଠାରେ ମହାନଦୀ ଯାତ୍ରା/ୱାକ୍ ଆୟୋଜନ ହେବ। ଦୟା, ବୈତରଣୀ, ସୁନା, କରୋ, ସାଳନ୍ଦୀ, ଗଙ୍ଗୁଆ ନଦୀ ୱାକ୍ ମଧ୍ୟ ଆୟୋଜିତ ହେବ। ବୈଠକରେ ବିଶିଷ୍ଟ ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ମାନବ ଅଧିକାର ପ୍ରବକ୍ତା ମନୋଜ ଜେନା, ଆଇନଜୀବୀ ଶଙ୍କର ପାଣି, ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁ ଭାଇ, କୁଶଭଦ୍ରା ଆନ୍ଦୋଳନର ଆବାହକ ନିରଦ ବରଣ ଖୁଣ୍ଟିଆ, ଦୟା ଆନ୍ଦୋଳନର ଆବାହକ ସଚ୍ଚିକାନ୍ତ ପ୍ରଧାନ, ବୈତରଣୀ ଆନ୍ଦୋଳନର ବିପ୍ଲବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ପ୍ରସନ୍ନ ବିଶୋଇ, ସଂଯୋଜକ ବିଜୟ ପ୍ରଧାନ ଓ ଯୁଗ୍ମ ସଂଯୋଜକ ପ୍ରକାଶ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁଜବ ସୃଷ୍ଟିକାରୀ ଠାବ

**ଗୋଷ୍ଠୀ ସଂଘର୍ଷ ନେଇ ୧୯ ମାମଲା, ୭୫ ଗିରଫ**

ବାଲେଶ୍ୱର, ୨୨।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହରରେ ଗୋଷ୍ଠୀ ସଂଘର୍ଷକୁ ନେଇ ଜାରି ହୋଇଥିବା କର୍ଫ୍ୟୁରୁ ଶିଳ୍ପାଞ୍ଚଳ ଥାନାକୁ ବାଦ୍ ଦିଆଯାଇଥିବା ବେଳେ ଶନିବାର ସହଦେବଖୁଣ୍ଟା ଥାନା ଅଞ୍ଚଳରେ କର୍ଫ୍ୟୁ କୋହଳ ସମୟକୁ ବଢାଇ ଦିଆଯାଇଛି। ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଛି ଜିଲାପାଳ ଆଶିଷ ଠାକ୍‌ରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗୁଜବ ସୃଷ୍ଟି କରୁଥିବା ଜଣେ ବ୍ୟକ୍ତିବିଶେଷଙ୍କୁ ଠାବ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି। ଗୋଷ୍ଠୀସଂଘର୍ଷରେ ଅଧିକାଂଶ ନାବାଳକ ଅଛନ୍ତି। ସାମାଜିକ ଗଣମାଧ୍ୟମରେ ସେମାନଙ୍କ




ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଏସ୍‌ପି କର୍ଫ୍ୟୁ ସମ୍ପର୍କରେ ସୂଚନା ଦେଉଛନ୍ତି।

ଗତିବିଧି ଓ ମିଶୁଥିବା ସାଙ୍ଗମାନଙ୍କ ଉପରେ ସେମାନଙ୍କର ଅଭିଭାବକ ତୀକ୍ଷଣ ନଜର ରଖିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

ଏନେଇ ଶନିବାର ସନ୍ଧ୍ୟାରେ ଜିଲାପାଳ ଓ ଏସ୍‌ପି ଏକ ଖବରଦାତା ସମ୍ମିଳନୀ ଅୟୋଜନ କରିଥିଲେ। ଟାଉନ ଥାନା ଅଞ୍ଚଳରେ ପୂର୍ବ ପରି କର୍ଫ୍ୟୁ ସକାଳ ୫ଟାରୁ ଦିନ ୨ଟା ପର୍ଯ୍ୟନ୍ତ କୋହଳ କରାଯାଇ ଅନ୍ୟ ସମୟରେ ବଳବତ୍ତର ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସହରରେ ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି। ଜିଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯିବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଲ୍ୟାଣ୍ଡଲାଇନ ଜରିଆରେ ବ୍ରଡବ୍ୟାଣ୍ଡ ଓ ୱାଇଫାଇ ଇଣ୍ଟରନେଟ ସେବା ଆରମ୍ଭ କରାଯାଇଛି। ତେବେ ପରିସ୍ଥିତି ଓ ଗୁଜବକୁ ଲକ୍ଷ୍ୟ କରି ମୋବାଇଲ ଇଣ୍ଟରନେଟ ସେବା ଉପରେ ଅଙ୍କୁଶ ଜାରି ରହିଛି ବୋଲି ଜିଲାପାଳ କହିଥିଲେ। ଅନ୍ୟପକ୍ଷରେ ଏସାଗରିକା ନାଥ ସୂଚନା ଦେଇଛନ୍ତି ଯେ, ଗୋଷ୍ଠୀ ସଂଘର୍ଷ ମାମଲାରେ ସମୁଦାୟ ୧୯ଟି ମାମଲା ରୁଜୁ କରାଯାଇ ୭୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସ ପକ୍ଷରୁ ସମ୍ବେଦନଶୀଳ ଅଞ୍ଚଳରେ ଡ୍ରୋନ ସର୍ଭେ ଜରିଆରେ ଲୋକଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ସାମାଜିକ ଗଣମାଧ୍ୟମରେ ଆସୁଥିବା ଗୁଜବ ଉପରେ ନଜର ରଖାଯାଇ ସାଇବର ପାଟ୍ରୋଲିଂ ଆରମ୍ଭ ହୋଇଛି। ରାଜ୍ୟର ଅଭିଜ୍ଞ ଅଧିକାରୀ ଓ ଜିଲା ସାଇବର ସେଲର ଅଧିକାରୀଙ୍କୁ ଏହି ପାଟ୍ରୋଲିଂରେ ସାମିଲ କରାଯାଇଛି।

# ଶିମିଳିପାଳକୁ ଫେରିଲେ ମହେନ୍ଦ୍ର, ରାଜକୁମାର



ବାରିପଦା,୨୨।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଫେରିଛନ୍ତି ମହେନ୍ଦ୍ର ଓ ରାଜକୁମାର। ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରୁ ଏକ ସ୍ୱତନ୍ତ୍ର ଗାଡି ଯୋଗେ ଏହି ଦୁଇ ହାତୀକୁ ଶିମିଳିପାଳ ଅଭୟାରଣ୍ୟର କେନ୍ଦୁମୁଣ୍ଡି ରେଞ୍ଜକୁ ଅଣାଯାଇଛି। ଶିମିଳିପାଳର ସୁରକ୍ଷା ସହିତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅନୁଧ୍ୟାନରେ ଏହି ହାତୀ ଦ୍ୱୟକୁ ନିୟୋଜିତ କରାଯିବ। ଦୀର୍ଘ ୫ବର୍ଷ ପରେ ପରିବାର ସହିତ ଏକାଠି ହେବେ ମହେନ୍ଦ୍ର ଓ ରାଜକୁମାର। ସାତକୋଶିଆ ଅଭୟାରଣ୍ୟରେ ରହୁଥିବା ମହାବଳ ବାଘ ମହାବୀର,ବାଘୁଣୀ ସୁନ୍ଦରୀର ସୁରକ୍ଷା ଏବଂ ଗତିବିଧିକୁ ନଜରରେ ରଖିବା ପାଇଁ ଶିମିଳିପାଳରୁ ୨ ହାତୀଙ୍କୁ ନିଆଯାଇଥିଲା। ବାଘବଂଶ ବୃଦ୍ଧି ପାଇଁ ଅଣାଯାଇଥିଲା ମହାବୀର ଓ ସୁନ୍ଦରୀ। ୨ଟି ବାଘ ମଧ୍ୟରୁ ମହାବୀରର ମୃତ୍ୟୁ ଘଟିଥିଲା। ଏଣୁ ସୁନ୍ଦରୀ ବାଘୁଣୀ ହିଂସ ପ୍ରବୃତ୍ତି ବଢ଼ିଥିଲା। ତାହାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ୨୦୧୮ ଜାନୁଆରୀ ୨୬ ତାରିଖରୁ ମହେନ୍ଦ୍ର ଓ ରାଜକୁମାରକୁ ସାତକୋଶିଆ ନିଆଯାଇଥିଲା। ତେବେ ଯୋଜନା ଅସଫଳ ସହିତ ସୁନ୍ଦରୀକୁ ମଧ୍ୟପ୍ରଦେଶ ବାନ୍ଧବଗଡ଼ ଜାତୀୟ ବ୍ୟାଘ୍ର ଉଦ୍ୟାନକୁ ଫେରାଇ ନିଆଯାଇଥିଲା। ମହେନ୍ଦ୍ର ଓ ରାଜକୁମାରକୁ ଶିମିଳିପାଳ ଫେରାଯାଇ ନ ଥିଲା। ଶନିବାର ବିଭାଗ ପକ୍ଷରୁ ଉଭୟଙ୍କୁ ଶିମିଳିପାଳର କେନ୍ଦୁମୁଣ୍ଡି ରେଞ୍ଜକୁ ଅଣାଯାଇଛି। ୨ ଦିନ ବିଶ୍ରାମ ନେବା ପରେ ଉଭୟଙ୍କୁ ଜେନାବିଲ ରେଞ୍ଜ କାର୍ଯ୍ୟାଳୟକୁ ପଠାଯିବା ପରେ ସେଠାରେ ବାପ, ପୁଅର ମିଳନ ହେବ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

## ଆଜି ଆଉଥରେ ଏନ୍‌ଇଇଟି-ୟୁଜି ଦେବେ ୧,୫୬୩ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୨।୬ (ଅସମାପିକା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି-ୟୁଜି ପରୀକ୍ଷା ରବିବାର ଅନୁଷ୍ଠିତ ହେବ। ତେବେ ଏଥିରେ କେବଳ ୧,୫୬୩ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଗତ ମେ' ୫ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୁନ୍ ୪ରେ ରେଜଲ୍ଟ ପ୍ରକାଶ ପାଇବା ପରେ ବିବାଦ ଦେଖାଯାଇଥିଲା। ପିଲାଙ୍କୁ ଗ୍ରେସ୍ ମାର୍କ କାହିଁକି ଦିଆଗଲା ଏବଂ ପେପର ଲିକ୍ ହୋଇଥିବା ନେଇ ବିଭିନ୍ନ ରାଜ୍ୟରୁ ଅଭିଯୋଗ ଆସିଥିଲା। ଏପରିକି ମାମଲା ସୁପ୍ରିମକୋର୍ଟକୁ ଗଲା। ଏହାପରେ ମୋଟ ୧,୫୬୩ ଛାତ୍ରୀଛାତ୍ରଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିବା ଏନ୍‌ଟିଏ ସ୍ୱୀକାର କରିଥିଲା। ସେହି ଛାତ୍ରୀଛାତ୍ରଙ୍କ ପାଇଁ ଆଉଥରେ ପରୀକ୍ଷା କରିବାକୁ ଚାରିଆଡୁ ଦାବି ଉଠିଥିଲା। ତେଣୁ ଏନ୍‌ଟିଏ ପୁନର୍ବାର ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏହି ଛାତ୍ରୀଛାତ୍ରଙ୍କ ପାଇଁ ରବିବାର ଆଉଥରେ ପରୀକ୍ଷା ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୫ଟା ୨୦ ପର୍ଯ୍ୟନ୍ତ ଚାଲିବ। ୩୦ ତାରିଖରେ ରେଜଲ୍ଟ ପ୍ରକାଶ କରିବା ପାଇଁ ଏନ୍‌ଟିଏ ଲକ୍ଷ୍ୟ ରଖିଥିବା ସୂଚନା ଦେଇଛି।

# ନନ୍ଦନକାନନରୁ ଫେରୁଥିବା ବେଳେ ଦୁର୍ଘଟଣା, ୩ ସାଙ୍ଗ ମୃତ

**ରାଜନଗର ବ୍ଲକ୍‌ରେ ଶୋକାକୁଳ ପରିବେଶ**

ରାଜନଗର,୨୨।୬ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳର ୩ ଯୁବକ ଭୁବନେଶ୍ୱର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବୁଲି ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହି ଖବର ଜଣାପଡିବା ପରେ ରାଜନଗର ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶୁକ୍ରବାର ବିଳମ୍ବିତ ରାତ୍ରିରେ କଟକ ତ୍ରିଶୁଳିଆ ପୋଲ ଉପରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ପୋଖରିଆ ଗାଁର ମଙ୍ଗୁଳି ଚରଣ ଦାସ(୨୨),ଗୁପ୍ତି ପଞ୍ଚାୟତ କାନଫୁଲିଆ ଗାଁର ଲିପୁନ ସୂତାର (୨୨) ଓ ହାତିନା ପଞ୍ଚାୟତ ପରିପାଙ୍ଗରା ଗାଁର ସିଦ୍ଧାର୍ଥ ଷଣ୍ଢ (୨୨)।

ସୂଚନା ମୁତାବକ, ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ପୋଖରିଆ ଗାଁର ମଙ୍ଗୁଳି ହାଇଦ୍ରାବାଦ ଯିବେ ବୋଲି ଶୁକ୍ରବାର ସକାଳେ ଅନ୍ୟ ସାଙ୍ଗଙ୍କ ସହିତ ବସ୍‌ରେ ଭୁବନେଶ୍ୱର ଯାଇ ରେଳୱେ ଷ୍ଟେଶନରେ ପହଞ୍ଚିଥିଲେ। ମାତ୍ର ବିଧିର ବିଧାନ ଥିଲା ଅଲଗା। ମଙ୍ଗୁଳି ହାଇଦ୍ରାବାଦ ଯିବା ପରିବର୍ତ୍ତେ ସେଠାରେ ରହି କଟକରେ କାମ କରୁଥିବା ଅନ୍ୟ ୨ ଜଣ ସାଙ୍ଗ ଲିପୁନ ଓ ସିଦ୍ଧାର୍ଥକୁ ଫୋନ କରି ଡକାଇଥିଲେ। ମୋଟର ସାଇକେଲରେ ସିଦ୍ଧାର୍ଥ ଓ ଲିପୁନ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ପହଞ୍ଚିବା ପରେ ସେଠାରୁ ୩ଜଣ ସାଙ୍ଗ ଏକାଠି ହୋଇ ନନ୍ଦନକାନନ ବୁଲି ଯାଇଥିଲେ। ନନ୍ଦନକାନନରୁ ଫେରି ଖାଇପିଇ ମୋଟରସାଇକେଲରେ ବିଳମ୍ବିତ ରାତ୍ରିରେ କଟକ ଫେରୁଥିଲେ। କିନ୍ତୁ ସେମାନେ ଜାଣି ନ ଥିଲେ ତାଙ୍କୁ ମୃତ୍ୟୁ ଅପେକ୍ଷା କରି ରହିଛି। ତ୍ରିଶୁଳିଆ ପୋଲ ଉପରେ ଏକ ଟ୍ରକ ଅଚଳ ହୋଇ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା। କୌଣସି କାରଣରୁ ୩ ସାଙ୍ଗ ଆସୁଥିବା ବାଇକ୍‌ଟି ଉକ୍ତ ଟ୍ରକରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ୩ଜଣଙ୍କ ଶବ ବିଳମ୍ବିତ ରାତିରେ ଗାଁରେ ପହଞ୍ଚିଛି। ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।



**ଆଜିର ମନ୍ତବ୍ୟ**

"ଭାରତ ବାଂଲାଦେଶର ବୃହତ୍ ପଡୋଶୀ, ବିଶ୍ୱସ୍ତ ବନ୍ଧୁ ଏବଂ ଆଞ୍ଚଳିକ ସହଯୋଗୀ। ନୂଆଦିଲ୍ଲୀ ସହ ସମ୍ପର୍କକୁ ଢାକା ସର୍ବାଧିକ ସମ୍ମାନ ଦେଇଥାଏ।"
–ଶେଖ୍ ହାସିନା, ବାଂଲାଦେଶ ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୮ଟା। – ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ୨ୟ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ରୋଟାରି କ୍ଲବ, ୟୁନିଟ୍– ୯, ସମୟ: ସକାଳ ୯ଟା ୩୦।
- ଇନର ହୁଇଲ୍ ୩୨୬ ପକ୍ଷରୁ ରାଧା କାର୍ଯ୍ୟକ୍ରମ, ସ୍ଥାନ: ପାଲ ହାଇଟ୍‌ସ, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ସମାଜ ଅଗ୍ରଣୀ ସାମାଜିକ ଓ ସାହିତ୍ୟ ଅନୁଷ୍ଠାନର ୧୪ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କାର୍ଯ୍ୟକ୍ରମ 'ଏକ ପେଡ୍ ମା' କେ ନାମ', ସ୍ଥାନ: ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭାଜପା ପକ୍ଷରୁ ଧନ୍ୟବାଦ ସଭା, ସ୍ଥାନ: ଗ୍ରାଣ୍ଡ ଲୁମ୍ବିନୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ/ରେଗୁଲାର କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କର୍ମଚାରୀ ଭବନ, ବ୍ଲକ ନଂ. ୧୦, ୟୁନିଟ୍–୫, ସମୟ: ଅପରାହ୍ନ ୫ଟା।
- ଆର୍ଟଚାଟଶାଳୀର ୧୦ମ ବାର୍ଷିକୋତ୍ସବ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ବରମୁଣ୍ଡା, ସମୟ: ଅପରାହ୍ନ ୫ଟା।
- ୧୩ତମ ଓଡ଼ିଶୀ ନୃତ୍ୟ ସଙ୍ଗୀତ ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଇଟିକିଲି ମିଟିକିଲିର ୨୯ତମ ପୁରସ୍କାର ପ୍ରଦାନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ରୋଟାରି କ୍ଲବ ଅଫ ଭୁବନେଶ୍ୱର କଳିଙ୍ଗ ପକ୍ଷରୁ ଆୱାର୍ଡ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଜିଲାସ୍ତରୀୟ ବୃଦ୍ଧ ଅହମ୍ମଦିୟା ବାର୍ଷିକ ପ୍ରତିଯୋଗିତା, ସ୍ଥାନ: ଜାମା ମସ୍‌ଜିଦ କୋଟପଲ୍ଲା, ବଡ଼ମ୍ବା, ସମୟ: ସକାଳ ୭ଟା।
- କଟକ ସତ୍‌ସଙ୍ଗ ବିହାରର ୪୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସତ୍‌ସଙ୍ଗ ବିହାର, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ୯୮ତମ ଅଧିବେଶନ, ସ୍ଥାନ: ଦି ଲିଙ୍କ୍ ଆଇ ହସ୍ପିଟାଲ, ମଧୁପାଟଣା, ସମୟ: ଅପରାହ୍ନ ୪ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପଟି ଦିଅଁ ପୂଜନ ଶୁଭାରମ୍ଭ, ସ୍ଥାନ: ନୀଳଗିରି, ଶାସଙ୍ଗ, ଜୟଦେବକସପା, ଗଣେଶ୍ୱରପୁର, ରେମୁଣା ଓ ଦୁବୁଲାଗଡ଼ି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।
- ସୋଲପଟା ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ସୋଲପଟା ହାଇସ୍କୁଲ ପରିସର, ହଳଦୀପଦା ସଦର ବ୍ଲକ, ସମୟ: ସକାଳ ୮ଟା।
- ରାଜ ମେମୋରିଆଲ ହସ୍ପିଟାଲ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତେଲେଙ୍ଗାସାହି, ବାଲେଶ୍ୱର, ସମୟ: ସକାଳ ୯ଟା।
- ରାଧାମୋହନ ମନ୍ଦିରରେ ମାସିକ ଭକ୍ତ ସମ୍ମିଳନୀ, ସ୍ଥାନ: କରୁଆପଡ଼ା ରାଧାମୋହନ ମନ୍ଦିର ପରିସର, ବାଲିଆପାଳ, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର ସମିତି, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଭଗବତୀ ପୂଜା ପ୍ରସାଦ ସେବନ, ସ୍ଥାନ: ବାସନ୍ତୀ ପଡ଼ିଆ, ଜଳେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବାଲେଶ୍ୱର ବିଧାୟକଙ୍କ ବସ୍ତି ପରିଦର୍ଶନ ଓ ଲୋକଙ୍କ ସହ ଆଲୋଚନା, ସ୍ଥାନ: ସୁନହଟ, ପାତ୍ରପଡ଼ା, ଭୁଜାଖିଆପୀର, ସୁଏଲପୁର, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାମଚନ୍ଦ୍ର ଫାଉଣ୍ଡେଶନ ପକ୍ଷରୁ ଏକାଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତୁଣ୍ଡପଡ଼ା ଖେଳପଡ଼ିଆ, ସୋର, ସମୟ: ଅପରାହ୍ନ ୪ଟା।
- ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ, ସ୍ଥାନ: ଥାନା ଛକ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- କବିତା ଆସର, ସ୍ଥାନ: ନୋସି ବିଜିନେସ ପାର୍କ, ବାମପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- କଂଗ୍ରେସର ସମୀକ୍ଷା ବୈଠକ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, କଲରାଫୁଲିଆ, ମୋରଡା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ଶତାୟୁ କବି ସୁଧାଂଶୁ ଶେଖର ବେହେରାଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ସିନ୍ଦୋଳ ପଞ୍ଚାୟତ ହାଇସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶ୍ରୀ ଜଗନ୍ନାଥ ମନ୍ଦିରରେ ପଟି ଦିଅଁ ପୂଜା ଆରମ୍ଭ, ସ୍ଥାନ: ଯୋଡ଼ା, ସମୟ: ସକାଳ ୬ଟା।
- ସାଇବାବାଙ୍କ ଭଜନ ସମାରୋହ ଏବଂ ଆଲୋଚନା ଚକ୍ର, ସ୍ଥାନ :ଚୋରଗଡିଆ, ହାଟଡିହୀ,ସମୟ: ସନ୍ଧ୍ୟା ୬ଟା୩୦।

## ବ୍ରହ୍ମପୁର

- ଫେସନ ଶୋ, ସ୍ଥାନ: ସଂସ୍କୃତି ଭବନ, ହିଲପଟଣା, ସମୟ:ସକାଳ ୯ଟା।
- ଓଡ଼ିଶା କଲଚୁରାଲ ଟ୍ରାଡିଶନାଲ ଫେଷ୍ଟ, ସ୍ଥାନ: ଡାଇମଣ୍ଡ ଜୁବଲୀ ଟାଉନ ହଲ, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଆର୍‌ଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ସକାଳ ୮ ଟା।
- ମହାଦେବ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡ଼ା, ସମୟ: ସକାଳ ୮ଟା।
- ବୁଗୁଡା ପଞ୍ଚାୟତ ସମିତି ସାଧାରଣ ବୈଠକ,ସ୍ଥାନ:ବୁଗୁଡା ସମିତି ସମ୍ମିଳନୀ କକ୍ଷ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ମା'ଫୁଲକେଶନୀ ଠାକୁରାଣୀଙ୍କ ସୁନାମ୍ବ ସାହି, ଗୋପବନ୍ଧୁ ନଗର, ରଥଦାଣ୍ଡ ସାହି ଆଦି ଅଞ୍ଚଳରେ ଘଟ ପରିକ୍ରମା, ସ୍ଥାନ: ଆସିକା ଲାଲାଗୋର୍ଜି ଛକ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଜିଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପୋଲିସ ହସ୍ପିଟାଲ,ଫୁଲବାଣୀ,ସମୟ:ସକାଳ ୮ ଟା।

## ରାୟଗଡ଼ା

- ଦେୟ ମୁକ୍ତ ରକ୍ତ ପରୀକ୍ଷା ସହ ଡାକ୍ତରଙ୍କ ପରାମର୍ଶ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମଣ ନାୟକ ସାହି, ନିୟୁ କଲୋନୀ ରାୟଗଡ଼ା, ସମୟ: ସକାଳ ୯ଟାରୁ ମଧ୍ୟାହ୍ନ ୧ଟା।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବୁର୍ଦ୍ଧାଲା ପୋଲମା ମା'ଙ୍କ ପର୍ବ ରେ ଜଳ ଧାରା, କ୍ଷୀର ଧାରା ପ୍ରଥା ପାଳନ ଏବଂ ଦୋଳି ଝୁଲଣ କାର୍ଯ୍ୟକ୍ରମ, ସ୍ଥାନ: ଅସ୍ଥାୟୀ ମଣ୍ଡପ, ମେନ ରୋଡ୍ ରାୟଗଡ଼ା, ସମୟ: ଅପରାହ୍ନ ୩ଟା ଓ ରାତି ୮ଟା।

## ନବରଙ୍ଗପୁର

- ଶ୍ରୀଜୀଉଙ୍କ ଅଣସର ନୀତି ଆରମ୍ଭ, ସ୍ଥାନ: ନବରଙ୍ଗପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।

## କୋରାପୁଟ

- କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ହିନ୍ଦୀ ସାହିତ୍ୟ ସମ୍ମିଳନୀ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ସୁନାବେଡାସ୍ଥିତ ବିଶ୍ୱ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ୍, ସମୟ: ଅପରାହ୍ନ ୫ଟା।
- ଅବିଭକ୍ତ କୋରାପୁଟ ଜିଲାର ମିଷ୍ଟର ଆଣ୍ଡ ମିସେସ୍ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ,ସ୍ଥାନ: ଆରଟିଓ ଅଫିସ ସମ୍ମୁଖସ୍ଥ ଆଲିଶାନ ହୋଟେଲ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି

- ଭାଜପା ରାଜ୍ୟ ସାଧାରଣ ସମ୍ପାଦିକାଙ୍କ ସମୀକ୍ଷା ବୈଠକ, ସ୍ଥାନ: ମାଲକାନଗିରି ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଚାଷୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ସ୍ଥାନ:ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଭଗବାନ ମହୋତ୍ସବ, ସ୍ଥାନ: ଗୁରୁ ସତ୍ୟନାରାୟଣ ଉଦ୍ୟାନ, ସମୟ: ସକାଳ ୯ଟା।
- ସତ୍ୟସାଇ ସେବା ସମିତି ପକ୍ଷରୁ ବାଲ୍ ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସାରସ୍ୱତ କଲୋନୀ ସ୍ଥିତ ସତ୍ୟସାଇ ଦତ୍ତାତ୍ରେୟ ମନ୍ଦିର, ସମୟ: ସକାଳ ୯ଟା।
- ପଶ୍ଚିମ ଓଡିଶା ଛାତ୍ର ସଙ୍ଗଠନ ପକ୍ଷରୁ ଆଲୋଚନା କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅଦା, ହଳଦୀ ବିହନ ବିକ୍ରୟ କାର୍ଯ୍ୟକ୍ରମ, ସ୍ଥାନ: ନିଲଜୁଙ୍ଗୁରୀ ଉଦ୍ୟାନ କୃଷି ବିଭାଗର ମଡେଲ ନର୍ସରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ:ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା, ସମୟ: ଅପରାହ୍ନ ୩ଟା୧୫।
- ମନ୍ତ୍ରୀ ପୂଜାରୀଙ୍କୁ ସମ୍ବଲପୁରରେ ସମ୍ବର୍ଦ୍ଧନା, ସ୍ଥାନ: ସମ୍ବଲପୁର ସର୍କିଟ ହାଉସ, ସମୟ:ଅପରାହ୍ନ ୪ ଟା୩୦।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ଅପରାହ୍ନ ୫ଟା୩୦।

## ବଲାଙ୍ଗୀର

- ଜିଲା ସନ୍ତରଣ ଚାମ୍ପିୟନଶିପ୍ ୨୦୨୪, ସ୍ଥାନ: ରାଜେନ୍ଦ୍ର ନାରାୟଣ ସିଂଦେଓ ସନ୍ତରଣାଗାର, ବଲାଙ୍ଗୀର, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର

- ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନର ପଞ୍ଚମ ଦିବସ, ସ୍ଥାନ: ଅମରପାଲି ୟୁପି ସ୍କୁଲ ସ୍କୁଲ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା୩୦।
- ତରଭା ପଞ୍ଚାନନ ମେଳା କମିଟି ପକ୍ଷରୁ ତ୍ରିନାଥ ମହାପ୍ରଭୁଙ୍କ ପୂଜାର୍ଚ୍ଚନା, ସ୍ଥାନ: ତରଭା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ବରଗଡ଼ ଜିଲା ନବନିର୍ବାଚିତ ବିଧାୟକଙ୍କ ବିଜୟ ଶୋଭାଯାତ୍ରା, ସ୍ଥାନ: ଦଶମାଇଲ ଛକରୁ ସୋହେଲା, ସମୟ: ସକାଳ ୯ଟା।
- ସଂସ୍କୃତ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ, ସ୍ଥାନ: ବରପାଲି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା।
- ଅଟୋରିକ୍ସା ମାଲିକ ସଂଘର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ପଞ୍ଜାବୀ ସମାଜର ବୈଠକ, ସ୍ଥାନ: ସହରସ୍ଥିତ ଗୁରୁଦ୍ୱାରା ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଭଜନ କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ରେଲୱେ କଲୋନୀ ରାମ ମନ୍ଦିର, ସମୟ: ସକାଳ ୭ଟା।
- ସଞ୍ଚାର ଭଜନ କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ବାବୁପଡ଼ା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ରାଉରକେଲା

- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଆଧ୍ୟାତ୍ମିକ କର୍ମଶାଳା,ସ୍ଥାନ: ବେଦବ୍ୟାସ,ସମୟ: ସକାଳ ୮ଟା
- ବିଶ୍ୱ ବିଧବା ଦିବସ,ସ୍ଥାନ: ଆରଏମ୍‌ସି ସମ୍ମୁଖ ସୁବାସ ବୋଷ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ,ସ୍ଥାନ: ବେଦବ୍ୟାସ ସାଂସ୍କୃତିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ଦେବଗଡ଼

- ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ, ସହର, ସମୟ: ପ୍ରାତଃ ୪ଟା ।
- ଜିଲା ଭାଜପା ପକ୍ଷରୁ ଫଳବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୁଢ଼ୀକଣ , ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଚରୈବେତି ପକ୍ଷରୁ ମାସିକ ସାହିତ୍ୟ ଆସର ସ୍ଥାନ:ଯାଉଁଳି ପୋଖରୀ ମଠ, ଢେଙ୍କାନାଳ ସମୟ:ସକାଳ ୯ଟା।
- ନିତା ନୃତ୍ୟାଙ୍ଗନା ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ, ସ୍ଥାନ:ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ,ସମୟ:ସକାଳ ୯ଟା୩୦।
- ମାଟ୍ରିକ୍‌ରେ ଏ–୧ ଓ ଯୁକ୍ତ୨ର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା୩୦।

## ଅନୁଗୋଳ

- ଜିଲାସ୍ତରୀୟ ରେନବୋ ସ୍ୱାଭିମାନ ପଦଯାତ୍ରା, ସ୍ଥାନ: ବିଜୁ ମଇଦାନ ଅନୁଗୋଳ, ସମୟ: ସକାଳ ୯ଟା୩୦।

## ଜଗତ୍‌ସିଂହପୁର

- ନୀଳଚକ୍ର ୟୁଥ୍ କ୍ଲବ ପକ୍ଷରୁ ହେନ୍ତାଳ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କାଉଡ଼ିଆ ନଦୀ ଶଯ୍ୟା, ବିଜୟନଗର, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ ପଚ୍ଛିଦିଅଁ ଦର୍ଶନ, ସ୍ଥାନ:ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୬ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଶ୍ରୀଦଧିବାମନଜୀଉଙ୍କ ପଚ୍ଛିଦିଅଁ ଦର୍ଶନ, ସ୍ଥାନ:ଚଉଦକୁଲାଟ, ପଚ୍ଚାମୁଣ୍ଡାଇ, ସମୟ:ସକାଳ ୮ଟା।
- ଶ୍ରୀ ଦଧିବାମନଜୀଉଙ୍କ ପଚ୍ଛିଦିଅଁ ଦର୍ଶନ, ସ୍ଥାନ:ଡେରାବିଶ, ସମୟ:ସକାଳ ୯ଟା।
- ମା'ପାଟଦେଈ ମଙ୍ଗଳାଙ୍କ ପୀଠରେ ନାମ ଯଜ୍ଞ, ସ୍ଥାନ:ବଡମଙ୍ଗ, ଆଳି, ସମୟ:ସନ୍ଧ୍ୟା ୬ଟା।
- ବନବିହାରୀ ମହାପୁରୁଷ ବିକାଶ ପରିଷଦ ପକ୍ଷରୁ ସାହିତ୍ୟ ସଭା, ସ୍ଥାନ: ଅନ୍ତେଇ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୧ଟା ।

## ଯାଜପୁର

- କାକା ଗ୍ରୁପ୍ ଫାଉଣ୍ଡେଶନ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଚୋରଦା ବାଇପାସ ଛକ, ସମୟ: ସକାଳ ୯ଟା।
- ରସୁଲପୁର ବ୍ଲକ କର୍ମଚାରୀଙ୍କ ତରଫରୁ ସମ୍ମାନ ଉତ୍ସବ, ସ୍ଥାନ: ଗୋପାଳପୁରସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସର, ସମୟ: ଅପରାହ୍ନ ୪ଟା।
- ମା' ହିଙ୍ଗୁଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ସମୀକ୍ଷା ବୈଠକ, ସ୍ଥାନ: ରସୁଲପୁର ବ୍ଲକ ଅଧୀନ ଭୋଟକା ବଇଞ୍ଚ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଆଇନଶୃଙ୍ଖଳା ଉପରେ ଖଣ୍ଡପଡ଼ା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ନୟାଗଡ଼ ଏସ୍‌ପିଙ୍କ ବୈଠକ, ସ୍ଥାନ:ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ,ଖଣ୍ଡପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚନ୍ଦ୍ରଙ୍କ ଦୃଷ୍ଟିରେ ଶୁକ୍ର ଥିବାରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଫେରି ଆସିବ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବିଫଳତା ଦେଖି ଚିନ୍ତିତ ହୋଇପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବୃଷ** – ଚନ୍ଦ୍ର ପୂର୍ବାଷାଢ଼ା ନକ୍ଷତ୍ରରେ ଥିବାରୁ ଆତ୍ମୀୟଙ୍କୁ ନିଜ ସପକ୍ଷକୁ ନେବା ଦିଗରେ ସମର୍ଥ ହେବେ। କର୍ମଭାବସ୍ଥ ଶନିଙ୍କ ପ୍ରଭାବରେ ଅଟକିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିବ। ବନ୍ଧୁଙ୍କଠାରୁ ବକେୟା ପାଇବାରେ ବିଳମ୍ବ ଘଟିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ନିର୍ମାଣ, ଜମିଜମା, ରପ୍ତାନି ବାଣିଜ୍ୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି।

**ମିଥୁନ** – ଅଷ୍ଟମାଧିପ ଦୃଷ୍ଟିରେ ଷଷ୍ଠାଧିପ ଥିବାରୁ ବିବାଦରେ ପଡ଼ି ମନସ୍ତାପ କରିପାରନ୍ତି। ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସଙ୍ଗଠନ, ରାଜନୀତି, ପ୍ରଶାସନ, ସାମ୍ବାଦିକତା କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତିଯୋଗିତା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ** – ଅନୁକୂଳ ଗ୍ରହସ୍ଥିତିରୁ ଉପରିସ୍ଥଙ୍କ ପ୍ରିୟଭାଜନ ହେବେ ଏବଂ ସହକର୍ମୀ ସମାଦର କରିବେ। ବ୍ୟବସାୟ, ଗବେଷଣା, ଅନୁସନ୍ଧାନାଦି କାମରେ ସଫଳତା ପାଇବେ। ସତର୍କତା ଅଭାବରୁ ଅଶ୍ଳେଷା ନକ୍ଷତ୍ରର ଅର୍ଥହାନିର ଆଶଙ୍କା ଦେଖାଦେବ। ସଭାସମିତିରେ ମତପାର୍ଥକ୍ୟଜନିତ କୌଣସି ସିଦ୍ଧାନ୍ତର ନିଷ୍କର୍ଷ ବାହାରି ପାରିବ ନାହିଁ।

**ସିଂହ** – ଏକାଦଶସ୍ଥ ଗ୍ରହ ପ୍ରଭାବରୁ ଯେଉଁ କାମରେ ହାତଦେବେ ସଫଳତା ମିଳିବ। ମଘା ନକ୍ଷତ୍ର ସାମାଜିକ କ୍ଷେତ୍ରରେ ସତ କଥା କହି ବିବାଦୀୟ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ଲାଗି ରହିଥିବା ଶତ୍ରୁତା ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ କ୍ରମଶଃ ହ୍ରାସ ପାଇବ।

**କନ୍ୟା** – ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଖଳ ଲୋକଙ୍କ ଦ୍ୱାରା କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। କର୍ମକ୍ଷେତ୍ରରେ ଆବଶ୍ୟକୀୟ ସାହାଯ୍ୟ, ସହଯୋଗ ହେତୁ ସମ୍ମାନ ପାଇ ଖୁସି ହେବେ। ବନ୍ଧୁମାନଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ କୌଣସି ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** – କର୍ମାଧିପ ଭାଗ୍ୟସ୍ଥାନକୁ ଦୃଷ୍ଟି ଦେଉଥିବାରୁ ଧର୍ମକାର୍ଯ୍ୟରେ ନିୟୋଜିତ ହେବେ। ଜଣେ ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷାର ଅନ୍ତ ଘଟିବ। ଚିତ୍ରା ନକ୍ଷତ୍ର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା** – ଦ୍ୱିତୀୟସ୍ଥ ଚନ୍ଦ୍ର ହେତୁ ମାନସିକ ସ୍ଥିତି ଯାହା ଥାଉନାକାହିଁକି ମିଠାକଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିପାରିବେ। ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ମାଲିମକଦ୍ଦମା, ଜମିଜମା କାରବାର, ନିର୍ମାଣ, ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ କ୍ଷେତ୍ର ମନ୍ଦ ହେବନି।

**ଧନୁ** – ଅଷ୍ଟମାଧିପତି ରାଶିରେ ରହି ଆପଣଙ୍କୁ ନକାରାତ୍ମକ ଚିନ୍ତାଧାରାରେ ବିବ୍ରତ କରିପାରନ୍ତି। କର୍ମକ୍ଷେତ୍ରରେ ପରିସ୍ଥିତି ବଦଳିଯିବାର ସୂଚନା ପାଇ ଆଶ୍ୱସ୍ତି ଅନୁଭବ କରିବେ। ନୂତନ ସ୍ଥାନ ଭ୍ରମଣ, ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟିକ ଉନ୍ନତି କରିବେ। ବନ୍ଧୁଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**ମକର** – ବୃହସ୍ପତି ଓ ମଙ୍ଗଳଙ୍କ ଶୁଭସ୍ଥିତିରୁ ପାରିବାରିକ ସ୍ଥିତି ଭଲ ରହିବ ଏବଂ ସନ୍ତାନ ହେତୁକ ଗୌରବାନ୍ୱିତ ହେବେ। ସମ୍ପର୍କୀୟଙ୍କ ସହଯୋଗରେ ଦୁଃସାଧ୍ୟ କାମ ସମ୍ପନ୍ନ ହେବ। ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ର କରି ସମସ୍ୟା ଦେଖାଦେବାର ସୂଚନା ରହିଛି। ସ୍ୱାର୍ଥସାଧନର କ୍ଷୀଣ ଆଶାକୁ ନେଇ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**କୁମ୍ଭ** – ଶନି ଓ ମଙ୍ଗଳଙ୍କ ପ୍ରଭାବରୁ ଯେତେ ଭଲ କାମ କଲେ ମଧ୍ୟ ନିନ୍ଦୁକ ଗୋଷ୍ଠୀଙ୍କ ସମାଲୋଚନାରୁ ରକ୍ଷା ପାଇବେ ନାହିଁ। ଘରର ବରାଦ ଅନୁଯାୟୀ ନୂତନ ଜିନିଷ କ୍ରୟ ପାଇଁ ମନ ବଳାଇବେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମା ସପକ୍ଷରେ ଯାଇ ନ ପାରେ। ନୂତନ କାର୍ଯ୍ୟାରମ୍ଭ କ୍ଷେତ୍ରରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ।

**ମୀନ** – ମୁଖ ଭାବରେ କ୍ରୂରଗ୍ରହ ମଙ୍ଗଳ ହେତୁ ଆପଣଙ୍କ ଭାଷାର କଠୋରତା ଅନ୍ୟକୁ ଆଘାତ ଦେଇପାରେ। ମନ ଯେପରି ଚାହୁଁଛି ଆଜି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ନିକଟରେ ବହୁତ ଦିନ ହେଲା ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ।

ଆଜି ଜୁନ୍ ୨୩ ତାରିଖ, ଆଷାଢ଼ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ରବିବାର, ବ୍ରହ୍ମଗିରିରେ ଅଲାରନାଥଙ୍କ ଦର୍ଶନ ଆରମ୍ଭ, ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୮ ଗତେ ଘ. ୦୯।୩୬ ମଧ୍ୟେ, ଘ.୦୧।୨୭ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ.୦୪।୪୫ ଗତେ ଘ.୦୬।୨୪ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ପରୀକ୍ଷା ବିଭ୍ରାଟରୁ ...

ଏନ୍‌ଟିଏର ଅସାଧୁ କାର୍ଯ୍ୟ ରୋକିବା ଏହି ଆଇନର ଲକ୍ଷ୍ୟ। ପରୀକ୍ଷାରେ ଦୁର୍ନୀତିକୁ ଜାମିନବିହୀନ ଅପରାଧ ଭାବେ ବିବେଚନା କରାଯିବ, ଅର୍ଥାତ୍ ବିନା କୋର୍ଟ ୱାରେଣ୍ଟରେ କର୍ତ୍ତୃପକ୍ଷ ଅଭିଯୁକ୍ତଙ୍କୁ ଗିରଫ କରିପାରିବେ ଏବଂ ଏଥିପାଇଁ ସେ ଜାମିନ ଆବେଦନ କରିପାରିବେ ନାହିଁ। ତେବେ ଚାପ ଯୋଗୁ ଏହି ଆଇନକୁ ତରବରିଆ ଭାବେ ଲାଗୁ କରାଯାଇଥିବା ଅନେକ ବିଶେଷଜ୍ଞ କହୁଛନ୍ତି। ପ୍ରଶ୍ନପତ୍ର କିଭଳି ଲିକ୍ ହୋଇଛି, ତାକୁ କିଏ ପ୍ରଘଟ ଓ ପ୍ରସାର କରାଇଛନ୍ତି, ଲିକ୍‌ର ମାଧ୍ୟମ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୋଷ ପ୍ରମାଣ ନେଇ ଏଥିରେ କୌଣସି ସ୍ୱଚ୍ଛତା ନ ଥିବା ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି।

ଅନ୍ୟପକ୍ଷେ ଏନ୍‌ଟିଏ ସଂସ୍କାର ପାଇଁ ଗଠିତ ୭ ଜଣିଆ କମିଟି ଛାତ୍ରୀଛାତ୍ରଙ୍କ ସ୍ୱାର୍ଥରକ୍ଷା କରିବ ବୋଲି କେନ୍ଦ୍ର ଆଶା ରଖିଛି। ଏହି କମିଟି ଏନ୍‌ଟିଏର ଡେଟା ସୁରକ୍ଷା ପ୍ରୋଟୋକଲ, ଏନ୍‌ଟିଏର ଗଠନ ଓ କାର୍ଯ୍ୟକାରିତାରେ ଉନ୍ନତି ଆଣିବ। ଏହାସହ ପରୀକ୍ଷା ପ୍ରକ୍ରିୟାର ବ୍ୟବସ୍ଥାରେ ସଂସ୍କାର ଆଣିବା ନିମନ୍ତେ ସୁପାରିସ କରିବ ବୋଲି ମନ୍ତ୍ରଣାଳୟ କହିଛି। ୨ ମାସ ମଧ୍ୟରେ କମିଟି ତା'ର ସୁପାରିସ ଶିକ୍ଷା ମନ୍ତ୍ରଣାଳୟ ନିକଟରେ ଦାଖଲ କରିବ। କମିଟିରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ପୂର୍ବତନ ମୁଖ୍ୟ ଡ. କେ. ରାଧାକୃଷ୍ଣନ ଅଧ୍ୟକ୍ଷ ହୋଇଛନ୍ତି। ଅନ୍ୟ ସଦସ୍ୟମାନେ ହେଲେ ଦିଲ୍ଲୀ ଏମ୍ସର ପୂର୍ବତନ ଅଧ୍ୟକ୍ଷ ଡ. ରଣଦୀପ ଗୁଲେରିଆ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି.ଜେ. ରାଓ, ଆଇଆଇଟି ମାଡ୍ରାସ୍‌ର ସିଭିଲ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ରାମମୂର୍ତ୍ତି କେ, କର୍ମଯୋଗୀ ଭାରତର ବୋର୍ଡ ସଦସ୍ୟ ତଥା ପିପୁଲ ଷ୍ଟ୍ରଙ୍ଗ୍‌ର ସହ ପ୍ରତିଷ୍ଠାତା ପଙ୍କଜ ବଂଶଲ, ଆଇଆଇଟି ଦିଲ୍ଲୀର ଡିନ୍ ଷ୍ଟୁଡେଣ୍ଟସ୍ ଆଫେୟାର୍ସ ପ୍ରଫେସର ଆଦିତ୍ୟ ମିତ୍ତଲ ଏବଂ ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଗୋବିନ୍ଦ ଜୟସ୍ୱାଲ। ଶିକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ କମିଟି ପରୀକ୍ଷାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅନୁଧ୍ୟାନ କରି ବ୍ୟବସ୍ଥାର ସାମର୍ଥ୍ୟ ବଢ଼ାଇବା ଦିଗରେ ବିଭିନ୍ନ ପ୍ରସ୍ତାବ ଦେବ। ଏହା ବ୍ୟତୀତ ଏନ୍‌ଟିଏର ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର (ଏସ୍‌ଓପି)/ ପ୍ରୋଟୋକଲ୍‌ଗୁଡ଼ିକୁ କମିଟି ଭଲଭାବେ ସମୀକ୍ଷା କରିବା ସହ ସେଗୁଡ଼ିକୁ ସୁଦୃଢ଼ କରିବା ଦିଗରେ ପରାମର୍ଶ ଦେବ।

ସୂଚନାଯୋଗ୍ୟ, ଗତ ମେ' ୫ରେ ୨୪ ଲକ୍ଷ ଛାତ୍ରୀଛାତ୍ର ଦେଶର ୪,୭୫୦ ସେଣ୍ଟରରେ ଏନ୍‌ଇଇଟି–ୟୁଜି ପରୀକ୍ଷା ଦେଇଥିଲେ। ୬୭ ଜଣ ପରୀକ୍ଷାର୍ଥୀଙ୍କୁ ସର୍ବୋଚ୍ଚ ନମ୍ବର ଦିଆଯାଇ ର୍ୟାଙ୍କ ୱାନ୍‌ରେ ସ୍ଥାନିତ କରାଯାଇଥିଲା। ହରିୟାଣାର ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ପିଲା ସର୍ବୋଚ୍ଚ ନମ୍ବର ରଖିଥିଲେ। କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଅଧିକ ଗ୍ରେସ୍‌ମାର୍କ ଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ୍ ସମେତ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଦୁର୍ନୀତି ଓ କୁପରିଚାଳନା ସାମ୍ନାକୁ ଆସିବା ପରେ ସାନି ପରୀକ୍ଷା ଦାବିରେ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରୀକ୍ଷା ଅନିୟମିତତାକୁ ବିରୋଧକରି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ସେହିପରି ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ଓ ଆସିଷ୍ଟାଣ୍ଟ ପ୍ରଫେସର ପଦରେ ନିଯୁକ୍ତି ପାଇଁ ୟୁଜିସି–ନେଟ୍ ପରୀକ୍ଷା ଜୁନ୍ ୧୮ରେ ଅନୁଷ୍ଠିତ ହୋଇଥିଲା। ୧୧.୨୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଦୁର୍ନୀତି ଉପାୟ ଅବଲମ୍ବନ କରାଯାଇଥିବା ଜଣାପଡ଼ିବା ପରେ ୧୯ ତାରିଖରେ ପରୀକ୍ଷାକୁ ଏନ୍‌ଟିଏ ରଦ୍ଦ କରିଦେଇଥିଲା। ସେହିପରି ଜୁଲାଇ ୨୫ରୁ ୨୭ ମଧ୍ୟରେ ହେବାକୁ ଥିବା ସାଇଣ୍ଟିଫିକ୍ ଆଣ୍ଡ୍ ରିସର୍ଚ୍ଚ (ସିଏସ୍‌ଆଇଆର୍)–ୟୁଜିସି–ନେଟ୍ ପରୀକ୍ଷାକୁ ଶୁକ୍ରବାର ରାତିରେ ସ୍ଥଗିତ ରଖାଯାଇଛି।

## ଏନ୍‌ଇଇଟି– ପିଜି ...

କୁହାଯାଇଛି। ପରୀକ୍ଷା କେବେ ହେବ ସେ ନେଇ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ୪ଟି ପରୀକ୍ଷାରେ ଦୁର୍ନୀତି ଓ ସାଲିସ ଯୋଗୁ ହତାଶ ହୋଇଯାଇଥିବା ଛାତ୍ରୀଛାତ୍ର କେନ୍ଦ୍ରର ସଦ୍ୟ ନିଷ୍ପତ୍ତିକୁ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କଂଗ୍ରେସ, ଟିଏମ୍‌ସି ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି।

## ଅନୁଷ୍କା ଶେଟ୍ଟୀଙ୍କୁ ...

ସାଧାରଣତଃ ଏହି ରୋଗରେ ପୀଡ଼ିତ ବ୍ୟକ୍ତି ମାନେ ସାମାଜିକ ସ୍ତରରେ ବିଚ୍ଛିନ୍ନ ହେବା ସହ ଏକାନ୍ତ ଜୀବନ ବିତାଇବାକୁ ପସନ୍ଦ କରିଥାନ୍ତି। ସେହିପରି ଏହି ରୋଗୀମାନଙ୍କ ସହ ସମାଜରେ ବିଭିନ୍ନ ଲଜ୍ଜାଜନକ ଘଟଣା ଘଟିବାର ଆଶଙ୍କା ରହିଥାଏ।

## ସମ୍ବଲପୁରରେ ଏମ୍ସ...

ଆକର୍ଷିତ କରିବା ସହ ଓଡ଼ିଶାକୁ ଏକ ନିବେଶ କେନ୍ଦ୍ର ଭାବରେ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ପାରାଦୀପ ବନ୍ଦରର ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜି ନିବେଶ ନିମନ୍ତେ ୨୦୨୪–୨୫ ବଜେଟରେ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଓଡ଼ିଶାକୁ ଅଧିକ ଅନୁଦାନ ଦେବାକୁ ରାଜ୍ୟ ସରକାର ଦାବି କରିଛନ୍ତି।

କେନ୍ଦ୍ର ବଜେଟରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍) ଅଧୀନରେ ବାର୍ଷିକ ଆବଣ୍ଟନର ଆଗୁଆ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ରାଜ୍ୟମାନଙ୍କୁ ସେମାନଙ୍କ ବଜେଟକୁ ବାସ୍ତବ ଭିତ୍ତିରେ ପ୍ରସ୍ତୁତ ଏବଂ ପାଣ୍ଠିର ସମୟାନୁବର୍ତ୍ତୀ ଉପଯୋଗ କରିବାରେ ସହାୟକ ହେବ। ଏଥିସହିତ ଓଡ଼ିଶାରେ ଜାତୀୟ ରାଜପଥ, ବିଶେଷକରି ଉପକୂଳ ରାଜପଥ(କୋଷ୍ଟାଲ୍ ହାଇୱେ) ଏବଂ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (ସିଆର୍‌ଆର୍‌ଆର୍) ପ୍ରକଳ୍ପର ଶୀଘ୍ର ସମାପ୍ତି ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଓଡ଼ିଶାରେ ନୂତନ ସହରର ବିକାଶ ଏବଂ ଦ୍ରୁତ ସହରୀକରଣ ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇବା ସହ ଓଡ଼ିଶାରେ ବିଦ୍ୟୁତ୍ କ୍ଷେତ୍ର ସମସ୍ୟାର ସମାଧାନ ନିମନ୍ତେ ସଂଶୋଧିତ ବିତରଣ ସେକ୍ଟର ସ୍କିମ୍(ଆର୍‌ଡିଏସ୍‌ଏସ୍) ଅଧୀନରେ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ(ଡିସ୍‌କମ)ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା, ସବୁଜ ହାଇଡ୍ରୋଜେନ ଭଳି ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ଆର୍ଥିକ ସହାୟତା ଏବଂ ଓଡ଼ିଶାରେ ଗ୍ରୀନ୍ ଏନର୍ଜି କରିଡର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଅର୍ଥ ପ୍ରଦାନ କରିବାକୁ ଓଡ଼ିଶା ଦାବି କରିଛି। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ ଉପମୁଖ୍ୟମନ୍ତ୍ରୀଙ୍କ ସହ ବୈଠକରେ ଯୋଗ ଦେଇ ଓଡ଼ିଶା ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ ଏକ ଲିଖିତ ସ୍ମାରକପତ୍ର ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଦାଖଲ କରିଛନ୍ତି। ରାଜ୍ୟର ଉପସ୍ଥାପିତ ସମସ୍ତ ଦାବି ଏବଂ ପରାମର୍ଶଗୁଡ଼ିକ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଅଧିକାରୀଙ୍କୁ ନାଳକୁ ...

ପ୍ରତିକ୍ରିୟାଶୀଳ ହୋଇଥିଲେ। ଏବେ ପୁଣି କମ୍ପାନୀର ତୈଳଯୁକ୍ତ ପାଣି ନାଳରେ ମିଶୁଛି। ଦୂଷିତ ଜଳ ପିଇ ଗ୍ରାମର ଗୋଟିଏ ଗାଈ ମୃତ୍ୟୁବରଣ କରିଛି। ଲୋକଙ୍କ ଅଭିଯୋଗ ପରେ କାରାଖାନା ଅଧିକାରୀମାନେ ସମାଧାନ ପାଇଁ ଗ୍ରାମକୁ ଆସିଥିଲେ। ଆଲୋଚନା ପରେ ଅଧିକାରୀମାନେ ଲୋକଙ୍କ ସହ ନାଳ ନିକଟକୁ ଯାଇ ପାଣି ଦେଖୁଥିଲେ। ଏହି ସମୟରେ କେତେଜଣ ଉତ୍ତ୍ୟକ୍ତ ଲୋକ କମ୍ପାନୀ ପ୍ରଦୂଷଣ ବିଭାଗ ଯନ୍ତ୍ରୀଙ୍କୁ ତୈଳଯୁକ୍ତ ଜଳ ମିଶୁଥିବା ନାଳ ମଧ୍ୟକୁ ଠେଲି ଦେଇଥିଲେ। ଏହି ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏ ନେଇ ଗ୍ରାମବାସୀ ଭୟରେ ମୁହଁ ଖୋଲୁ ନ ଥିବା ବେଳେ କାରଖାନା କର୍ତ୍ତୃପକ୍ଷ ମଧ୍ୟ ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି, ଖୁବ୍‌ଶୀଘ୍ର ଦେଓଝର ଯାଇ ପାଣି ଯାଞ୍ଚ କରାଯିବ। ଏହା କିପରି ପ୍ରଦୂଷିତ ହୋଇଛି। ଏହାର ତଦନ୍ତ କରାଯିବ ବୋଲି କହିଥିଲେ।

# ଶିଶୁଭବନ ନୂଆ କୋଠା

# ବର୍ଷେ ପରେ ବି କାମରେ ଆସୁନି

**କଟକ, ୨୨।୬(ଶିଳ୍ପା ପ୍ରିୟଦର୍ଶିନୀ)**

## ୧୨୭ କୋଟି ବ୍ୟୟରେ ନିର୍ମାଣ, ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସ ରହିଛି



ରାଜ୍ୟରେ ଶିଶୁ ରୋଗ ଚିକିତ୍ସା ଦିଗରେ କଟକ ଶିଶୁଭବନ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ତେଣୁ ରୋଗୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ଲକ୍ଷ୍ୟରେ ୧୨୭ କୋଟି ଟଙ୍କା ବ୍ୟୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନର ନୂତନ କୋଠା ନିର୍ମାଣ କରାଯାଇଛି। ନିର୍ମାଣ ଶେଷ ପରେ ଏହି ଅଟ୍ଟାଳିକାକୁ ୱାର୍କସ ବିଭାଗ ମେଡିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାର ଇତିମଧ୍ୟରେ ଏକବର୍ଷ ବିତି ଲାଣି। ଏହା ସତ୍ତ୍ୱେ ନୂତନ ଅଟ୍ଟାଳିକା ଲୋକାର୍ପିତ ହୋଇପାରୁ ନାହିଁ, ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ କର୍ମଚାରୀ ସଙ୍କଟ ଯୋଗୁ ନୂତନ କୋଠାରେ ରୋଗୀ ସେବା ଆରମ୍ଭ ହୋଇପାରୁ ନ ଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଥିବାବେଳେ ଏସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଦୀପ କୁମାର ଜେନାଙ୍କଠାରୁ କୌଣସି ମତାମତ ମିଳିପାରୁ ନାହିଁ।

ମିଳିଥିବା ସୂଚନା ମୁତାବକ, ଶିଶୁଭବନର ଉନ୍ନତୀକରଣ ପାଇଁ ନୂତନପ୍ରକଳ୍ପ ୨୦୨୦ ଫେବୃଆରୀରେ ଆରମ୍ଭ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ଶେଷ ହେବାର ବର୍ଷେ ବିତିସାରିଛି। କିନ୍ତୁ ନୂତନ କୋଠାଟି ରୋଗୀ ସେବାରେ ଲାଗି ପାରୁନାହିଁ। ଏହା ୭ମହଲା(ଜି+୬) ବିଶିଷ୍ଟ ହୋଇଥିବାବେଳେ ଏଥିରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ହଷ୍ଟେଲ ସମେତ ଅନ୍ୟାନ୍ୟ ବିଭାଗ ରହିଛି। ଏବେ ଶିଶୁ ଭବନରେ ୨ଟି ଆଉଟଡୋର ବା ଓପିଡି ରହିଛି। ସେଥିମଧ୍ୟରୁ ଗୋଟିଏ ସର୍ଜରି ଓ ଅନ୍ୟଟି ସାଧାରଣ ଓପିଡି ରହିଛି। କିନ୍ତୁ ନୂତନ କୋଠାର ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସର ଗ୍ରାଉଣ୍ଡ ଫ୍ଲୋରରେ ୧୦ଟି ଓପିଡି ରହିବ। ଏଥିସହ ୪ଟି ସୁପର ସ୍ପେଶାଲିଟି ଓପିଡି ଏହି କମ୍ପ୍ଲେକ୍ସ ଭିତରେ କାର୍ଯ୍ୟ କରିବ। କୋଠାର ତଳ ମହଲାରେ ୩ହଜାର ୬୮୨ ବର୍ଗଫୁଟ ଜାଗା ବ୍ୟବହାର କରାଯାଇଥିବା ବେଳେ ମୋଟ ୧୪ଟି ଓପିଡି ରୁମ୍ ରହିବ। ଏହାସହ ୪୬ଟି କାଜୁଆଲିଟି ଶଯ୍ୟା ଏବଂ ଏକ ମାଇନର ଅପରେଶନ ଥିଏଟର ରୁମ୍ ମଧ୍ୟ ଏଠାରେ ଖୋଲିବ। ପ୍ରଥମ ମହଲାରେ ୩ହଜାର ୨୨ବର୍ଗଫୁଟ ଜାଗା ବ୍ୟବହାର ହୋଇଛି। ଏଠାରେ କେବଳ ୧୧୦ ଶଯ୍ୟା ଶିଶୁରୋଗୀଙ୍କ ନିମନ୍ତେ ମହଜୁଦ ରଖାଯିବ। ଦ୍ୱିତୀୟ ମହଲାରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ୟୁନିଟ କାର୍ଯ୍ୟ କରିବ। ଏହି ମହଲାରେ ୩ହଜାର ୪୭୦ବର୍ଗଫୁଟ୍ ଜାଗା ବ୍ୟବହାର ହୋଇଛି। ଏଠାରେ ୩୦ ଶଯ୍ୟା ବିଶିଷ୍ଟ ହାଇ ଡିପେଣ୍ଡାଣ୍ଟ ୟୁନିଟ(ଏଚ୍‌ଡିୟୁ), ୧୫ ଶଯ୍ୟା ବିଶିଷ୍ଟ ପେଡିଆଟ୍ରିକ ଇନ୍‌ଟେନ୍‌ସିଭ କେୟାର ୟୁନିଟ(ପିଆଇସିୟୁ), ୪୦ ଶଯ୍ୟାବିଶିଷ୍ଟ ନିଓନାଟାଲ ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ(ଏନ୍‌ଆଇସିୟୁ), ୧୧ଶଯ୍ୟା ବିଶିଷ୍ଟ କଙ୍ଗାରୁ ମଦର କେୟାର ୱାର୍ଡ(କେଏମ୍‌ସି) ଖୋଲିବ। ଏହାବ୍ୟତୀତ ଏକ ଫିଡିଂ ରୁମ୍ ରହିବ, ଯେଉଁଠାରେ ୬ଟି ଶଯ୍ୟା ଉପଲବ୍ଧ ରହିବ। ଏହି ମହଲାରେ ୬୦ଶଯ୍ୟାବିଶିଷ୍ଟ ପେଡିଆଟ୍ରିକ ମେଡିସିନ ୱାର୍ଡ ମଧ୍ୟ ଖୋଲିବ। ନୂତନ କୋଠାର ୫ମ ଏବଂ ୬ଷ୍ଠ ମହଲାକୁ ମେଡିକାଲର ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ବ୍ୟବହାର କରାଯିବ। ୬ଷ୍ଠ ମହଲାରେ ସମ୍ମିଳନୀ ଗୃହ, ସେମିନାର କକ୍ଷ ଏବଂ ପ୍ରଶିକ୍ଷଣ ଗୃହ ରହିବ। ସେହିପରି ୩ୟ ମହଲାରେ ୨୦୦ଶଯ୍ୟାବିଶିଷ୍ଟ ନ୍ୟୁ ବର୍ନ ୟୁନିଟ, ୯୨ ଶଯ୍ୟାବିଶିଷ୍ଟ ମାତୃ ବିଶ୍ରାମ ୱାର୍ଡ, ୨୨ ଶଯ୍ୟାବିଶିଷ୍ଟ କଙ୍ଗାରୁ ମଦର କେୟାର ୱାର୍ଡ, ୪ର୍ଥ ମହଲାରେ ୪୦ ଶଯ୍ୟାବିଶିଷ୍ଟ ପେଡିଆଟ୍ରିକ ସର୍ଜରି ୱାର୍ଡ ଏବଂ ୩ଟି ଅପରେସନ ଥିଏଟର କାର୍ଯ୍ୟ କରିବ। ସେହିପରି ନୂତନ ହଷ୍ଟେଲ କୋଠା ନିର୍ମାଣ ନିମନ୍ତେ ୪ହଜାର ୯୭୪ ବର୍ଗଫୁଟ ଜାଗା ବ୍ୟବହାର କରାଯାଇଛି। ଏଠାରେ ମୋଟ ୧୨୪ ପ୍ରକୋଷ୍ଠ ରହିବ। ସେଥିମଧ୍ୟରୁ ଡାକ୍ତରୀ ଛାତ୍ରୀଙ୍କ ନିମନ୍ତେ ୫୦ଟି, ଡାକ୍ତରୀ ଛାତ୍ରଙ୍କ ନିମନ୍ତେ ୫୦ଟି ଏବଂ ଡାକ୍ତର ଦମ୍ପତିଙ୍କ ନିମନ୍ତେ ୨୪ଟି ପ୍ରକୋଷ୍ଠ ରହିଥିବା ସୂଚନା ରହିଛି।

# ଚାପିହୋଇ ଶ୍ରମିକ ଦମ୍ପତି ମୃତ

## ନିଅଁ ଖୋଳୁଥିବା ସମୟରେ ପାଚେରି ଭୁଶୁଡ଼ିଲା


ଭୁଶୁଡ଼ି ପଡ଼ିଥିବା ପାଚେରି।

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ବିବେକାନନ୍ଦ ନଗରରେ ଶନିବାର ମଧ୍ୟାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ଶ୍ରମିକମାନେ ବିପଦସଙ୍କୁଳ ଅବସ୍ଥାରେ ନିଅଁ ଖୋଳୁଥିବା ସମୟରେ ପାଚେରି ପଡି ଯାଇଥିଲା। ପାଚେରି ତଳେ ଚାପି ହୋଇ ଶ୍ରମିକ ଦୁର୍ଲଭ ମିର୍ଦ୍ଧା(୫୦) ଓ ତାଙ୍କ ସ୍ୱାମୀ ମନୁ ମିର୍ଦ୍ଧା(୫୫)ଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତିଙ୍କ ଘର ସୁବଲୟା ଥାନା ବଡଖମାର ପଞ୍ଚାୟତ ରାଧାପୁର ଗାଁରେ। ଖବର ପାଇ ସୋନପୁର ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରୁ ଶ୍ରମିକ ଦମ୍ପତିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଏ ସମ୍ପର୍କରେ ମୃତା ଦୁର୍ଲଭଙ୍କ ଭାଇ ବୀରମହାରାଜପୁର ଥାନା ହିଲୁଙ୍ଗ ଅଞ୍ଚଳର ମଧୁ ମିର୍ଦ୍ଧା ସୋନପୁର ଥାନାରେ ଅଭିଯୋଗ କରିଛନ୍ତି। ଏକ ବେସରକାରୀ ଜମିରେ ନିର୍ମାଣ କାମ ପାଇଁ ମଧୁ, ତାଙ୍କ ଭଉଣୀ ଭିଣୋଇ(ମୃତ ଦମ୍ପତି) ଓ ଅନ୍ୟ ୨ ଶ୍ରମିକ ନିଅଁ ଖୋଳୁଥିଲେ। ପାର୍ଶ୍ୱରେ ଥିବା ପାଚେରି ତଳୁ ମୃତ ଦମ୍ପତି ମାଟି ଖୋଳିବା ସମୟରେ ତାହା ଭୁଶୁଡି ପଡିଥିଲା। ଏଥିଯୋଗୁ ଭଉଣୀ ଦୁର୍ଲଭ ଓ ଭିଣୋଇ ମନୁଙ୍କର ମୃତ୍ୟୁ ହୋଇଥିବା ମଧୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଦଫା ୩୦୪ରେ ଏକ ମାମଲା(୧୯୬/୨୪) ରୁଜୁ ହୋଇଛି। ଘଟଣା ସମ୍ପର୍କରେ ସୋନପୁର ଆଇଆଇସି ଲୋକନାଥ ସାହୁଙ୍କୁ ପଚାରିବାରୁ ଶ୍ରମିକଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ତେବେ ଶ୍ରମିକମାନେ ଡ୍ରେନ୍ କି ପାଚେରି ପାଇଁ ନିଅଁ ଖୋଳୁଥିଲେ ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କହିଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇପାରିନି। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଶ୍ରମିକ ଦମ୍ପତିଙ୍କ ମୃତ୍ୟୁରେ ତାଙ୍କ ଛୋଟ ଝିଅପୁଅ ଅନାଥ ହୋଇଯାଇଛନ୍ତି। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଘଟଣାସ୍ଥଳରେ ପହଞ୍ଚି ମୃତ ଶ୍ରମିକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ପୁଣେରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ବିବାହ ସ୍ୱପ୍ନ ଅଧୁରା ରହିଲା

**ଭବାନୀପାଟଣା/ଜୁନାଗଡ଼,୨୨।୬(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)**


ମୃତ ଶ୍ରମିକ ପ୍ରକାଶ ପୂଜାରୀ।

କଳାହାଣ୍ଡି ଜିଲାରେ ଥମୁନି ଦାଦନ ଦୁଃଖ। କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇ ସେଠାରେ ବିଭିନ୍ନ କାରଣରୁ ମୃତ୍ୟୁବରଣ କରୁଛନ୍ତି ଦାଦନ ଶ୍ରମିକ। ଏପରି ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ଅଞ୍ଚଳରେ। ଜୁନାଗଡ ବ୍ଲକ ଚିଙ୍ଗୁଡିସର ଗ୍ରାମର ପ୍ରକାଶ ପୂଜାରୀ (୨୩) ନାମକ ଜଣେ ଶ୍ରମିକ ଦାଦନ ଖଟିବାକୁ ପୁଣେ ଯାଇ ସେଠାରେ ଶୁକ୍ରବାର ରାତିରେ ମୃତ୍ୟୁବରଣ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାକ୍ରମେ ପ୍ରାୟ ମାସକ ତଳେ ପ୍ରକାଶ ଗ୍ରାମର କେତେଜଣ ସହଯୋଗୀଙ୍କ ସହ ମହାରାଷ୍ଟ୍ର ରାଜ୍ୟ ପୁଣେକୁ କାମ କରିବାକୁ ଯାଇଥିଲେ। ସେଠାରେ ସେ କୋଠା ନିର୍ମାଣ କାମରେ ନିୟୋଜିତ ଥିଲେ। ଶୁକ୍ରବାର କୋଠାରେ କାମ କରୁଥିବା ସମୟରେ ହଠାତ୍ ତାଙ୍କ ଦେହ ଖରାପ ହୋଇଥିଲା। ଏହାପରେ ପାଖରେ ଥିବା ସହଯୋଗୀ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପ୍ରକାଶ ମା'ବାପାଙ୍କ ବଡପୁଅ ହୋଇଥିବାବେଳେ ଆସନ୍ତା ଫେବୃଆରୀ ମାସରେ ତାଙ୍କର ବିବାହ ପାଇଁ ସ୍ଥିର ହୋଇଥିଲା। ଏହି ସ୍ୱପ୍ନ ତାଙ୍କ ପାଇଁ ଅଧୁରା ରହିଯାଇଛି। ବଡପୁଅକୁ ହରାଇ ଏବେ ତାଙ୍କ ପରିବାରବର୍ଗ ଦୁଃଖରେ ଭାଙ୍ଗିପଡିଛନ୍ତି। ଶନିବାର ମଧ୍ୟ ରାତ୍ରିରେ ଗାଁକୁ ତାଙ୍କର ମୃତଦେହ ଆସିବ ବୋଲି ଜଣାପଡିଛି।

# ପୋଷ୍ଟାଲ ଇନ୍ସପେକ୍ଟର, ଓଭରସିୟରଙ୍କୁ ଧରିଲା ସିବିଆଇ

## ଇନ୍‌କ୍ରିମେଣ୍ଟ କରିବାକୁ ୪୦ହଜାର ଲାଞ୍ଚ

**ବାରିପଦା/ବଡ଼ସାହି, ୨୨।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ସମ୍ବିତ କୁମାର ରାଉତ)**


ଇନ୍ସପେକ୍ଟର ରୁବି ଦାସଙ୍କ ଘରେ ସିବିଆଇ ଯାଞ୍ଚ କରୁଛି।

ମୟୂରଭଞ୍ଜ ଜିଲା ବଡ଼ସାହି ସବ୍‌ଡିଭିଜନ ପୋଷ୍ଟାଲ ଇନ୍ସପେକ୍ଟର ଏବଂ ଓଭରସିୟର ଲାଞ୍ଚ ନେବା ମାମଲାରେ ସିବିଆଇ ହାତରେ ଧରାପଡ଼ିଛନ୍ତି। ଇନ୍‌କ୍ରିମେଣ୍ଟ ବୃଦ୍ଧି କରିବାକୁ ନେଇ ୪୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଇନ୍ସପେକ୍ଟର ରୁବି ଦାସ ଓ ଓଭରସିୟର ସୁଶାନ୍ତ କୁମାର ଦାଶଙ୍କୁ ସିବିଆଇ ଗିରଫ କରିଛି। ଘଟଣାକୁ ନେଇ ଇନ୍ସପେକ୍ଟରଙ୍କ ଭଡ଼ାଘର ଓ ଅଫିସରେ ଭୁବନେଶ୍ୱର ଶାଖାର ଅଫିସରମାନେ ଚଢ଼ାଉକରି ଜରୁରୀ କାଗଜପତ୍ର ଯାଞ୍ଚ କରିଛନ୍ତି। ବଡ଼ସାହି ସବ୍‌ଡିଭିଜନ ମାଣତ୍ରୀ ଉପଡାକଘର ଅଧୀନ ଦେଓପଡ଼ା ପୋଷ୍ଟ ଅଫିସ ଶାଖାର ଏମ୍‌ବିପିଏମ୍ ଭାବେ ଅଜିତ କୁମାର ରାଉତ କାର୍ଯ୍ୟ କରୁଥିଲେ। ୨୦ଦିନ ପୂର୍ବେ ଅଜିତଙ୍କ ଇନ୍‌କ୍ରିମେଣ୍ଟ ବୃଦ୍ଧି କରିବାକୁ ନେଇ ମୁଖ୍ୟ କାର୍ଯ୍ୟାଳୟକୁ ଇନ୍ସପେକ୍ଟର ରୁବି ଦାଶ ଓ ଓଏସ୍ ସୁଶାନ୍ତ କୁମାର ଦାସ ବଡସାହି ମୁଖ୍ୟ ଡାକଘରକୁ ଡକାଇଥିଲେ। ଡିଆର୍‌ସି ରିଭାଇଜ ପାଇଁ ଏଲିଜିବୁଲ ଥିବାରୁ ନିଜର ଡକ୍ୟୁମେଣ୍ଟ ଧରି କାର୍ଯ୍ୟାଳୟକୁ ଆସିବା ପରେ ୧୫ହଜାର ଟଙ୍କା ମାଗିଥିଲେ। ତେବେ ଡକ୍ୟୁମେଣ୍ଟ ଥିବାରୁ ଲାଞ୍ଚ ଦେବାକୁ ଅଜିତ ମନାକରିଥିଲେ। ୧୫ହଜାର ଟଙ୍କା ଦେବା ପରେ ଖୁବ୍‌ଶୀଘ୍ର କାର୍ଯ୍ୟ ହେବ ବୋଲି କହିଥିଲେ। ଟଙ୍କା ଦେବାର ୧୫ ଦିନ ପରେ ପୁନଶ୍ଚ ଅଜିତଙ୍କୁ ଡକାଇ ଅଧିକ ୫୦ହଜାର ଟଙ୍କା ଦେବାକୁ ବାଧ୍ୟ କରିଥିଲେ। ତେବେ ୪୦ ହଜାର ଟଙ୍କାରେ କଥା ଛିଡ଼ିଥିଲା। ୨/୩ ହଜାର ଟଙ୍କା ଇନ୍‌କ୍ରିମେଣ୍ଟ ବଢ଼ାଇବାକୁ ୪୦ହଜାର ଟଙ୍କା ଦେବା ଘଟଣାକୁ ନେଇ ଅଜିତ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ସିବିଆଇ ବିଭାଗର ଡିଏସ୍‌ପି ରାନୁ ଚୌଧୁରୀଙ୍କ ନେତୃତ୍ୱରେ ୮ଜଣଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଯୋଜନା ମୁତାବକ ଟଙ୍କା ନେଇ ବୈଶିଙ୍ଗା ଥାନା ଅଧୀନ କଳମାସ୍ଥିତ ସୁଶାନ୍ତଙ୍କ ବାସଭବନରେ ଅଜିତ ଟଙ୍କା ଦେବା ପରେ ସିବିଆଇର ଅଫିସରମାନେ ମାଡ଼ି ବସିଥିଲେ। ଲାଞ୍ଚ ଟଙ୍କା ଜବତ କରିବା ପରେ ଘଟଣାର ସତ୍ୟାସତ୍ୟକୁ ନେଇ ସୁଶାନ୍ତଙ୍କୁ ଧରି ପୋଷ୍ଟାଲ ଇନ୍ସପେକ୍ଟରଙ୍କ ଭଡ଼ାଘରେ ଚଢ଼ାଉ କରିଥିଲେ। ଦିନତମାମ ଚଢ଼ାଉ ପରେ ଜିଲା ମୁଖ୍ୟାଳୟରୁ ଅଧିକାରୀ ପହଞ୍ଚିବା ପରେ କାର୍ଯ୍ୟାଳୟରେ ପଶି କାଗଜପତ୍ର ଯାଞ୍ଚ କରିଥିଲେ। ରାତି ୮ଟା ପର୍ଯ୍ୟନ୍ତ ଚଢ଼ାଉ କରିବା ପରେ ଉଭୟଙ୍କୁ ଗିରଫ କରାଯାଇଛି। ରବିବାର କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି। ପୋଷ୍ଟାଲ ଇନ୍ସପେକ୍ଟରଙ୍କ ନାମରେ ପୂର୍ବରୁ ବାରମ୍ବାର ଅଭିଯୋଗ ହୋଇଆସୁଥିବା ନେଇ କର୍ମଚାରୀମାନେ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

# ବାଣଗୋଦାମରେ ବିସ୍ଫୋରଣ, ଜଳିଗଲେ ବ୍ୟବସାୟୀ

**ବୈଶିଙ୍ଗା, ୨୨।୬(ରତନ ଦାଶ)**

ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମହୁଲପାଟଣା ଗାଁରେ ଶନିବାର ଅପରାହ୍ନରେ ବିଦ୍ୟୁତ୍ ସର୍ଟସର୍କିଟରୁ ବାଣ ଗୋଦାମରେ ବିସ୍ଫୋରଣ ଘଟି ବ୍ୟବସାୟୀ ଜୀଅନ୍ତା ଜଳିଯାଇଛନ୍ତି। ମୃତକ ହେଲେ ଖଗେଶ୍ୱର ପଲେଇ(୫୬)। ସେ ବାଣ ବ୍ୟବସାୟ କରନ୍ତି। ଅପରାହ୍ନରେ ସେ ତାଙ୍କ ଘରଠାରୁ ଅଳ୍ପଦୂରରେ ଥିବା ଏକ ଅସ୍ଥାୟୀ ଘରେ ଗଚ୍ଛିତ ରଖାଯାଇଥିବା ବାଣ ଗୋଦାମକୁ ଯାଇଥିଲେ। ସେ କବାଟ ଖୋଲି ଲାଇଟ୍ ସୁଇଚ ମାରିବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ ପୁରା ଗାଁ ଥରି ଉଠିଥିଲା। ଗ୍ରାମବାସୀ ସେଠାରେ ପହଞ୍ଚିବା ବେଳକୁ ଖଗେଶ୍ୱରଙ୍କ ଅର୍ଦ୍ଧଦଗ୍ଧ ଶରୀର ଜଳୁଥିବା ବେଳେ ଅସ୍ଥାୟୀ ଘରର ଛପର ଉଡିଯାଇଥିଲା।

ବୈଶିଙ୍ଗା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା(ନଂ.୨୦/୨୪) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ପୁରା ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ତେବେ ପୋଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗର ଦାୟିତ୍ୱହୀନତା ପାଇଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମହୁଲପାଟଣା ଓ ବାଛୁରୀପଡା ଗ୍ରାମରେ ବର୍ଷତମାମ ଆତସବାଜି ପ୍ରସ୍ତୁତି ଚାଲିଥାଏ। ଏହା ସ୍ଥାନୀୟ ବାସିନ୍ଦାଙ୍କ କୌଳିକ ବୃତ୍ତି ଅଟେ। ସେମାନଙ୍କର ପେଶାକୁ ଶୃଙ୍ଖଳିତ ଢଙ୍ଗରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ ସହ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବାର ଜରୁରୀ ହୋଇପଡିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ରଞ୍ଜନ କୁମାରଙ୍କ 'ଷ୍ଟାର୍ଟ ସିଫ୍ଟ ଗିୟର ସକ୍ସିଡ୍' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨୨।୬ (ଅନୁରାଧା ମହାରଣା)**




ଲେଖକ ରଞ୍ଜନ କୁମାର ମହାପାତ୍ରଙ୍କ ଲିଖିତ ପୁସ୍ତକ 'ଷ୍ଟାର୍ଟ ସିଫ୍ଟ ଗିୟର ସକ୍ସିଡ୍' ଉନ୍ମୋଚିତ ହୋଇଯାଇଛି। ହାଇଦ୍ରାବାଦରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଲେଖକ ମହାପାତ୍ର ନିଜ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ। ସେ କହିଥିଲେ, ବ୍ୟବସାୟ କ୍ଷେତ୍ରରେ ମୋର ୩୩ ବର୍ଷର ଅଭିଜ୍ଞତାକୁ ଏହି ପୁସ୍ତକ ମାଧ୍ୟମରେ ପ୍ରତିଫଳିତ କରିବାକୁ ଚେଷ୍ଟା କରିଛି। ଏହା ମୋର ବହି ଲେଖିବାର ସ୍ୱପ୍ନ ପୂରଣ କରିଛି। ବହିଟିରେ ଅଟୋମୋବାଇଲ କ୍ଷେତ୍ରରେ ଅଭିନବ କୌଶଳ ଦ୍ୱାରା ବିକ୍ରୟ, ଅର୍ଥ ଏବଂ ବୀମା, ସେବା ସମନ୍ୱୟ, ପାର୍ଟସ ଅପରେଶନ, ଗ୍ରାହକ ଏବଂ କର୍ମଚାରୀଙ୍କ ସହିତ ସମନ୍ୱୟ ରକ୍ଷା ସମ୍ପର୍କରେ ଅନେକ କଥା ରହିଛି। ମାରୁତି, ହୁଣ୍ଡାଇ, ମହିନ୍ଦ୍ରା, ଟାଟାରୁ ଅନେକ ଅଧ୍ୟୟନ ସ୍ଥାନିତ କରାଯାଇଛି, ଯାହା ୫୯୨ ନିର୍ମାତାଙ୍କ ସହ ୪୫୦୦୦ ଅଟୋ ଡିଲର ଓ ସବ୍‌ଡିଲରଙ୍କୁ ସେମାନଙ୍କ ବ୍ୟବସାୟ ପରିଚାଳନାରେ ଏବଂ ପରବର୍ତ୍ତୀ ସ୍ତରରେ ପହଞ୍ଚିବାରେ ନିଶ୍ଚିତ ଭାବରେ ସାହାଯ୍ୟ କରିବ। ଏଥିସହ ସେ ଏହି ପୁସ୍ତକଟିକୁ ନିଜ ମା', ବନ୍ଧୁ ଏବଂ ପରିବାରବର୍ଗଙ୍କୁ ଉତ୍ସର୍ଗ କରିଛନ୍ତି। ସେହିପରି ପୁସ୍ତକର ସଫଳତା ପଇଁ ସେ ଈଶ୍ୱରଙ୍କୁ କୃତଜ୍ଞତା ଜଣାଇବା ସହ ଗୁରୁ, ପଥପ୍ରଦର୍ଶକ ଏବଂ ପୁସ୍ତକ ପ୍ରକାଶକଙ୍କୁ ଶ୍ରେୟ ଦେଇଛନ୍ତି ରଞ୍ଜନ।

# ସିପିଆଇ ପୂର୍ବତନ ରାଜ୍ୟ ସମ୍ପାଦକ ଦିବାକର ନାୟକ ଅସୁସ୍ଥ

**ଭୁବନେଶ୍ୱର,୨୨।୬(ବନ୍ଦନା ସେଠୀ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ଓଡିଶା ରାଜ୍ୟ ସମ୍ପାଦକ କମ୍ରେଡ଼ ଦିବାକର ନାୟକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର କଟିହାଡ଼ ଭାଙ୍ଗିଯାଇଥିବାରୁ ଅସ୍ତ୍ରୋପଚାର କରାଯାଇଛି। ଆଗରୁ ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଇତିମଧ୍ୟରେ ତାଙ୍କର ୪ଥର ଡାଏଲିସିସ୍ କରିବା ପରେ ଡାକ୍ତରମାନେ ଖୁବ୍ ସାବଧାନତା ସହକାରେ ଅସ୍ତ୍ରୋପଚାର କରିଥିଲେ। ଏବେ ସେ ହସ୍ପିଟାଲ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ସିପିଆଇ ଭୁବନେଶ୍ୱର ଆଞ୍ଚଳିକ ସମ୍ପାଦକ ସୁର ଜେନା ସୂଚନା ଦେଇଛନ୍ତି।

# ୧୦ ମାଓବାଦୀ ଗିରଫ

**ମାଲକାନଗିରି, ୨୨।୬ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ବିଜାପୁର ଜିଲା ପୋଲିସ ୧୦ ମାଓବାଦୀଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ଏକ ଲକ୍ଷ ପୁରସ୍କାର ଘୋଷିତ ରାଜୁ ଆୟୋମ, ମାସା ନୁପୋ, ପଦନାମ, ଦୋଡି ପୋଦିଆ, ଭୀମା ମାଡବୀ, ଭୀମା ମାଡବୀ (୨), ନାଗେଶ ଧୁରୟା, ସୁଖରାମ ତାମୋ, ମୁଚାକି ଦେବା ଓ କନ୍ନା ପଡିୟୋମ୍। ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବିଜାପୁର ଜିଲା ବାସାଗୁଡା ଥାନା ଅଞ୍ଚଳରେ କୋବ୍ରା, ସିଆରପିଏଫ ଓ ୨୨୯ ବାଟାଲିୟନ ମିଳିତ ଭାବେ ସର୍ଚ୍ଚ ଅପରେଶନ ନିମନ୍ତେ ବାହାରିଥିଲେ। ବାସାଗୁଡା ଥାନା ଅନ୍ତର୍ଗତ ଅସୁର ଏବଂ ନରେମ ଓ ପୁସବାକା ଜଙ୍ଗଲରୁ ୧୦ ଜଣଙ୍କୁ ଗିରଫ କରିଥିଲେ। ଏହି ମାଓବାଦୀମାନଙ୍କ ଠାରୁ ଟିଫିନ ବୋମା, ତାର, ବ୍ୟାଟେରି, ସ୍ୱାଇକ୍, ଜିଲୋଟିନ୍, କୋଡେକ୍ସ ତାର ଆଦି ଜବତ କରିଛନ୍ତି।




## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେ ଯାହାକୁ ରସେ**
**ସେ ତାକୁ କିଆଫୁଲ ପରି ବାସେ।**

ଯିଏ ଯାହାକୁ ଭଲ ପାଏ, ତା'ର ସବୁ ଗୁଣ ତା' ଆଖିକୁ ସୁନ୍ଦର ଲାଗିଥାଏ। ପ୍ରେମାସ୍ପଦର କୌଣସି ମନ୍ଦଗୁଣ ପ୍ରେମିକା ବା ପ୍ରେମିକ ଆଖିକୁ ଦେଖାଯାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେଉଁ ଘରକୁ ଯେଉଁ ବତା**
**ନିର୍ମାଣ କରିଛି ବିଧାତା।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

> ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ–ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। –ଶ୍ରୀମା

# ଗଣତନ୍ତ୍ରରେ ଗଣମାଧ୍ୟମ



**ଆକାର ପଟେଲ**

୨୦୧୪ ପରେ ଭାରତ 'ଗୋଦି ମିଡିଆ' ଫ୍ରେଜ୍ ବା ଶବ୍ଦାବଳୀ ସହ ପରିଚିତ ହେଲା, ଯାହାକୁ ମାଗାସେସେ ପୁରସ୍କାର ବିଜେତା ସାମ୍ବାଦିକ ରବିଶ କୁମାର ସୃଷ୍ଟି କରିଥିଲେ। କିଛି ଦଶନ୍ଧି ପୂର୍ବରୁ ଆମେରିକାର ପ୍ରଫେସର ନୋମ ଚୋମସ୍କି ତାଙ୍କ ପୁସ୍ତକରେ ଲେଖିଥିଲେ ଯେ, ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକର ଗଣମାଧ୍ୟମ ପ୍ରକୃତରେ ସ୍ୱାଧୀନ ନୁହେଁ ଏବଂ ଜନସାଧାରଣଙ୍କୁ ବିଶେଷ ଭାବରେ ବ୍ୟବସ୍ଥାର ବିଫଳତା ବିଷୟରେ ସୂଚନାଦେବା କାର୍ଯ୍ୟ କରୁନାହାନ୍ତି। ଅନ୍ୟପକ୍ଷରେ ଏହା ସରକାର ଏବଂ ବ୍ୟବସାୟିକ ସ୍ୱାର୍ଥରେ ଜଡ଼ିତ, ଯାହାକୁ ସେ 'ମାନୁଫାକ୍ଚରିଂ କନ୍ସେଣ୍ଟ' ବୋଲି କହିଥିଲେ। ସେ କହିଥିଲେ, ଗଣମାଧ୍ୟମ ହେଉଛି ଏକ ଆଦର୍ଶଗତ ସଂସ୍ଥା ଯାହା ଏକ ନିର୍ଦ୍ଦିଷ୍ଟ ମଡେଲରେ ବଜାର ଶକ୍ତି, ନିଜସ୍ୱ ତଥ୍ୟ ଉପରେ ନିର୍ଭର କରି ଏବଂ ବିନା ବାଧବାଧକତାରେ ପ୍ରଚାର କରିବା କଥା। ଏହି ମଡେଲର ବ୍ୟାଖ୍ୟାକାରୀ ଦିଗଗୁଡ଼ିକ ଥିଲା ଏହିପରି। ପ୍ରଥମତଃ ଗଣମାଧ୍ୟମ ଉପରେ କର୍ପୋରେଟ୍ ସ୍ୱାର୍ଥର ପ୍ରଭୁତ୍ୱ ଥିଲା; ଦ୍ୱିତୀୟତଃ ଏହା ପାଉଥିବା ଅର୍ଥ ବିଜ୍ଞାପନ ଉପରେ ନିର୍ଭରଶୀଳ; ତୃତୀୟତଃ ସରକାର ମିଡିଆର କେତେଜଣ ପ୍ରମୁଖ ସାମ୍ବାଦିକ ଏବଂ ଆଙ୍କରଙ୍କୁ ଅନୁମତି ଦେଇ କିମ୍ବା ଲାଇସେନ୍ସ ବନ୍ଦକରି ତାହାକୁ ନିର୍ଭରଶୀଳ କରାଇଥିଲେ; ଚତୁର୍ଥତଃ ଆପୋସ ବୁଝାମଣା କରୁଥିବା ତଥା ଦୁର୍ବଳ ମିଡିଆ ଅସନ୍ତୋଷକୁ ଗୁରୁତ୍ୱ ନ ଦେଇ ରାଜନୈତିକ ବିରୋଧୀଙ୍କୁ ଆକ୍ରମଣକରି ସରକାରୀ ମୁଖପାତ୍ର ଭାବରେ କାର୍ଯ୍ୟ କରିଥିଲା ଏବଂ ପଞ୍ଚମରେ ଏହା ଭୟ ସୃଷ୍ଟିକାରୀ ଭାବେ ବିଭ୍ରାଟ ସୃଷ୍ଟି କରିଥିଲା ଯାହା ପ୍ରକୃତ ପ୍ରସଙ୍ଗରୁ ଧ୍ୟାନ ହଟାଇ ନେଇଥିଲା।

ସଚେତନ ପାଠକମାନେ ସମ୍ଭବତଃ ଏହି ସମସ୍ତ ପରିସ୍ଥିତି ଭାରତର ଗଣମାଧ୍ୟମ ପାଇଁ ପ୍ରଯୁଜ୍ୟ ବୋଲି ଲକ୍ଷ୍ୟ କରୁଥିବେ। ଏହିସବୁ ବିଷୟ ମଧ୍ୟରୁ କେତୋଟି ଉପରେ, ଯେପରିକି ଲାଇସେନ୍ସ ଏବଂ ବିଜ୍ଞାପନ ପାଇଁ ଭାରତୀୟ ଗଣମାଧ୍ୟମ ପାଶ୍ଚାତ୍ୟ ଦେଶ ତୁଳନାରେ ସରକାର ଉପରେ ଅଧିକ ନିର୍ଭରଶୀଳ। ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ, ଗତ ଦଶନ୍ଧିରେ ଭାରତର ତାଲିକାଭୁକ୍ତ ୬ଟି ଗଣମାଧ୍ୟମ କମ୍ପାନୀର ଆୟ ବୃଦ୍ଧି ହୋଇନାହିଁ। ୨୦୧୪ରେ ଏହି କମ୍ପାନୀଗୁଡ଼ିକର ମୋଟ ବିକ୍ରି ୬୩୨୫ କୋଟି ଟଙ୍କା ଥିଲାବେଳେ ୨୦୨୩ରେ ଏହା ମୋଟ ୬୬୯୧ କୋଟି ଟଙ୍କା ଥିଲା। ୨୦୧୪ରେ ମୋଟ ଲାଭ ୭୬୧ କୋଟି ଏବଂ ୨୦୨୩ରେ ଏହା ଥିଲା ୨୫୪ କୋଟି ଟଙ୍କା। ତେଣୁ ପ୍ରଶ୍ନ ହେଉଛି– ଗୋଦି ମିଡିଆ କାହିଁକି ନିଜ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛି? ସେମାନେ ସଂକୀର୍ଣ୍ଣ ହେବା ପଛରେ ଅନେକ କାରଣ ଅଛି। ସେଥିମଧ୍ୟରୁ ଦୁଇଟି ହେଉଛି, ଗତ ୨୦ ବର୍ଷ ମଧ୍ୟରେ ଗଣମାଧ୍ୟମର ସ୍ୱଭାବ ବଦଳିଛି। ବିଜ୍ଞାପନ ବଡ଼ ଅଂଶ ଅନ୍ଲାଇନ ନେଇଯାଇଛି ଏବଂ ଏହାର ଅଧିକାଂଶ ଅର୍ଥ ଗୁଗଲ ଓ ଫେସ୍ବୁକ୍ କମ୍ପାନୀକୁ ଯାଉଛି। ଅନ୍ୟ କାରଣଟି ହେଉଛି ଅର୍ଥ ବ୍ୟବସ୍ଥା ଭଲ ସ୍ଥିତିରେ ନାହିଁ, ବିଶେଷକରି ଏହାର ଉପଭୋକ୍ତା କ୍ଷେତ୍ର। ତଥାପି କ'ଣ ଘଟୁଛି ତାହା ବୁଝିବା ପାଇଁ ମୁଁ ଚ୍ୟାନେଲର ଲୋକମାନଙ୍କ ସହ ଆଲୋଚନା କରିଥିଲି। ସେମାନଙ୍କୁ ଚାରୋଟି ପ୍ରଶ୍ନ ପଚାରିଲି– ସରକାରଙ୍କୁ ସମର୍ଥନ କରିବା ଏବଂ ବିରୋଧୀଙ୍କୁ ଆକ୍ରମଣ କରିବା ପାଇଁ ଚ୍ୟାନେଲଗୁଡ଼ିକ ନିମନ୍ତେ କି ପ୍ରକାର ପ୍ରୋତ୍ସାହନ ଅଛି? ନ୍ୟୁଜ ଚ୍ୟାନେଲ କାର୍ଯ୍ୟଗୁଡ଼ିକ ସରକାରଙ୍କ ବିଜ୍ଞାପନ ଉପରେ କେତେ ନିର୍ଭରଶୀଳ? ଦର୍ଶକଙ୍କ ପସନ୍ଦକୁ ସୂଚାଉଥିବା ସାଧାରଣତଃ ବିଷୟବସ୍ତୁ ପାଇଁ ରେଟିଂ ଯାହା ପାରମ୍ପରିକ ଖବର ହେବା ବଦଳରେ ସାମ୍ପ୍ରଦାୟିକ ଧ୍ରୁବୀକରଣ ହୋଇଛି କି? ଦର୍ଶକଙ୍କ ପସନ୍ଦକୁ ସୂଚାଉଥିବା ସାମ୍ବାଦିକତା ପାଇଁ ରେଟିଂ ସରକାରଙ୍କୁ ସଶକ୍ତ ଏବଂ ଯଥାର୍ଥ କରିଛି କି? ଏହିସବୁ ପ୍ରଶ୍ନ ଉପରେ ମୁଁ ଯେଉଁ ଉତ୍ତର ପାଇଲି ତାହା କୌତୂହଳପୂର୍ଣ୍ଣ। ପ୍ରଥମ ଉତ୍ତର ଥିଲା, ଯଦି ଟଙ୍କା ରୋଜଗାର କରିବାର ଉପାୟ ଥାଏ ତେବେ ମିଡିଆ ଏହା କରିବା ପାଇଁ ବାଟ ଖୋଜିବ। ଏହାର ବଡ଼ କାରଣ ରାଜନୈତିକ ଚାପ ନୁହେଁ, ବରଂ ଖରାପ ରାଜସ୍ୱ ମଡେଲ। ଅନ୍ୟ ଏକ ଉତ୍ତର ଥିଲା, ସାମଗ୍ରିକ ଆୟର ହ୍ରାସକୁ ଦେଖିଲେ ସରକାରୀ ଅର୍ଥ ଉପରେ ମିଡିଆ ଅତ୍ୟଧିକ ନିର୍ଭରଶୀଳ ଏବଂ ସେଥିପାଇଁ ଖାଇବାକୁ ଦେଉଥିବା ହାତକୁ ଜଣେ ରୋକିପାରିବ ନାହିଁ। ଅନ୍ୟ ଏକ କାରଣ ହେଲା, ଗଣମାଧ୍ୟମର ବୃହତ୍ ଅଂଶ ବର୍ତ୍ତମାନ ଆଦାନୀ ଏବଂ ଅମ୍ବାନୀଙ୍କ ମାଲିକାନାରେ ଅଛି ଏବଂ ମିଡିଆ ସେମାନଙ୍କ ପାଇଁ ଏକ ସାଇଡ୍ ବିଜ୍ନେସ୍ ଥିବାବେଳେ ସ୍ୱାର୍ଥରେ ରହିଛି।

ମିଡିଆ ବିଷୟବସ୍ତୁକୁ ନେଇ କରିଥିବା ଦ୍ୱିତୀୟ ସେଟ୍ ପ୍ରଶ୍ନର ଉତ୍ତରରେ ସେମାନେ କହିଥିଲେ, ଗ୍ରହଣ କରାଯାଇଥିବା ବିଭାଜନକାରୀ କିମ୍ବା ସାମ୍ପ୍ରଦାୟିକ ବିଷୟ ଅନ୍ୟ କାହାଣୀଗୁଡ଼ିକ ତୁଳନାରେ ଅଧିକ ଟିଆର୍ପି ପାଇଥିବାର କୌଣସି ପ୍ରମାଣ ନ ଥିଲା। କିନ୍ତୁ ଧ୍ରୁବୀକୃତ ବିଷୟଗୁଡ଼ିକ ଦର୍ଶକଙ୍କ ସଂଖ୍ୟା କମ୍ କରି ନ ଥିଲା, ଅର୍ଥାତ୍ ଏହା ଦର୍ଶକଙ୍କ ପାଇଁ ଗ୍ରହଣୀୟ ଥିଲା। ଘୃଣାର ବକ୍ତବ୍ୟ ବେଳେବେଳେ ଅତି ଭଲ ଖବର ବୋଲି ଗ୍ରହଣୀୟ ହେଉଥିଲା। ଉଦାହରଣ ସ୍ୱରୂପ, ଯେତେବେଳେ ସରକାର ମୁସଲମାନଙ୍କୁ କୋଭିଡ୍–୧୯ ମହାମାରୀ ସହ ଜଡ଼ିତ କଲେ, ସେତେବେଳେ ଅଭିଯୁକ୍ତ ମୁସଲମାନମାନେ ଜାଣିଶୁଣି କରୋନା ଭାଇରସ୍ ବିସ୍ତାର କରୁଥିବା ଖବରଟି ଅତ୍ୟଧିକ ପ୍ରସାରିତ ହୋଇଥିଲା। କୌତୂହଳର ବିଷୟ ଯେ ସରକାରଙ୍କୁ ସମର୍ଥନ କରିବା ଏବଂ ବିରୋଧୀଙ୍କୁ ଆକ୍ରମଣ କରିବା ଅଧିକ ଦର୍ଶକ ସୃଷ୍ଟି କରିଥିଲା କିମ୍ବା ଲୋକପ୍ରିୟ ଥିଲା ବୋଲି ତାହାର କୌଣସି ପ୍ରମାଣ ନ ଥିଲା। ଶେଷରେ ନିର୍ବାଚନ ଫଳାଫଳରୁ ବୁଝାପଡୁଛି ଯେ, ବିରୋଧୀଙ୍କୁ ଆଉ ବେଶିଦିନ ଅଣଦେଖା କରାଯାଇପାରିବ ନାହିଁ କିମ୍ବା ସେମାନଙ୍କ ଉପରେ ଯେଭଳି ଆକ୍ରମଣ କରାଯାଇଛି ତାହା ଆଉ ଜାରି ରହିବ ନାହିଁ। ଏହି କାରଣରୁ ଏବେଠାରୁ ଗଣମାଧ୍ୟମ କିପରି ବ୍ୟବହାର ପ୍ରଦର୍ଶନ କରିବ ଏବଂ ତାହାର ଆଚରଣରେ କିଛି ପରିବର୍ତ୍ତନ ହେବ କି ନାହିଁ ତାହା ଦେଖିବା ମଜାଦାର ହେବ। ସ୍ଥିତି ଏମିତି ରହିବ ବୋଲି ଜଣେ ଆଶା କରିବ, କାରଣ ସାମ୍ବାଦିକ ଭାବରେ ଯେ କେହି ଜଣେ ଭାରତୀୟ ସାମ୍ବାଦିକତାର ସବୁଠାରୁ ଖରାପ ଏବଂ ଲଜ୍ଜାଜନକ ସ୍ଥିତିର ସାକ୍ଷୀ ରହିଛନ୍ତି। ଆମ ଗଣତନ୍ତ୍ର, ଆମ ରାଜନୀତି ଏବଂ ଆମ ସମାଜର ଉନ୍ନତି ପାଇଁ ଏହି ଅବସ୍ଥାକୁ ଆମେ ପଛରେ ରଖିବାକୁ ପଡ଼ିବ।

Email:aakar.patel@gmail.com

# ଧର୍ମଛଡ଼ା ଭୋଟରଙ୍କ କଥା



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

''ଓଃ! ନିର୍ବାଚନ ସରିଗଲା। ମଣିଷ ମୁକ୍ତି ପାଇଗଲା ଗଣତନ୍ତ୍ରର ଏହି ମହାପର୍ବର କୋଳାହଳରୁ।'' ଏମିତି ଏକ ଉଚ୍ଚାରଣ ଉଶ୍ୱାସ ଓ ଆଶ୍ୱସ୍ତିର। ମାସାଧିକ କାଳର ନିର୍ବାଚନ ଜନିତ କୋଳାହଳ, ଆଞ୍ଚଳିକ ସ୍ତରରୁ ଆରମ୍ଭକରି କେନ୍ଦ୍ରୀୟ ସ୍ତରର ନେତାମାନଙ୍କ ତୁହାକୁ ତୁହା ନିର୍ବାଚନୀ ସଭା, ରାଲି, ରୋଡ୍ ଶୋ ଓ ଘରକୁ ଘର ବୁଲି ପ୍ରାର୍ଥୀମାନଙ୍କ ନିର୍ବାଚନ ପ୍ରଚାର ଆଦି ପ୍ରତ୍ୟକ୍ଷ କରି କରି କ୍ଳାନ୍ତ ହୋଇପଡ଼ିଥିବା ସାଧାରଣ ଭୋଟରଙ୍କ ପାଇଁ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ପରିଣାମ ବାହାରିଯିବା ଥିଲା ଏକ ଆଶ୍ୱସ୍ତିର ମୁହୂର୍ତ୍ତ। ଦେଶ ଓ ରାଜ୍ୟ ଚଳାଇବା ପାଇଁ ପ୍ରତିନିଧି ଚୟନ କରିବାର ଯେଉଁ ଗୁରୁଦାୟିତ୍ୱ ନାଗରିକ ମୁଣ୍ଡରେ, ସେଇ ଦାୟିତ୍ୱ ନିର୍ବାହ କରିସାରିବା ପରେ ଆଉ କିଛି ଦାୟିତ୍ୱ ନାହିଁ ତା' ଉପରେ। ବାସ୍, ଏବେ ପୁଣି ପାଞ୍ଚବର୍ଷ ପାଇଁ ନିଘୋଡ଼ ନିଦରେ ଶୋଇଯିବାର ବେଳ।

ତେବେ ଗଣତନ୍ତ୍ରର ଗାରିମାରେ ସଦା ଗରୀୟାନ ଭାରତବର୍ଷର ନାଗରିକମାନଙ୍କ ପାଇଁ ନିର୍ବାଚନ କ'ଣ ଏକ ବୋଝ? ଏହି ବୋଝ ବୋହିବା ପାଇଁ ସେମାନେ କ'ଣ ବସ୍ତୁତଃ ବାଧ୍ୟ? ନିର୍ବାଚନ ତିଥି ଘୋଷଣା ହେବା ପରଠୁଁ ନିର୍ବାଚନ ଶେଷ ହୋଇ ସରକାର ଗଠିତ ହେଲାଯାଏ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନେତା, ସେମାନଙ୍କ ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରୁଥିବା ଦଳୀୟ କର୍ମୀ, କୌଣସି ଦଳଭୁକ୍ତ ନ ହୋଇ କେବଳ କିଛି ସହଜଲଭ୍ୟ ଅର୍ଥ ଅର୍ଜନ କରିବା ପାଇଁ ଚୁକ୍ତିଭିତ୍ତିକ ପ୍ରଚାର କରୁଥିବା ବେକାର ଯୁବକ ତଥା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କୁ ଛାଡ଼ିଦେଲେ ଅବଶିଷ୍ଟ ଅନ୍ୟମାନେ ନିର୍ବାଚନକୁ ନେଇ ଯେମିତି ନିଃସ୍ପୃହ, ସେମିତି ନିରୁତ୍ସାହିତ। ଦଳମତ ନିର୍ବିଶେଷରେ ସବୁ ପ୍ରାର୍ଥୀଙ୍କ ମୁହଁ ସେମାନଙ୍କ ପାଇଁ ଦେଖିବାକୁ ଏକାପରି!

ସେଦିନ ଭୋଟ୍ ଦେଇସାରି ଭୋଟ୍ କକ୍ଷରୁ ବାହାରି ଆସୁଥିବା ଜଣେ ପରିଚିତ ବନ୍ଧୁଙ୍କ ମନ୍ତବ୍ୟ ଏ ପ୍ରସଙ୍ଗରେ ବେଶ୍ ପ୍ରଣିଧାନଯୋଗ୍ୟ। ସେ କହୁଥିଲେ, ''ଭୋଟ ଦେବା ପାଇଁ ମନରେ କୌଣସି ଉତ୍ସାହ ନ ଥିଲେ ବି ଦେଶର ଜଣେ ସଭ୍ୟ ନାଗରିକ ଭାବେ ନିଜର ଜାତୀୟ କର୍ତ୍ତବ୍ୟ ପ୍ରତି ସଚେତନ ରହି ଏଠାକୁ ଆସିବା କଥା। ମାତ୍ର ଯେଉଁଠି ଗୋଟିଏ ଚିକେନ ମିଲ୍, ଗ୍ଲାସେ ମଦ ଓ ଦୁଇହଜାର ଟଙ୍କାରେ ଭୋଟ କିଣାଯାଉଛି, ସେଠି ବିନା କୌଣସି ପ୍ରଲୋଭନରେ କେବଳ ନାଗରିକ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆମ ଭଳି ଲୋକଙ୍କ ଭୋଟର ଶକ୍ତି କେତେ ଯେ ଆମେ ମିଥ୍ୟାଚାରୀ ପ୍ରାର୍ଥୀଙ୍କୁ ପରାସ୍ତ କରି ସଦାଚାରୀ ପ୍ରାର୍ଥୀଙ୍କୁ ଜିତାଇ ଦେଇ ପାରିବୁ!''

ତାଙ୍କ କଥା ଶୁଣି ଆଉ ଜଣେ ସମବୟସ୍କ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କଥା ଯୋଡ଼ିଲେ– ''କୁହାଯାଏ ଯେ ଲୋକେ ସେଇଭଳି ସରକାର ପାଆନ୍ତି, ଯେଉଁଥିପାଇଁ କି ସେମାନେ ଯୋଗ୍ୟ। ଟଙ୍କା ନେଇ ଭୋଜିଭାତ ଖାଇ ନିଜ ଭୋଟ ବିକୁଥିବା ଅସାଧୁ ଭୋଟରଙ୍କୁ ସାଧୁ ସରକାର କେମିତି ମିଳନ୍ତା ଯେ! ଶୁଣାଯାଉଛି, ଗୋଟିଏ ଦଳ ସାରା ରାଜ୍ୟରେ ପାଞ୍ଚଶହ କୋଟି ଟଙ୍କା ବାଣ୍ଟିଛି ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ପାଇବା ପାଇଁ। କେବଳ ଏତିକି ନୁହେଁ, କାଳେ ଅର୍ଥଲୋଭୀ ଭୋଟରମାନେ ଟଙ୍କା ନେଇ, ଭୋଜିଭାତ ଖାଇ ବି ଭୋଟ ଦେବେ ନାହିଁ, ସେଥିପାଇଁ ଧର୍ମଭୀରୁ ଭୋଟରମାନଙ୍କୁ ଈଶ୍ୱରଙ୍କ ଫଟୋ ଓ ଜଗନ୍ନାଥଙ୍କ ମହାପ୍ରସାଦ ଛୁଆଁଇ ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିୟମ କରାଇ ନେଇଛନ୍ତି। ଯେଉଁଠି ଗଣତନ୍ତ୍ରର ପବିତ୍ରତା ଏମିତି ବିଷାକ୍ତ ମିଥ୍ୟାଚାର ମଧ୍ୟରେ କଳୁଷିତ, ସେଠି ନିର୍ବାଚିତ ହୋଇସାରିଲା ପରେ ପ୍ରତିନିଧି ଜଣଙ୍କ ସଦାଚାରୀ ହେବେ ବୋଲି ବିଶ୍ୱାସ କରିହେବ କି?''



ରାଜନୀତିର ମିଥ୍ୟାଚାର ମଧ୍ୟକୁ ଈଶ୍ୱରଙ୍କୁ ଟାଣି ଆଣୁଥିବା ରାଜନେତାଙ୍କ ପାଇଁ ଅନ୍ତରରେ ପ୍ରଚଣ୍ଡ ଘୃଣା ଭରି ରହିଥିଲା ଏ ଲେଖକର। ନିଜ ବାମହାତର ଅଙ୍ଗୁଳିରେ ଲଗାଯାଇଥିବା ଭୋଟ୍ଦାନର ସଦ୍ୟ ସନ୍ତକ କାଳିଦାଗ ଅପେକ୍ଷା ତାକୁ ଅଧିକ କଳା ଦିଶୁଥିଲା ଆମ ଗଣତନ୍ତ୍ରର ଚେହେରା। ଅତ୍ୟନ୍ତ ସନ୍ତ୍ରସ୍ତ ହୃଦୟରେ ସେ ସେଦିନ ନୀରବରେ ଫେରି ଆସିଥିଲା ଭୋଟ୍ଦାନ କେନ୍ଦ୍ରରୁ, ଏଇଟି ତା'ର ଶେଷ ଭୋଟ୍ ହୋଇଥାଉ ବୋଲି ମନରେ କାମନାକରି।

ଗଣତନ୍ତ୍ରର କର୍ଦ୍ଦମାକ୍ତ ଚେହେରା ଦେଖି ନିର୍ବାଚନ ପରିଣାମ ପ୍ରତି ନିସ୍ପୃହ ରହିବାର ଯେତିକି କାରଣ ଥିଲା, ପରିଣାମ ଘୋଷିତ ହେଲା ପରେ କେଜାଣି କାହିଁକି, ସେ କାରଣ ଉଭେଇ ଯାଇଥିଲା ଅଚାନକ। ଅର୍ଥବଳ, ବାହୁବଳ ଓ ସରକାରୀ କଳର ସମସ୍ତ ବଳକୁ ପ୍ରତିହତ କରି ପରିଣାମ ମିଳିଲା ବହୁ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଦେବା ଭଳି। ସଂପୂର୍ଣ୍ଣ ଅକଳ୍ପନୀୟ, ଅବିଶ୍ୱସନୀୟ! ବିରୋଧୀଙ୍କ ପକ୍ଷରୁ ପ୍ରଚାରର ଜପାମାଳି କରାଯାଇଥିବା ଅସ୍ମିତା ଭଳି ଗୋଟିଏ ଅଦୃଶ୍ୟମାନ ଅନୁଭବର ପୁଣି ଏତେ ଶକ୍ତି! ଗୋଟିଏ ପରିବର୍ତ୍ତନର ସମ୍ଭାବନାକୁ ନେଇ ବହୁ ଲୋକଙ୍କ ଭଳି ଏ ଲେଖକ ମଧ୍ୟ ପୁଲକିତ ହେଉଥିବା ବେଳେ ତା'ର ଭେଟ ହୋଇଥିଲା ରାଜଧାନୀର ଏକ ସହରତଳି ଅଞ୍ଚଳରେ ଗ୍ୟାରେଜଟିଏ ଦେଇ ଦୁଇଚକିଆ ଯାନର ମରାମତି କରୁଥିବା ଯୁବ ମେକାନିକ ଗୋବିନ୍ଦ ସହ। ଗ୍ୟାରେଜରେ ନିଜ ସ୍କୁଟର ସଜାଡୁଥିଲା ବେଳେ କୌତୂହଳୀ ଗୋବିନ୍ଦ ଏଇ ନିଃସ୍ପୃହ ଲେଖକଙ୍କୁ ପଚାରିଲା ଦିଲ୍ଲୀରେ କିଏ ସରକାର ଗଢୁଛି ସାର୍?

ସରକାର ଗଢ଼ିବା ପ୍ରସଙ୍ଗରୁ କଥା ଗଡ଼ିଚାଲିଲା ଆଗକୁ ଓ ପଛକୁ। ଦିଲ୍ଲୀର ପାର୍ଲାମେଣ୍ଟ ବଦଳରେ ଆଲୋଚନା ପରିସରକୁ ଆବୋରି ବସିଲା ଗତ ନିର୍ବାଚନର ଭୋଟ୍ଦାନ ପ୍ରସଙ୍ଗ। ଭୋଟ୍ର ଗୁମର ସବୁବେଳେ ଗୁପ୍ତ ରହିବା ବିଧେୟ ବୋଲି ଜାଣିସୁଦ୍ଧା ଏ ଲେଖକ ସେଦିନ ପଚାରି ଦେଇଥିଲା ଗୋବିନ୍ଦକୁ– କାହାକୁ ଭୋଟ୍ ଦେଇଥିଲ? ଅତି ସହଜ ଭାବେ ଗୋବିନ୍ଦ ଉତ୍ତର ଦେଇଥିଲା– ମୋ ଭୋଟ୍ ପାଇଥିବା ନେତା ଏଥର ଜିତାପଟ ନେଇଛନ୍ତି ସାର୍। ତେବେ ସ୍ୱାଭାବିକ ଭାବେ ତାକୁ ପଚରାଗଲା କାହିଁକି ତାଙ୍କ ଉପରେ ତୁମର ଏତେ ରାଗ? ହାରିଯାଇଥିବା ଲୋକ ପାଇଁ ତ ସାମାନ୍ୟ ସମବେଦନା ରହିବା କଥା।

ଏ ଲେଖକର ଏମିତି ମନ୍ତବ୍ୟରେ ଅସମ୍ଭବ ଭାବେ ଉତ୍କ୍ଷିପ୍ତ ହୋଇଉଠିଲା ଗୋବିନ୍ଦ। କହିଲା– ତାଙ୍କ ଭଳି ଅସାଧୁ ଲୋକ ପାଇଁ ପୁଣି ସମବେଦନା! ଗୋଟିଏ ଚିକେନ ମିଲ, ଗ୍ଲାସେ ମଦ ଓ ଟଙ୍କା ଦୁଇହଜାର ଦେଇ ସେ ମୁଣ୍ଡ କିଣି ନେବ ବୋଲି ଭାବିଥିଲା। ଭୋଜି ଖାଇଲି, ମଦ ପିଇଲି, ଟଙ୍କା ନେଇ ପକେଟ ଭରିଲି, ଜଗନ୍ନାଥଙ୍କ ତୁଳସୀ ଛୁଇଁ ତାଙ୍କ ବ୍ୟତୀତ ଆଉ କାହାକୁ ଭୋଟି ଦେବିନି ବୋଲି ନିୟମ କଲି। ମାତ୍ର ତା'ପରଦିନ ମୋ ମନଲାଖି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇଦେଲି। ଗୋବିନ୍ଦର ଏହି ଅଭିନବ ସ୍ୱୀକାରୋକ୍ତିରେ ମୁଗ୍ଧ ହେଲା ଏ ଲେଖକ। କହିଲା– ଇଏ ତ ଧର୍ମଛଡ଼ା କଥା। ପଇସା ନେଲ, ଭୋଜି ଖାଇଲ, ତୁଳସୀ ଛୁଇଁ ଭୋଟ ଦେବାକୁ ଶପଥ କଲ। ଅଥଚ ତାଙ୍କୁ ଭୋଟ ନ ଦେଇ ଅନ୍ୟ ଜଣଙ୍କୁ ଦେଇ ଜିତାଇ ଦେଲ! ଜଗନ୍ନାଥ ରାଗିବେନି?

ଗୋବିନ୍ଦର ଉତ୍ତର ଥିଲା ଅଧିକ ସ୍ପଷ୍ଟ, ଅଧିକ ଶାଣିତ। ଉତ୍ତର ତ ନୁହେଁ, ଉତ୍ତର ଭିତରେ ଏକ ରହସ୍ୟମୟ ପ୍ରଶ୍ନ– ମୁଁ ମୂର୍ଖ ଲୋକ ବାବୁ। ଅଧିକ ପାଠ ପଢ଼ିନାହିଁ ବୋଲି ତ ଗାଁରେ ପିଲା ଛୁଆ ଛାଡ଼ି ଏଠାରେ ଆସି ଗାଡ଼ି ସଜାଡୁଛି। ଆପଣ ଉଚ୍ଚ ଶିକ୍ଷିତ। ଆପଣ କୁହନ୍ତୁ କିଏ ଅଧିକ ଅସାଧୁ? ଜଗନ୍ନାଥ କାହା ଉପରେ ଅଧିକ ରାଗିବେ। ଆମ ଭଳି ଦୁଇହଜାର ହାତେଇ ଭୋଟ ଦେଇ ନ ଥିବା ଭୋଟର ଉପରେ ନା ତାଙ୍କ ଭଳି ଲକ୍ଷ ଲକ୍ଷ ଖର୍ଚ୍ଚ କରି ଭୋଟ କିଣୁଥିବା ପ୍ରାର୍ଥୀ ଉପରେ? କିଏ ଧର୍ମଛଡ଼ା? ତୁଳସୀ ଛୁଇଁ ନିୟମ କରିଥିବା ମୁଁ ନା ଏମିତି ମିଥ୍ୟାଚାର ମଧ୍ୟକୁ ଆମ ଜଗନ୍ନାଥଙ୍କୁ ଟାଣିଥିବା ସେଇ ପ୍ରାର୍ଥୀ।

ସେଦିନ ଗୋବିନ୍ଦର ସ୍ୱରଶବ୍ଦ ଭିତରେ ଏ ଲେଖକ ଶୁଣିଥିଲା ଅସାଧୁତା ଓ ଅନାଚାର ବିରୋଧରେ ଏକ ଅଭିନବ ବିଦ୍ରୋହ। ତାକୁ ଲାଗୁଥିଲା ଏଇ ଗୋବିନ୍ଦମାନେ ହିଁ ଆମ ଗଣତନ୍ତ୍ରର ପ୍ରକୃତ ଗୌରବ। ସେଇ ମୁହୂର୍ତ୍ତରେ ତା' ମୁହଁଟି ଦିଶୁଥିଲା ଜଗନ୍ନାଥଙ୍କ ମୁହଁଠାରୁ ଅଧିକ ଉଜ୍ଜ୍ୱଳ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ପରୀକ୍ଷାର ପରୀକ୍ଷଣ



**ହୃଷୀକେଶ ପ୍ରଧାନ**

ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍ଟିଏ) ଦ୍ୱାରା ପରିଚାଳିତ ସଦ୍ୟସମାପିତ ୟୁଜିସି–ନେଟ୍ ଏବଂ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ରାଜନୈତିକ ଦଳଗୁଡ଼ିକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏନ୍ଟିଏ ପରିଚାଳନା କରୁଥିବା ୟୁଜିସି–ନେଟ୍ ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ ପାଇଁ ବାତିଲ କରାଯାଇଛି। ଗତ ୧୮ ତାରିଖରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନେ ୧୯ ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରୀକ୍ଷା ବାତିଲ ସମ୍ବନ୍ଧୀୟ ସୂଚନା ପାଇଥିଲେ। ଫଳରେ ପ୍ରାୟ ୯ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପୂର୍ବେ ଅନ୍ଲାଇନରେ ପରୀକ୍ଷା ହେଉଥିବାସ୍ଥଳେ ପ୍ରଥମ ଥର ପାଇଁ ହୋଇଥିବା ଅଫ୍ଲାଇନ ପରୀକ୍ଷାରେ ବ୍ୟାପକ ଅନିୟମିତତା ବା ପ୍ରଶ୍ନପତ୍ର ପ୍ରଘଟ ହେବା ଘଟଣା ସମ୍ପ୍ରତି ସବୁଠୁ ବଡ଼ ପ୍ରଶ୍ନବାଚୀ ଭାବେ ଦଣ୍ଡାୟମାନ।

ଗବେଷଣା ନିମନ୍ତେ ସର୍ବଭାରତୀୟ ସ୍ତରରେ ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ଏହି ପରୀକ୍ଷା ସହାୟକ ହୋଇଥାଏ। ନେଟ୍, ଜେଆର୍ଏଫ୍ ଉତ୍ତୀର୍ଣ୍ଣ ହୋଇ ପିଏଚ୍.ଡି କରିବା ପାଇଁ ପରୀକ୍ଷାର୍ଥୀମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଏବେ ଧୂଳିସାତ୍ ହେବାକୁ ଯାଉଛି। ପୂର୍ବରୁ ନିଟ୍ ପରୀକ୍ଷାରେ ୬୭ ଜଣ ଟପ୍ପର ହେବା ଓ ବହୁ ଛାତ୍ରୀଛାତ୍ରଙ୍କୁ ଗ୍ରେସ ମାର୍କ ପ୍ରଦାନ କରାଯାଇଥିବାରୁ ବିବାଦ ଦେଖାଦେଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୧୫୬୩ ପିଲାଙ୍କ ପାଇଁ ପୁନଃ ପରୀକ୍ଷା ହେବ। ଏହି ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ମଧ୍ୟ ପ୍ରଘଟ ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି କିଛି ପରୀକ୍ଷାର୍ଥୀଙ୍କୁ ଅନୁଗ୍ରହ କରି ସିୟୁଇଟି–ପିଜି ପରୀକ୍ଷାରେ ଅଧିକ ମାର୍କ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାସହ ଏନ୍ସିଟିଇ ପରୀକ୍ଷାକୁ ମଧ୍ୟ ବୈଷୟିକ କାରଣ ଦର୍ଶାଇ ବାତିଲ କରାଯାଇଛି। ଏ ସବୁ ପରୀକ୍ଷା ପରିଚାଳନା କରୁଥିବା ଏନ୍ଟିଏ ବିରୋଧରେ ଗୋଟିଏ ପରେ ଗୋଟିଏ ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହେଉଛି।

ଗତ ଫେବୃଆରୀରେ କେନ୍ଦ୍ର ଏକ ନୂତନ ପ୍ରଶ୍ନପତ୍ର ପ୍ରଘଟ ବିରୋଧୀ ଆଇନ ପ୍ରଣୟନ କରିବା ପରେ ନେଟ୍ ହେଉଛି ପ୍ରଥମ କେନ୍ଦ୍ରୀୟ ପରିଚାଳିତ ପରୀକ୍ଷା। ଶିକ୍ଷାଗତ ତଥା ସରକାରୀ ନିଯୁକ୍ତି ବ୍ୟବସ୍ଥାର ବିଶ୍ୱସନୀୟତାକୁ ବିପଦରେ ପକାଇଲା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏକ ନୂତନ ନିୟମ ପ୍ରଣୟନ କରିବାର ଆବଶ୍ୟକତା ଏବେ ବାଞ୍ଛନୀୟ। ଅସଂଖ୍ୟ ବିବିଧତା ଓ ଆହ୍ୱାନଭରା ଦେଶରେ, ପରୀକ୍ଷା ଶୃଙ୍ଖଳାର ଏକ ଦୁର୍ବଳ ସଂଯୋଗ ପ୍ରଶ୍ନପତ୍ର ସଂରଚନାଠାରୁ ଆରମ୍ଭ କରି ଉତ୍ତର ପତ୍ର ମୂଲ୍ୟାଙ୍କନ ପର୍ଯ୍ୟନ୍ତ ବହୁ କଠୋର ପରିସ୍ଥିତିର ସାମ୍ନା କରିଥାଏ। ଅନେକ ରାଜ୍ୟରେ ପରୀକ୍ଷା ପ୍ରବଞ୍ଚନା ବିରୋଧୀ ନିୟମ ରହିଥିବା ସତ୍ତ୍ୱେ ପରୀକ୍ଷା ମାଫିଆ ଏବଂ କୋଚିଂ–କ୍ଲାସ ଇଣ୍ଡଷ୍ଟ୍ରି ସହ ଜଡ଼ିତ ନେଟ୍ୱର୍କକୁ ନଷ୍ଟ କରିବା କଷ୍ଟକର ହୋଇପଡ଼ିଛି। ଫେବୃଆରୀରେ ହୋଇଥିବା ଏକ ତଦନ୍ତ ରିପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ୧୫ଟି ରାଜ୍ୟରେ ୪୦ରୁ ଊର୍ଦ୍ଧ୍ୱ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଦେଖିବାକୁ ମିଳିଛି, ଯାହା ଶିକ୍ଷା, ଇଞ୍ଜିନିୟରିଂ, ସାଧାରଣ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ଏବଂ ପୋଲିସ ସେବା ଭଳି ବିଭିନ୍ନ କ୍ଷେତ୍ରୀୟ ପଦବୀ ପାଇଁ ଆବେଦନ କରିଥିବା ପ୍ରାୟ ୧.୫ କୋଟି ପରୀକ୍ଷାର୍ଥୀଙ୍କ କାର୍ଯ୍ୟସୂଚୀକୁ ବ୍ୟାହତ କରିଛି। ଉଚ୍ଚ ଆକାଂକ୍ଷିତ ବୃହତ୍ ଯୁବଗୋଷ୍ଠୀଙ୍କ ଦେଶରେ ଏପରି ବ୍ୟାଘାତ ଅସନ୍ତୋଷ ଓ ଅନିଶ୍ଚିତତାର ଭାବ ଜାତ କରୁଛି। ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯେ, ନିକଟ ଅତୀତରେ ଅନେକ ରାଜ୍ୟରେ ପରୀକ୍ଷାମୂଳକ ଅନିୟମିତତା ହେତୁ ଜନସାଧାରଣଙ୍କ ମନରେ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇଛି। ସଦ୍ୟସମାପିତ ଲୋକ ସଭା ନିର୍ବାଚନରେ ତଥା ରାଜସ୍ଥାନ, ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶରେ ଗତ ବର୍ଷର ବିଧାନସଭା ନିର୍ବାଚନରେ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ପ୍ରସଙ୍ଗରେ ରାଜନୈତିକ ଶ୍ରେଣୀର ଚିନ୍ତାଧାରାର ଅଭାବ ଦେଶରେ ଅଚଳାବସ୍ଥା ସୃଷ୍ଟି କରୁଛି, ଯାହା ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଗୋଷ୍ଠୀ ବିଭାଜନର ସୂତ୍ରଧର ସାଜିପାରେ।



ଜାତୀୟ ପରୀକ୍ଷଣ ସଂସ୍ଥାରେ ଗଠନମୂଳକ ସଂସ୍କାର ହେବା ଦରକାର। ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଯଥାର୍ଥ ପ୍ରବେଶିକା ପରୀକ୍ଷା କରିବା ଏକ ବଡ଼ ଆହ୍ୱାନ, ଯେଉଁଥିରେ ଏକ ବହୁମୁଖୀ ଆଭିମୁଖ୍ୟର ଆବଶ୍ୟକତା ଅଛି। ଏନ୍ଟିଏ ଦ୍ୱାରା ସୁରକ୍ଷିତ ପରୀକ୍ଷଣ ପରିକଳ୍ପନା ଏବଂ ପ୍ରଯୁକ୍ତି ବିଦ୍ୟାର ସଠିକ ବ୍ୟବହାରକୁ ସୁନିଶ୍ଚିତ କରିବାକୁ ହେବ, ଯେଉଁଥିରେ କମ୍ପ୍ୟୁଟର–ଆଧାରିତ ପରୀକ୍ଷଣ (ସିବିଟି), ବିକ୍ଷିପ୍ତ ପ୍ରଶ୍ନାବଳୀ ଏବଂ ଉପଯୋଗୀ ପରୀକ୍ଷା କୌଶଳ ଅନ୍ତର୍ଭୁକ୍ତ ହୋଇଛି। ଏଥିରେ କୌଣସି ଦୁଇ ପରୀକ୍ଷାର୍ଥୀଙ୍କର ସମାନ ପ୍ରଶ୍ନର ସେଟ୍ ରହିବା ସମ୍ଭବ ନୁହେଁ; ତେଣୁ, ଏହା ଏକ ଆକର୍ଷଣୀୟ ବିକଳ୍ପ।

ଅତ୍ୟଧିକ ପ୍ରତିଯୋଗିତାମୂଳକ ପରୀକ୍ଷାଗତ ପ୍ରବୃତ୍ତି ଉଭୟ ଶିକ୍ଷାଗତ ଏବଂ ନିଯୁକ୍ତିଗତ ଅପାରଗତାର ବିଲକ୍ଷଣ । ଚାହିଦା ଓ ଯୋଗାଣ ମଧ୍ୟରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପରୀକ୍ଷା ଫିକ୍ସର୍ ଏବଂ ଚାକିରି ମାଫିଆଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଏ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ବର୍ତ୍ତମାନ କେନ୍ଦ୍ର ସରକାର ଉଭୟ ନିଟ୍ ଓ ନେଟ୍କୁ ନେଇ ଉପୁଜିଥିବା ବିବାଦର ତଦନ୍ତ କରୁଥିବାରୁ ଏହି ଦୀର୍ଘସୂତ୍ରୀ ସମସ୍ୟାର ସମାଧାନ ବିଳମ୍ବ ହେବନାହିଁ ବୋଲି ଆଶା।

ମହେନ୍ଦ୍ରଗଡ଼, ହରିୟାଣା
ମୋ: ୮୦୧୮୧୭୨୩୦୧

## ଏଇ ଭାରତରେ

ସିଲାଇ କାର୍ଯ୍ୟ ବା ଟେଲରିଂରେ ସୌରଶକ୍ତି ଉପଯୋଗ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଝାଡ଼ଖଣ୍ଡର କନିଜ ଫତିମା। ସେ ତାଙ୍କ ସ୍ୱାମୀଙ୍କ ସହ ଏହି ବିଜ୍ନେସରୁ ଏବେ ଅଧିକ ଲାଭ ପାଉଛନ୍ତି। ଝାଡ଼ଖଣ୍ଡ ରାମଗଡ଼ ଜିଲା ମାଗନପୁର ଗାଁରେ ରହନ୍ତି ଏହି ଦମ୍ପତି। ସେମାନେ ଟେଲରିଂରୁ ପ୍ରଥମେ ଦିନକୁ ୧୫୦ ଟଙ୍କା ପାଉଥିବାବେଳେ ଏବେ ତିନିଗୁଣ ରୋଜଗାର କରୁଛନ୍ତି। ସେମାନେ ଘର ଛାତରେ ସୋଲାର ପ୍ୟାନେଲ ସେଟ୍ କରିଛନ୍ତି ଓ ଉତ୍ପାଦିତ ଶକ୍ତିକୁ ବିଜ୍ନେସରେ ଲଗାଇବା ସହ ଘରର ଶକ୍ତି ଚାହିଦା ମଧ୍ୟ ପୂରଣ କରୁଛନ୍ତି। ଏବେ ୨୪ ଘଣ୍ଟା ଶକ୍ତି ପାଉଛନ୍ତି। ସେହିଭଳି ଉତ୍ତର କର୍ନାଟକର ଅଗସାଲକଟା ଗାଁର ରୋଜି ଲୁଇସ ଡବାଲେ ସୌରଶକ୍ତି ଚାଳିତ ମେଶିନରେ ରୁଟି କରି ବ୍ୟବସାୟ କରୁଛନ୍ତି । ସେ ମଧ୍ୟ ନିଜ ଘରେ ସୌରଶକ୍ତି ଉତ୍ପାଦନ କରୁଛନ୍ତି। ରୋଜି ଜଣେ ସ୍ୱାସ୍ଥ୍ୟକର୍ମୀ ହୋଇ ମଧ୍ୟ ସୋରଶକ୍ତି ଉତ୍ପାଦନ ଓ ତା' ମାଧ୍ୟମରେ ରୁଟି କରି ଆୟ ବଢ଼ାଇବା କାର୍ଯ୍ୟ ଅନ୍ୟ ଭାରତୀୟ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ବାଟ ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୭୪

- ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ଦକ୍ଷିଣ ନିଭେଦା ମରୁଭୂମିର ୩ ହଜାର ଫୁଟ ତଳେ ଏକ ଶକ୍ତିଶାଳୀ ପରମାଣୁ ବୋମା ବିସ୍ଫୋରଣ।
- ଗ୍ରୀଷ୍ମ ଋତୁରେ ଗଙ୍ଗାନଦୀର ଜଳପ୍ରବାହ କେଉଁ ଉପାୟରେ ବୃଦ୍ଧି କରାଯାଇ ପାରିବ, ସେ ସଂକ୍ରାନ୍ତରେ ଭାରତ–ବାଂଲାଦେଶ ମିଳିତ ନଦୀ କମିଶନ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।
- ଜାତୀୟ କ୍ଷୁଦ୍ରଶିଳ୍ପ କର୍ପୋରେଶନ ସହାୟତାରେ ଏକ ଜାତୀୟ ମାର୍କେଟିଂ କେନ୍ଦ୍ର ଖୋଲିବା ପ୍ରସ୍ତାବକୁ ଭାରତ ସରକାରଙ୍କ ଅନୁମୋଦନ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 8 | | | 6 | |
| | | | | | | | | |
| | 9 | | 6 | | 1 | | | |
| | | 8 | | | | 2 | 9 | |
| | 6 | | 4 | 1 | | | | |
| 3 | | | | | 9 | | | |
| | | | 9 | | 4 | 5 | 2 | |
| | | | 5 | | 3 | 6 | | |
| 6 | 4 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 8 | 9 | 7 | 5 | 4 | 6 |
| 9 | 4 | 6 | 2 | 1 | 5 | 3 | 8 | 7 |
| 5 | 7 | 8 | 6 | 3 | 4 | 9 | 1 | 2 |
| 3 | 1 | 5 | 7 | 8 | 6 | 4 | 2 | 9 |
| 7 | 9 | 4 | 3 | 5 | 2 | 8 | 6 | 1 |
| 8 | 6 | 2 | 9 | 4 | 1 | 7 | 5 | 3 |
| 6 | 5 | 1 | 4 | 7 | 9 | 2 | 3 | 8 |
| 2 | 8 | 7 | 5 | 6 | 3 | 1 | 9 | 4 |
| 4 | 3 | 9 | 1 | 2 | 8 | 6 | 7 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଚାରିଦ୍ୱାର ଖୋଲା

ମହାଶୟ,

କରୋନା ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶ୍ରୀମନ୍ଦିର ୩ ଦ୍ୱାର ବନ୍ଦ ରଖିଥିଲେ। କେବଳ ସିଂହଦ୍ୱାର ବା ପୂର୍ବଦ୍ୱାର ଦେଇ ଭକ୍ତମାନେ ଯାତାୟାତ କରୁଥିଲେ। ପ୍ରବଳ ଭିଡ଼ ହେତୁ ଭକ୍ତ ନାନାଦି ଦୁର୍ଦ୍ଦଶା ଭୋଗ କରୁଥିଲେ। ମାତ୍ର ନୂତନ ସରକାର ୧୩ ତାରିଖରୁ ଏହି ପ୍ରତିବନ୍ଧକ ହଟାଇ ଦେଇ ଏକ ସ୍ୱାଗତଯୋଗ୍ୟ କାର୍ଯ୍ୟ ପନ୍ଥା ଗ୍ରହଣ କରିଛନ୍ତି। ଏଣିକି ଭକ୍ତମାନେ ୪ ଦ୍ୱାର ଦେଇ ଅନାୟାସରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିପାରିବେ। ପୂର୍ବପରି ସାହାଣ ମେଳା ପରେ ଭକ୍ତମାନେ ଖୁନ୍ଦାଖୁନ୍ଦି ଓ ଦଳାଚକଟା ସମସ୍ୟାରୁ ମୁକ୍ତି ଲାଭ କରିବା ସହ ଭକ୍ତମାନେ ମହାପ୍ରଭୁଙ୍କୁ ଭଲ ଭାବରେ ଦର୍ଶନ କରିପାରିବେ। ଭକ୍ତିପୂତ ପ୍ରଣାମ ଜଣାଇ ସେମାନେ ଆତ୍ମତୃପ୍ତି ଲାଭ କରିପାରିବେ। ଏହି ପରିପ୍ରେକ୍ଷୀରେ ସେବାୟତ ଓ ମନ୍ଦିର ପ୍ରଶାସକ ଶାନ୍ତିପୂର୍ଣ୍ଣ ଉପାୟରେ ଭକ୍ତମାନେ ଦର୍ଶନ କରିବାର ସୁବନ୍ଦୋବସ୍ତ କରିବାକୁ ନିବେଦନ।

**– ସ୍ୱର୍ଣ୍ଣବାଳା ନାୟକ, ପ୍ଲଟ ନଂ. ୧୮୩/ଏ, ସତ୍ୟନଗର, ଭୁବନେଶ୍ୱର**

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସମ୍ଯୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା–ସହଚରୀ କିବା ଲେଖଇ ଅଳତା
ପକ୍ଷୀକଣ୍ଠୁଁ ମୁଖରଇ କି ମଙ୍ଗଳ କଥା!
(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘରୋଇ ବସ୍ ଚଳାଚଳ ବନ୍ଦ, ୧୦ ଗିରଫ

## ବାରିପଦା ବସଷ୍ଟାଣ୍ଡରେ ଗଣ୍ଡଗୋଳ ଘଟଣା

ବାରିପଦା,୨୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ବସଷ୍ଟାଣ୍ଡରେ ଘରୋଇ ବସ ଚଳାଚଳକୁ ନେଇ ଘଟିଥିବା ଗଣ୍ଡଗୋଳରେ ୨ ଗୋଷ୍ଠୀର ୧୦ଜଣଙ୍କୁ ପୋଲିସ ଗିରଫ କରିଛି। ଏନେଇ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ପୃଥକ୍ ମାମଲା ରୁଜୁ କରିଛି। କେସ୍ ନମ୍ବର ୩୭୮/୨୪ରେ ଗିରଫ ଅଭିଯୁକ୍ତମାନେ ହେଲେ ବସ୍ ମାଲିକଙ୍କ ଗୋଷ୍ଠୀର ଜ୍ୟୋତି ରଞ୍ଜନ ମହାନ୍ତି(୪୦), ସ୍ମୃତି ରଞ୍ଜନ ମହାନ୍ତି(୪୨), ନୀହାର ରଞ୍ଜନ ମହାନ୍ତି(୪୭), ଅର୍ନ୍ତଯାମୀ ଦାସ(୪୫), ମନୋଜ କୁମାର ବେହେରା(୪୧) ଓ ମହମ୍ମଦ ଆମାର(୪୦)। କେସ ନଂ ୩୭୭/୨୪ରେ ଅଭିଯୁକ୍ତମାନେ ହେଲେ ବସ ମାଲିକ ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ଦାଶ(୫୫), ଅଜୟ କୁମାର ବାରିକ(୪୮), ରାକେଶ କୁମାର ସାହୁ(୩୦) ଓ ଦୀପକ ମିଶ୍ର(୩୮)। ଘଟଣାରେ ବସ ମାଲିକଙ୍କ ବିରୋଧରେ ଅନେକ ସଙ୍ଗୀନ ଦଫା ଲାଗିଥିବାରୁ ବସ ମାଲିକମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାର ପ୍ରତିବାଦରେ ଜିଲାବ୍ୟାପୀ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ ରହିବ ବୋଲି ବସ୍ ମାଲିକ ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ଓ ବସ୍ ମାଲିକ ସଂଘ ପକ୍ଷରୁ ମିଳିତ ଭାବେ ଆଲୋଚନା କରାଯାଇ ପରିସ୍ଥିତିକୁ ସ୍ୱାଭାବିକ କରିବା ସହ ଶନିବାର ସନ୍ଧ୍ୟା ବେଳକୁ ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନିଆଯାଇଥିଲେ ହେଁ ପରେ ବଦଳାଇ ଦିଆଯାଇଛି। ସୂଚନାଯୋଗ୍ୟ, ଘରୋଇ ବସ୍ ଚଳାଚଳ ସମୟକୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ଲାଗି ରହିଥିବା ଅସନ୍ତୋଷ ଉଗ୍ରରୂପ ଧାରଣ କରିଥିଲା। ଏହାକୁ ନେଇ ମରଣାନ୍ତକ ଆକ୍ରମଣ କରିବାରୁ ଉଭୟ ଗୋଷ୍ଠୀର ୫ଜଣ ଗୁରୁତର ହୋଇଥିଲେ। ଏହାକୁ ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମହାତ୍ମା ଗାନ୍ଧୀ ପ୍ରକୋଷ୍ଠରେ ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର, ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ଓ ବସ୍ ମାଲିକ ସଂଘର ସଭାପତି ଅଜୟ ବେହେରାଙ୍କ ସହିତ ବସ୍ ମାଲିକମାନେ ଆଲୋଚନା କରିଥିଲେ। ଗଣ୍ଡଗୋଳ ପରେ ଶୁକ୍ରବାର ରାତିରୁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା। ଯାହାକୁ ନେଇ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ବେଳେ ପୂର୍ବପରି ବସ୍ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବସ୍ ମାଲିକ ସମେତ ବସଷ୍ଟାଣ୍ଡରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଘଟଣାରେ ଜଡ଼ିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବସ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଶନିବାର ସନ୍ଧ୍ୟାରୁ ବସ ଚଳାଚଳ ସ୍ୱାଭାବିକ କରିବାକୁ ସଂଘର ସଭାପତି ଅଜୟ ବେହେରା ଜିଲା ପ୍ରଶାସନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗିରଫ ହୋଇଥିବା ବସ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ ସଙ୍ଗୀନ ଦଫା ଲାଗିଥିବାରୁ ସେମାନଙ୍କୁ ଜାମିନ ମିଳି ନ ଥିଲା। ଫଳରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାକୁ ନେଇ ସଂଘ ପକ୍ଷରୁ ନିଷ୍ପତ୍ତିକୁ ବଦଳାଇ ବସ ଚଳାଚଳ ବନ୍ଦ କରାଯାଇଥିଲା। ଗଣ୍ଡଗୋଳକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ପରିବହନ ବିଭାଗ ପକ୍ଷରୁ ବସ ଚଳାଚଳ ସମୟକୁ ନେଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ବସଷ୍ଟାଣ୍ଡ ଓ ବାରିପଦା ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯିବା ସହ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ବସ ଚଳାଚଳ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଯାତ୍ରୀଙ୍କ ପାଇଁ ସରକାରୀ ବସ ଚଳାଯିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରକାଶଥାଉ କି, ରାଇରଙ୍ଗପୁରରୁ ଏକ ଘରୋଇ ବସ ଠିକ୍ ସମୟରେ ବାରିପଦା ବସଷ୍ଟାଣ୍ଡରୁ ଚଳପ୍ରଚଳ କରୁ ନ ଥିଲା। ଶୁକ୍ରବାର ବସ୍‌ଟି ଷ୍ଟାଣ୍ଡରେ ପହଞ୍ଚିବା ପରେ ବସ୍ ମାଲିକ ସଂଘ ଓ ବସ୍ ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିଥିଲା। ଯାହାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଘଟଣାରେ ବସ୍ ମାଲିକ ତପନ କୁମାର ପୃଷ୍ଟି ଓ ଶିତିକଣ୍ଠ ନାୟକ ଗୁରୁତର ଆହତ ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ

## ବଇଁଚା ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା

ରାସଗୋବିନ୍ଦପୁର, ୨୨।୬(ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ସାନମାଣିଦା ପଞ୍ଚାୟତର ବଇଁଚାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଶନିବାର ପାଳିତ ହୋଇଯାଇଛି। ଦୈନନ୍ଦିନ ନୀତିକାନ୍ତି ପରେ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରାଯାଇ ସ୍ନାନମଣ୍ଡପଠାରେ ଉପବେଶନ କରାଯାଇଥିଲା। ପଣ୍ଡା ପୁରୋହିତଙ୍କ ଦ୍ୱାରା ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁମାନଙ୍କୁ ପବିତ୍ର ସ୍ନାନ କରାଯାଇ ପୂଜାର୍ଚ୍ଚା କରାଯାଇଥିଲା। ସନ୍ଧ୍ୟାରେ ଅପୂର୍ବ ଗଜାନନ ବେଶ ହୋଇଥିଲା। ପରେ ଶ୍ରୀଜୀଉମାନଙ୍କୁ ପୁନଃ ପହଣ୍ଡି ବିଜେ କରାଯାଇ ଅଣସର ଗୃହରେ ବିରାଜମାନ କରାଯାଇଥିଲା। ସଂକୀର୍ତ୍ତନ ଦଳ ଦ୍ୱାରା ଦିନସାରା ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଚଳିତବର୍ଷ ମନ୍ଦିରର ୨୫ ବର୍ଷ ପୂର୍ତ୍ତି ଅବସରରେ ଉତ୍ସବକୁ ଆଡ଼ମ୍ବରରେ ପାଳନ ନେଇ ସ୍ଥାନୀୟ ଜନସାଧାରଣ, ଗ୍ରାମବାସୀ, ମନ୍ଦିର ପରିଚାଳନା କମିଟି ସଦସ୍ୟ ସର୍ବୋପରି ଦଇତାପତି ନିଯୋଗଙ୍କ ସହଯୋଗ କ୍ରମେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ଜୁଲାଇ ୭ରେ ଏଠାରେ ଘୋଷଯାତ୍ରା ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଘୋଷଣା କରାଯାଇଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, सिमडेगा।**

**शुद्धि–पत्र**

पत्रांक– 1066
सिमडेगा/दिनांक– 19.06.2024

एतद् द्वारा सूचित करना है कि इस कार्यालय द्वारा मुख्यमंत्री ग्राम सड़क सुदृढ़ीकरण योजना शीर्ष 4515 अन्तर्गत ई– पुनर्निविदा आमंत्रण सूचना संख्या– **02/2024-25/R3/RWD/SIMDEGA** दिनांक **07-06-2024** जिसका **PR 325550 Rural Work Department (24-25)_D** विभिन्न समाचार पत्र में प्रकाशित की गयी थी, जिसमें निम्नलिखित संशोधन किया जाता है :–

1. Website पर NIT के साथ हिन्दी में अपलोड शर्तों को निरस्त किया जाता है।
2. SBD के Section IV के Clause No 1.2 एवं 1.3 में 2018-19 से 2022-23 के स्थान पर 2019-20 से 2023-24 पढ़ा जाय।

**शेष सभी नियम एवं शर्तें यथावत् रहेंगी।**

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, सिमडेगा।

PR 327409 (Simdega) 24-25 (D)


# ଠାକୁରଙ୍କ ଗଜ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ମୋରଡ଼ା, ୨୨।୬ (ସ୍ମାରକ ମାଜୀ)

ମୋରଡ଼ା ବ୍ଲକର ଚିତ୍ରଡ଼ାସ୍ଥିତ ଧର୍ମକ୍ଷେତ୍ର ପରିସରରେ ଠାକୁରଙ୍କ ସ୍ନାନ ଯାତ୍ରା ସମ୍ପନ୍ନ ହୋଇଛି। ରତ୍ନ ମଣ୍ଡପରୁ ତିନିଠାକୁର ଧାଡ଼ି ପହଣ୍ଡିରେ ଦଇତାପଇତାଙ୍କ ଦ୍ୱାରା ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ମନ୍ଦିର ମୁଖ୍ୟ ପୂଜାରୀ ମଦନମୋହନ ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜା ନୀତି ସରିବା ପରେ ୧୦୮ କଳସ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ କରାଯାଇଥିଲା। ୩୫ ଗରା ଜଳରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିବା ବେଳେ ୩୩ ଗରା ଜଳରେ ବଡ଼ଭାଇ ବଳଭଦ୍ର, ୨୨ ଗରା ଜଳରେ ସୁଭଦ୍ରା ଏବଂ ୧୮ ଗରା ଜଳରେ ସୁଦର୍ଶନଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଠାକୁର ଗଜ ବେଶରେ ଦର୍ଶନ ଦେଇଥିଲେ। ପରେ ଅଣସର ଘରେ ପ୍ରବେଶ କରିଛନ୍ତି। ଠାକୁରଙ୍କ ଗଜ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। କୈଳାସ ଚନ୍ଦ୍ର ଖଣ୍ଡେଲୱାଲ, ଜୟପ୍ରକାଶ ରାଉଳ, ପ୍ରତାପ ମହାନ୍ତ, ଅଜୟ ପାଳ, ଡମ୍ବରୁ ମହାନ୍ତ ପ୍ରମୁଖ ଦଇତାପତି ଉପସ୍ଥିତ ଥିଲେ।

# ଦେବସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି



ବାରିପଦା,୨୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ଶନିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତିରେ ପାଳିତ ହୋଇଛି। ପ୍ରଶାସନ ପକ୍ଷରୁ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ପ୍ରାତଃ ୫ଟା ୩୦ ପରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନ ଛାଡି ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରିଥିଲେ। ଶୁକ୍ରବାର ରାତିରେ ସେବାୟତ ଓ ପୂଜକଙ୍କ ଦ୍ୱାରା ମହାପ୍ରଭୁଙ୍କୁ ଗୋଟି ପହଣ୍ଡିରେ ରତ୍ନ ସିଂହାସନରୁ ଅଣାଯାଇ ଗମ୍ଭୀରା ଭିତରେ ରଖି ସେନାପଟା ଲାଗି ହୋଇଥିଲା। ବଡିଭୋର ୪ଟାରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ ପରେ ପହଣ୍ଡିଆ ସେବକଙ୍କ ଦ୍ୱାରା ସ୍ନାନମଣ୍ଡପରେ ବିଜେ କରିଥିଲେ। ଏହି ସମୟରେ ମହାପ୍ରଭୁଙ୍କୁ ସୋଲ ଜରି ଜମ୍ବୁରା କଦଳୀ ପଟୁଆରେ ତରାସ ଚୂଳ ସାଙ୍ଗକୁ ଫୁଲମାଳ ବେଶରେ ସୁସଜ୍ଜିତ କରାଯାଇଥିଲା। ୧୦୮ଗରା ସୁବାସତ ଜଳରେ ସ୍ନାନ କରାଯାଇଛ। ପରେ ମହାପ୍ରଭୁଙ୍କ ଚନ୍ଦନ ଚୂଳିଆ ବେଶ ଓ ସନ୍ଧ୍ୟାରେ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ସାନ ଜଗନ୍ନାଥ(ବାଣିଆ ଜଗନ୍ନାଥ) ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଯଥା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ପରମ୍ପରା ଅନୁଯାୟୀ ସ୍ନାନ ପୂର୍ଣ୍ଣିମା ସମ୍ପୂର୍ଣ୍ଣ ହେବା ପରେ ମଧ୍ୟରାତ୍ର ସମୟରୁ ତିନି ଠାକୁର ଗୋଟି ପହଣ୍ଡିରେ ୧୫ଦିନ ପାଇଁ ଅଣସର ପିଣ୍ଡିରେ ବିଜେ କରିଛନ୍ତି। ଜିଲାର ବିଭିନ୍ନ ମଠମନ୍ଦିରରେ ଥିବା ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହୋଇଯାଇଛି।

# ମହାପ୍ରଭୁଙ୍କ ଗଜାନନ ବେଶ

ବାଙ୍ଗିରିପୋଷି,୨୨।୬(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷିସ୍ଥିତ ଆଦ୍ୟେଶ୍ୱର ମନ୍ଦିରରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ତିନିଠାକୁର ସ୍ନାନ ମଣ୍ଡପରେ ବିଜେ କରିବା ପରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ୩ ଠାକୁରଙ୍କ ଗଜାନନ ବେଶ ଦର୍ଶନ କରି ଭକ୍ତମାନେ ଆତ୍ମବିଭୋର ହୋଇଥିଲେ। ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟ ଶବ୍ଦରେ ମନ୍ଦିର ପ୍ରାଙ୍ଗଣ ଉତ୍ସବମୁଖର ହୋଇଉଠିଥିଲା। ପଣ୍ଡିତ ସର୍ବେଶ୍ୱର ଆଚାର୍ଯ୍ୟ ପୂଜାକାର୍ଯ୍ୟ ସମାପନ କରିଥିଲେ। ରଥଯାତ୍ରା କମିଟି ସଦସ୍ୟ ଏବଂ ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ। ସେହିପରି ବ୍ଲକର ମଣଦା, ଶ୍ୟାମସୁନ୍ଦରପୁର ଓ ଚନ୍ଦନପୁର ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଯାତ୍ରା ସମ୍ପନ୍ନ ହୋଇଛି।

# ସ୍ନାନମଣ୍ଡପରେ ଦର୍ଶନ ଦେଲେ ମହାପ୍ରଭୁ

ଗୋପବନ୍ଧୁ ନଗର, ୨୨।୬ (ଶାନ୍ତନୁ କୁମାର ମଡୁଆଳ)-ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସ୍ନାନ ଯାତ୍ରା ସମ୍ପନ୍ନ ହୋଇଛି। ଏହି ଅବସରରେ ଆରପଟା ପଞ୍ଚାୟତସ୍ଥିତ ଖିରିପଦା ହରିବଳଦେବ ଜୀଉଙ୍କ ସ୍ନାନ ଯାତ୍ରାରେ ସେବା ନୀତି ସମ୍ପନ୍ନ ପରେ ପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଭଉଣୀ ସୁଭଦ୍ରା ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ଯଥାବିଧି ପୂଜାର୍ଚ୍ଚନା ସରିବା ପରେ ଶ୍ରୀଜୀଉଙ୍କୁ ଅଣସର ମଣ୍ଡପକୁ ନିଆଯାଇଥିଲା। ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ପ୍ରଭୁଙ୍କ ଦର୍ଶନ ପାଇଁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବାହ୍ନରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିଲେ। ମହିଳାମାନଙ୍କ ଶଙ୍ଖ ହୁଳହୁଳି ଓ ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଥିଲା। ସେହିପରି କୁଆମରା ପ୍ରସିଦ୍ଧ ନୃସିଂହ ଜୀଉ ମନ୍ଦିର, ପୁରୁଣା ବାରିପଦା, ଜୟପୁର, ବରଡିହି, ଅଛଡା, ସାନବେଲାକୁଟି, ସାଇଁକୁଳା, କୁଶଳଦା ଓ ଖୁଣ୍ଟା ବ୍ଲକର ଖୁଣ୍ଟା, ବାସିପିଠା, ବାହାନଡା, କରକଚିଆ, କେନ୍ଦୁଗାଡି, ଗୟଳମରା ଆଦି ସ୍ଥାନରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ଡିହିରାକୁଳରେ ‘ଜଗମୋହନ’ ଉନ୍ମୋଚିତ




ଅତିଥିମାନେ ଆଧ୍ୟାତ୍ମିକ ପତ୍ରିକା ଉନ୍ମୋଚନ କରୁଛନ୍ତି।

ଉଦଳା, ୨୨।୬ (ସନ୍ତୋଷ କୁମାର ବାଛିନୀ)

ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ପରି କପ୍ତିପଦା ଉପଖଣ୍ଡର ସଂସ୍କୃତି ସମ୍ପନ୍ନ ଗ୍ରାମ ଡିହିରାକୁଳଠାରେ ଆଧ୍ୟାତ୍ମିକ ପତ୍ରିକା ‘ଜଗମୋହନ’ ଉନ୍ମୋଚିତ ହୋଇଯାଇଛି। ଡିହିରାକୁଳ ଜଗନ୍ନାଥ ମନ୍ଦିର କମିଟିର ସଭାପତି ମଧୁସୂଦନ ହାତୀ ଏବଂ ଯୁବ ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଏନ୍ଏସିର ନଗରପାଳ ପ୍ରମିଳା ପଣ୍ଡା, ଭଦ୍ରକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅନନ୍ତପୁର କଲେଜ ଅଧ୍ୟକ୍ଷ ଡ. ଡମ୍ବରୁଧର ଭୋଳ ପ୍ରମୁଖ ଯୋଗ ଦେଇଥିଲେ। ସକାଳୁ ସମସ୍ତ ନୀତିକାନ୍ତି ସମାପନ ପରେ ୧୦୮ ଗରା ଜଳରେ ଠାକୁରଙ୍କ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ଏହାପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ସେହିପରି ଉଦଳାଠାରେ ମହାପ୍ରଭୁଙ୍କ ମହାସ୍ନାନ କାର୍ଯ୍ୟ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। କଇଁସାରୀ ଏବଂ କପ୍ତିପଦା ବିଶୋଳ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ମା’ ଭାଉଜଙ୍କୁ ଖରାପ ଆଚରଣର ପ୍ରତିଶୋଧ

## ସମ୍ପର୍କୀୟ ମାମୁ ପୁଅଙ୍କୁ ହାଣି ହତ୍ୟା ଘଟଣାର ପର୍ଦ୍ଦାଫାଶ

ଠାକୁରମୁଣ୍ଡା,୨୨।୬ (ତାରାକାନ୍ତ ପଟ୍ଟନାୟକ)-ଠାକୁରମୁଣ୍ଡା ଥାନା ଅଧୀନ ହାଣ୍ଡିଫୁଟା ଗ୍ରାମରେ ସମ୍ପର୍କୀୟ ମାମୁ ପୁଅ ଭାଇଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ମା’ ଓ ଭାଉଜଙ୍କୁ ଖରାପ ଆଚରଣ କରିଥିବାରୁ ସମ୍ପର୍କୀୟ ଭାଇଙ୍କୁ ହାଣି ହତ୍ୟା କରିଥିବା ଗିରଫ ଅଭିଯୁକ୍ତ ପରମିଲ ପେରା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ଶନିବାର ତାଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ବୌଦ୍ଧ ଜିଲା ଚମ୍ପାଗାଁର ଅନୀଲ ପେରା ହାଣ୍ଡିଫୁଟା ଗ୍ରାମରେ ଥିବା ଶ୍ୱଶୁର ଘରକୁ ରଜ ସଂକ୍ରାନ୍ତିରେ ବୁଲିବାକୁ ଆସିଥିଲେ। ତାଙ୍କ ସ୍ତ୍ରୀ, ପିଲା ସହ ସାନଭାଇ ପରମିଲ ଏବଂ ସମ୍ପର୍କୀୟ ମାମୁଙ୍କ ପୁଅ ନୀଳାଞ୍ଚଳ ଆସିଥିଲେ। ନୀଳାଞ୍ଚଳ ପୂର୍ବରୁ ପରମିଲଙ୍କ ମା’ ଓ ଭାଉଜଙ୍କୁ ଖରାପ ଆଚରଣ କରି ଆସୁଥିବାରୁ ପରମିଲ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଗୁରୁବାର ନୀଳାଞ୍ଚଳ ଘରେ ଖଟରେ ଶୋଇ ମୋବାଇଲ ଦେଖୁଥିବା ବେଳେ ପ୍ରତିଶୋଧ ନେବା ପାଇଁ ପରମିଲ ତାଙ୍କ ବେକକୁ ଏକ କୁରାଢ଼ିରେ ହାଣି ହତ୍ୟା କରିଥିଲେ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ବିଜ୍ଞପ୍ତି ନଂ: ଇଏନ୍‌ଜିଜି-ସିଟିଇ- ବିଏସ୍‌ପି-୦୧-୨୪-୨୫**
**କାର୍ଯ୍ୟର ନାମ:** ସିନିୟର ଡିଇଏନ୍/ଆଇ/ଆର୍ (ବିଳାସପୁର-ଦୁର୍ଗ ସେକ୍ସନ)ଙ୍କ ଅଧୀନରେ ୧୩୦ କିମି ପ୍ରତିଘଣ୍ଟାର ବେଗ ବୃଦ୍ଧି ସମେତ ସମଗ୍ର ଟ୍ରାକ୍‌ରେ ସେଫ୍‌ଟି ଫେନ୍‌ସିଂ ଉଠାଇବାର ବ୍ୟବସ୍ଥା, ମୋଟ ଦୈର୍ଘ୍ୟ: ୨୭୨.୫୮୭ କିମି।
**ଟେଣ୍ଡର ମୂଲ୍ୟ:** ଟ.୧,୧୦,୭୭,୦୮,୨୦୪/-।
**ଟେଣ୍ଡର ଦାଖଲ:** ତା୧୫।୦୭।୨୦୨୪ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। **ଟେଣ୍ଡର ଖୋଲାଯିବାର ସମୟ:** ତା୧୫।୦୭।୨୦୨୪ରିଖ ୧୧.୦୦ ଘଟିକାରେ।
ଅଧିକ ବିବରଣୀ/ଟେଣ୍ଡର ଦସ୍ତାବିଜ କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିଟିଇ/ଏସ୍‌ଇସିଆର/ବିଏସ୍‌ପିଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଡାଉନ୍‌ଲୋଡ୍ କରନ୍ତୁ।

ଏଏକ୍ସଇଏନ୍/ଟ୍ରାକ୍ ପିଏଲ୍‌ଜି/ଏଚ୍‌କ୍ୟୁ
CPR/10/AM/113 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail



पर्यटन मंत्रालय MINISTRY OF TOURISM
NCHMCT

**Institute of Hotel Management**
**Veer Surendra Sai Nagar, Bhubaneswar-751010**
**Tel: 0674-2589241, E-mail id: hospitality@ihmbbs.org**
**Website: www.ihmbbs.org**

**ADMISSION-2024**

On behalf of National Council for Hotel Management and Catering Technology, Noida, IHM Bhubaneswar calls for application, from the eligible candidates to get admission in to 1st year of 3-Years B.Sc.-HHA (Hospitality & Hotel Administration) program with the following eligibility criteria against the residual vacancies at IHM Bhubaneswar which is an affiliated of NCHMCT.

1. Candidate must have passed 12th Exam with minimum of **40% marks** (in aggregate, in 10+2 system from a recognized board, either of any stream (Science/Arts/Commerce/Vocational).
2. English should be one of the compulsory subject in 12th level and have passed the subject.
3. There is No Age bar.
4. The program recognized by **Jawaharlal Nehru University** to award the final degree.
5. Reservation as per government rules.

Interested candidate must apply to the Institute by attaching the copies of testimonials latest by **1st July, 2024** either in person/by posts or vide email at **hospitality@ihmbbs.org** . Admission form and other details are available on the website **www.ihmbbs.org** .

Admission helpline numbers: **9438810851 and 9937453823**
Name of contact person: **Gyana Ranjan Satapathy**
Mobile number of contact person: **9937453823**

Admission will be offered on the basis of a written test to be conducted shortly by NCHMCT for residual vacancies for which the dates will be intimated to the eligible applicants. Candidates may follow institute website for information on the written test schedule.

**Sd/-**
**Principal**


# ୪୯୪ ପୋଲିସ କର୍ମଚାରୀଙ୍କ ବଦଳି

## ବଢୁଛି ଅସନ୍ତୋଷ

ବାରିପଦା, ୨୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜିଲାରେ କାର୍ଯ୍ୟରତ କନଷ୍ଟେବଳ ଓ ହାବିଲଦାରମାନଙ୍କ ବିଭିନ୍ନ ସ୍ଥାନକୁ ବଦଳି ହୋଇଛି। ଜିଲା ଏଷ୍ଟାବ୍ଲିଶମେଣ୍ଟ ବୋର୍ଡ ପକ୍ଷରୁ ଜାରି ପତ୍ର ସଂଖ୍ୟା ୧୧୩୭/୨୧ ଜୁନ୍ ୨୦୨୪ ଅନୁଯାୟୀ ୩୮୬ କନଷ୍ଟେବଳ, ଚିଠି ନଂ. ୧୧୩୮/୨୧ ଜୁନ ୨୦୨୪ ଅନୁଯାୟୀ ୯୯ ଓଏପିଏଫ୍ ଏବଂ ଚିଠି ନଂ. ୧୧୩୯/୨୧ ଜୁନ୍ ୨୦୨୪ ଅନୁଯାୟୀ ୯ ହାବିଲଦାରଙ୍କୁ ମିଶାଇ ମୋଟ ୪୯୪ଜଣଙ୍କ ବଦଳି କରାଯାଇଛି । ମାତ୍ର ବଦଳି ଆଦେଶକୁ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ଜିଲାରେ ଖାଲି ପଡିଥିବା ପଦବୀ ପୂରଣ ଏବଂ ବଦଳିକୁ ନେଇ ଜିଲା ପୋଲିସ ପକ୍ଷରୁ ବଦଳି ନିର୍ଦ୍ଦେଶନାମା ଜାରି କରାଯାଇଛି । ଭିଏଚ୍ଏଫ୍ ସୂଚନା ମାଧ୍ୟମରେ କର୍ତ୍ତବ୍ୟରତ କନଷ୍ଟେବଳଙ୍କୁ ବିଭିନ୍ନ ଥାନା, ଫାଣ୍ଡି, ଅଫିସ ଓ କୋର୍ଟରୁ ବଦଳି କରାଯାଇଛି । ଆଦେଶନାମା ପାଇବା ମାତ୍ରେ ଖୁବ୍‌ଶୀଘ୍ର କାର୍ଯ୍ୟରେ ଯୋଗଦାନ କରିରିପୋର୍ଟ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ତେବେ ତରବରିଆ ଭାବେ ବଦଳିକୁ ନେଇ କର୍ମଚାରୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ନିୟମାନୁଯାୟୀ ୩ବର୍ଷ କାର୍ଯ୍ୟକାଳ ପରେ କର୍ମଚାରୀମାନଙ୍କୁ ବଦଳି କରିବାର ନିୟମ ରହିଛି । ମାତ୍ର ଦୀର୍ଘ ବର୍ଷ ଧରି ଜିଲା ପୋଲିସ ମୁଖ୍ୟାଳୟରେ ରହୁଥିବା କର୍ମଚାରୀମାନଙ୍କୁ ବଦଳି କରାଯାଇନାହିଁ। ସେହିପରି ରିଜର୍ଭ ପୋଲିସ ଓ ଏସ୍‌ଡିପିଓ ଅଫିସଗୁଡିକରେ ଥିବା କର୍ମଚାରୀମାନେ ୬/୭ ବର୍ଷ ଊର୍ଦ୍ଧ୍ୱ ଧରି ରହିଥିବା ବେଳେ ସେମାନଙ୍କୁ ବଦଳି କରାଯାଇନାହିଁ। ସେହିପରି କେତେକ ଥାନାରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ସେହି ସ୍ଥାନରେ ପୁନଃସ୍ଥାପିତ କରାଯାଇଛି । ଏପରିକି ଉଦଳା, ରାଇରଙ୍ଗପୁର, ବାରିପଦା କରଞ୍ଜିଆ ଭଳି ଥାନାଗୁଡିକରୁ ବଦଳି କରାଯାଇଥିବା କର୍ମଚାରୀଙ୍କୁ ନିକଟସ୍ଥ କୋର୍ଟ କାର୍ଯ୍ୟାଳୟରେ ଥଇଥାନ କରାଯାଇଛି। ଜିଲାରେ କନଷ୍ଟେବଳ ଓ ହାବିଲଦାରଙ୍କୁ ମିଶାଇ ପାଖାପାଖି ୧୨ଶହ କର୍ମଚାରୀ ରହିଥିବା ବେଳେ ମାତ୍ର ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ପ୍ରିୟାପ୍ରୀତି ତୋଷଣ କରାଯାଇ ଏପରି ବଦଳି କରାଯାଇଛି ବୋଲି କର୍ମଚାରୀମାନେ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ତେବେ ନୂଆ ସରକାର ଗଠନ ହେବା ପରେ ବଦଳି କରାଯିବା ଏବଂ ସୁହାଇଲା ଭଳି ଥଇଥାନ କରିବା ଘଟଣାକୁ ନେଇ ସନ୍ଦେହ ପ୍ରକଟ କରାଯାଇଛି । ଏଥିପ୍ରତି ପୁନଃ ବିଚାର ବିମର୍ଶ କରିବାକୁ ସାଧାରଣରେ ଦାବି ହେଉଛି ।

# ଘରେ ଶୋଇଥିବା ବେଳେ ସାପ କାମୁଡ଼ାରେ ମହିଳା ମୃତ

ବୈଶିଙ୍ଗା,୨୨।୬ (ରତନ ଦାଶ)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କାଠପାଳ ଗାଁରେ ଶୁକ୍ରବାର ରାତିରେ ଘରେ ଶୋଇଥିବା ବେଳେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ କାଠପାଳ ଗ୍ରାମର ବାସନ୍ତୀ ବିଶ୍ୱାଳ (୫୫)। ସେ ରାତିରେ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବାରିପଦା ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ବୈଶିଙ୍ଗା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।


**OFFICE OF THE DIRECTOR OF PHYSICAL PLANTS, OUAT, BHUBANESWAR**

Memo No. 1446/DPP Dt.19.06.24

**AUCTION NOTICE NO. 01/2024-25**

No. KK-15: The DPP, OUAT on behalf of His Excellence the Chancellor, OUAT invites sealed auction bids for auction of old scrap materials of different departments of OUAT.
The bid documents will be sold in the Office of the undersigned from Dt.20.06.2024 to Dt.20.07.2024 upto 5.00 P.M. on all working days on payment of cost as mentioned in Column No. 5 below. The intending bidders shall submit their bids in the Office of the DPP, OUAT, Bhubaneswar upto 4.00 P.M. on Dt.22.07.2024. The bids will be opened on the same day at 4.30 P.M. in the Office of the undersigned in presence of bidders or their authorized representatives. The bids are to be accompanied with copies of PAN Card, GST Certificate along with DD or original money receipt towards cost of auction documents (Col No. 5) and deposit the EMD amount (i.e. 12% of quoted amount in own bid plus GST) in shape of NSC/KVP/POTD/TDR duly pledged in favour of DPP, OUAT Payable at Bhubaneswar (The EMD will be refunded to unsuccessful bidders after close of auction). The detials of auction documents will also be available on website **www.ouat.nic.in** from Dt.20.06.2024 to Dt.20.07.2024 upto 4.00 P.M. Bidders downloading bid documents online have to submit their bids price with a DD in favour of DPP, OUAT towards cost of Auction paper under column 5. Bids received after due date and time shall not be entertained. The highest bidder shall deposit the full amount of bid value plus GST extra as applicable within 7 (Seven) days from the date of receipt of confirmation letter and shall lift the old scrap materials within 07 (Seven) days from the deposit of total bid value, on his own arrangement otherwise the EMD money will be forfeited. The OICs of concerned establishment will allow the successful bidder to lift the old scrap materials from his/her establishment, only after getting written communication from Office of the DPP, OUAT. After depositing the full bid amount plus GST, EMD will be refunded.
The old scrap materials can be inspected “as is where is basis” from the OIC of the concerned departments (contact numbers and details can be found in detailed auction document) of OUAT during the office hours on working days on presentation of auction paper with proof of paper cost deposit.
The authority reserves the right to reject any or all bids without assigning any reason thereof.

**PARTICULARS OF OLD SCRAP MATERIALS**

| Sl. No. | Description | Qnty. | EMD Money @ (12% of quoted amount + GST) (Refundable) | Cost of Auction Paper (in shape of D.D./Original Money Receipt in favour of D.P.P., OUAT, BBSR) (Non-refundable) | Location of unserviceable scrap materials |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | LOT No. - 1 | As per document | As per quoted amount | 600.00 | Different department of OUAT, Bhubaneswar |
| 2 | LOT No. - 2 | As per document | As per quoted amount | 200.00 | AICRP & RRTTS, Jeypore |
| 3 | LOT No. - 3 | As per document | As per quoted amount | 400.00 | RRTTS & KVK, Keonjhar |
| 4 | LOT No. - 4 | As per document | As per quoted amount | 600.00 | RRTTS, Pattangi |
| 5 | LOT No. - 5 | As per document | As per quoted amount | 400.00 | RRTTS & KVK, Dhenkanal |
| 6 | LOT No. - 6 | As per document | As per quoted amount | 200.00 | RRTTS & AICRP, Bhawanipatna |
| 7 | LOT No. - 7 | As per document | As per quoted amount | 2000.00 | RRTTS, Sambalpur |
| 8 | LOT No. - 8 | As per document | As per quoted amount | 200.00 | RRTTS, Ranital |
| 9 | LOT No. - 9 | As per document | As per quoted amount | 200.00 | KVK, Boudh |
| 10 | LOT No. - 10 | As per document | As per quoted amount | 200.00 | KVK, Kendrapara |
| 11 | LOT No. - 11 | As per document | As per quoted amount | 200.00 | KVK, Kandhamal |
| 12 | LOT No. - 12 | As per document | As per quoted amount | 400.00 | KVK, Nuapada |
| 13 | LOT No. - 13 | As per document | As per quoted amount | 200.00 | KVK, Nayagarh |
| 14 | LOT No. - 14 | As per document | As per quoted amount | 200.00 | KVK, Jharsuguda |

OIPR-01036/11/0006/2425 Sd./- Director of Physical Plants, OUAT, Bhubaneswar

# ଯୌତୁକ ଜୁଇରେ ବବିତା

ଭଣ୍ଡାରିପୋଖରୀ,୨୨।୬(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ଗ୍ରାମର କାଳିସୀସାହିରେ ଯୌତୁକ ପାଇଁ ବଧୂହତ୍ୟା ନେଇ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ବବିତା ସାହୁ। ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କ ଭଉଣୀଙ୍କୁ ହତ୍ୟା କରିଛନ୍ତି ବୋଲି ମୃତ ବବିତାଙ୍କ ଭାଇ ରାଧାକାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନ ପଳସା ଗ୍ରାମର ବବିତା ୨୦୨୧ ଜୁନ୍ ୬ରେ ଭଣ୍ଡାରିପୋଖରୀ ଥାନା ବାଲିପୋଖରୀ ଗ୍ରାମର ବିରଞ୍ଚି ସେନାପତିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୪ ମାସ ପରେ ଶାଶୁଘର ଲୋକେ ଅଧିକ ୫ ଲକ୍ଷ ଟଙ୍କା ଯୌତୁକ ଦାବି କରି ବବିତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଶୁକ୍ରବାର ଅପରାହ୍ନରେ ଶାଶୁ ଫୋନ ମାଧ୍ୟମରେ ବବିତା ରଶି ଦେଇ ଆତ୍ମହତ୍ୟା କରିଥିବା ତାଙ୍କ ଘର ଲୋକଙ୍କୁ କହିଥିଲେ। ତାଙ୍କ ଭଉଣୀଙ୍କୁ ମାରି ଦିଆଯାଇଥିବା ରାଧାକାନ୍ତ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ଭଣ୍ଡାରିପୋଖରୀ ଥାନାରେ ହତ୍ୟା ମାମଲା (ନଂ.୨୬୮/୨୪) ରୁଜୁ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ବ୍ଲକ୍ ଉପାଧ୍ୟକ୍ଷଙ୍କ ପଞ୍ଚାୟତରେ ଖାଉଟି ସାମଗ୍ରୀ ହରିଲୁଟ୍

ଚାନ୍ଦବାଲି,୨୨।୬ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଉପାଧ୍ୟକ୍ଷଙ୍କ ପଞ୍ଚାୟତ ଘଟପୁରରେ ଖାଉଟି ସାମଗ୍ରୀ ହରିଲୁଟ ନେଇ ଅଭିଯୋଗ ହୋଇଛି। ଶତାଧିକ ହିତାଧିକାରୀ ଏନେଇ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପଞ୍ଚାୟତର ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ମହିଳା ଡିଲର ଜଣକ ଗତ ଡିସେମ୍ବର ଓ ଚଳିତ ଜୁନ୍ ଏପରି ଦୁଇ ମାସର ଚାଉଳ ନ ଦେଇ ବିକ୍ରି କରି ଦେଇଛନ୍ତି। ଶହେ ହିତାଧିକାରୀଙ୍କ ୨ ମାସର ଚାଉଳ ଦେଇ ନ ଥିବାବେଳେ ୧୦ରୁ ୧୫ ହିତାଧିକାରୀଙ୍କର ୬ରୁ ୭ ମାସର ଚାଉଳ ଦେଇ ନାହାନ୍ତି। ଘଟପୁର ୭ ନଂ. ୱାର୍ଡର ନନ୍ଦିଆଚାନ୍ଦ ବଳ ଅଭିଯୋଗ କରିଛନ୍ତି, ତାଙ୍କର ଦୁଇ ମାସର ଚାଉଳ ଡିଲର ଦେଇ ନ ଥିବା ବେଳେ ତାଙ୍କ ଖାତାରେ ଅଗ୍ରିମ ଦୁଇମାସ ଜୁଲାଇ ଓ ଅଗଷ୍ଟର ଚାଉଳ ଇସ୍ୟୁ କରାଯାଇଛି। ଚାଉଳ ପାଇ ନ ଥିବା ହିତାଧିକାରୀମାନେ ଚାଉଳ ଆଣିବାକୁ ବାରମ୍ବାର ଡିଲର ପାଖକୁ ଯାଇଛନ୍ତି। ହେଲେ ସେ ଆଜି କାଲି କହି ଫେରାଇ ଦେଇଛନ୍ତି। ପ୍ରାୟ ୫ଶହ କୁଇଣ୍ଟାଲ ଚାଉଳ ହେରଫେର ହୋଇଛି।



ଘଟପୁର ପଞ୍ଚାୟତରେ ଚାଉଳ ପାଇ ନ ଥିବା ହିତାଧିକାରୀମାନେ।

## ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ହିତାଧିକାରୀ

ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଚାଉଳ ମିଳୁଥିବା ବେଳେ ବଣ୍ଟନ ଦାୟିତ୍ୱରେ ଥିବା ଡିଲରମାନେ ଅଧିକାରୀଙ୍କୁ ହାତବାରିଶ କରି ହିତାଧିକାରୀଙ୍କ ଚାଉଳ ହଡ଼ପ କରୁଛନ୍ତି। ବାରମ୍ବାର ଦୌଡ଼ି ଦୌଡ଼ି ଚାଉଳ ନ ମିଳିବା ପରେ ହିତାଧିକାରୀମାନେ ଏନେଇ ବିଡିଓ ଅସିତ କୁମାର ମହାନ୍ତିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ୭ଦିନ ଭିତରେ ତଦନ୍ତ କରାଯାଇ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଫେରାଦ ହେବେ ବୋଲି କୁଳମଣି ବାରିକ, କୌଶଲ୍ୟା ବଳ, ସୁଲୋଚନା ଦାସ, ନରହରି ମିଶ୍ର, ବନମାଳୀ ବଳ, ଭଗବତୀ ବଳ, ଅହଲ୍ୟା ନାୟକ ପ୍ରମୁଖ ହିତାଧିକାରୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମହାନ୍ତି କହିଛନ୍ତି, ହିତାଧିକାରୀମାନଙ୍କ ଅଭିଯୋଗ ମିଳିଛି। ଏନେଇ ତଦନ୍ତ କରାଯିବ।

# ବିକାଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବି: ଅଶୋକ

## ନବନିର୍ବାଚିତ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାସୁଦେବପୁର,୨୨।୬ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବେ ବୋଲି ନବନିର୍ବାଚିତ ବିଧାୟକ ଅଶୋକ କୁମାର ଦାସ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ଓ ବାସୁଦେବପୁର ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ ଏଠାରେ କଂଗ୍ରେସ ଦଳରୁ ବିଧାୟକ ଭାବେ ତାଙ୍କୁ ନିର୍ବାଚିତ କରିଥିବାରୁ ଗରିବ ଜନସାଧାରଣଙ୍କ ସୁଖଦୁଃଖରେ ସବୁବେଳେ ରହିବେ। ସରକାରୀ ଯୋଜନାରେ କିପରି ଲୋକେ ଉପକୃତ ହେବେ ସେ ଦିଗରେ ଧ୍ୟାନ ଦେବେ ବୋଲି ବିଧାୟକ କହିଛନ୍ତି।

ବାସୁଦେବପୁର-ଇଚ୍ଛାପୁର ରାସ୍ତାର କପାଗଡ଼ିଆ ଛକଠାରୁ ଶତାଧିକ କଂଗ୍ରେସ ସମର୍ଥକ ତାଙ୍କୁ ସ୍ୱାଗତ କରିବା ସହ ଏକ ଖୋଲା ସୁସଜ୍ଜିତ ଗାଡ଼ିରେ ୧୨ କି.ମି. ଶୋଭାଯାତ୍ରାରେ ଆଣି ବାସୁଦେବପୁର ସହରରେ ପହଞ୍ଚାଇଥିଲେ। ପରେ ବାସୁଦେବପୁରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ମାଲ୍ୟାର୍ପଣ କରିବା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ବାସୁଦେବପୁରସ୍ଥିତ ଦଳୀୟ କାର୍ଯ୍ୟାଳୟ ସାମ୍ନାରେ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନଗର କଂଗ୍ରେସ ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ନଗର ସଭାପତି ଆରତୀ ବିଶ୍ୱାଳ, ଯୁବ ସଭାପତି ସିଦ୍ଧାନ୍ତ ଦାସ, ବରିଷ୍ଠ ନେତା ବୃନ୍ଦାବନ ଦାସ, ରତ୍ନାକର ମଲିକ, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ସଭାରେ ବିଧାୟକ ଅଶୋକ କୁମାର ଦାସ ଉଦ୍‌ବୋଧନ ଦେଉଛନ୍ତି।

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ

ଭଦ୍ରକ,୨୨।୬ (ସନାତନ ରାଉତ)

## ନାବାଳିକାଙ୍କୁ ଅସଦାଚରଣ ଘଟଣା

## ଜାମିନରେ ଆସି ଘର ଉପରକୁ ପଥର ମାଡ଼

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକାଙ୍କୁ ଅସଦାଚରଣ ଓ ତାଙ୍କ ମା'ଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। ଏହି ଘଟଣାରେ ନ୍ୟାୟ ପାଇଁ ନାବାଳିକାଙ୍କ ବାପା ଶନିବାର ଏସ୍‌ପିଙ୍କୁ ଭେଟିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ନାବାଳିକା ଝିଅକୁ ଅସଦାଚରଣ କରିବା ସହ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ତାଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ଉକ୍ତ ବ୍ୟକ୍ତି ଓ ତାଙ୍କ ପୁଅ ବିଭିନ୍ନ ଧମକ ଦେଇଥିଲେ। ଏନେଇ ଅଭିଯୋଗକ୍ରମେ ଗତ ମେ ୨୯ରେ ବନ୍ତ ଥାନା ପୋଲିସ ମାମଲା (ନଂ.୯୧/୨୪) ରୁଜୁ କରିବା ସହ ଚଣ୍ଡୀପୁର ଗ୍ରାମର ବାବାଜୀ ପଣ୍ଡା(୫୦) ଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ଅନ୍ୟ ଅଭିଯୁକ୍ତ ବାବାଜୀଙ୍କ ପୁଅଙ୍କୁ ପୋଲିସ ଗିରଫ କରି ନ ଥିଲା। ବାବାଜୀ ଶୁକ୍ରବାର ଜାମିନରେ ଆସିବା ପରେ ରାତିରେ ତାଙ୍କ ଘର ଉପରକୁ ଟେକା ପଥର ମାଡ଼ କରିବା ସହ ଗାଳିଗୁଲଜ କରିଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନ୍ୟାୟ ପାଇଁ ସେ ଏସ୍‌ପିଙ୍କୁ ଗୁହାରି କରିଛନ୍ତି। ଏସ୍‌ପି ବରୁଣ ଗୁଣ୍ଟୁପାଲି ଘଟଣାର ତଦନ୍ତ କରି ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିବା ସହ ବନ୍ତ ଥାନାଧିକାରୀଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# କେନାଲ ମରାମତି ହେଉନି, ଚିନ୍ତାରେ ଚାଷୀ



ମାଳଦା ଅଞ୍ଚଳରେ ଏକ କେନାଲ ଘାସ ଓ ଦଳରେ ଭର୍ତ୍ତି।

ଭଣ୍ଡାରିପୋଖରୀ,୨୨।୬ (ରାଜେନ୍ଦ୍ର ଶତପଥୀ)

ବର୍ଷାଦିନ ଆରମ୍ଭ ହୋଇଯାଇଥିବା ବେଳେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କେନାଲଗୁଡ଼ିକର ମରାମତି ହୋଇନାହିଁ। କେନାଲ ଉପରେ ନିର୍ଭରଶୀଳ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଖରିଫ ଧାନ ଚାଷ ପାଇଁ ବିଭିନ୍ନ ଚାଷଜମିରେ ପ୍ରାୟତଃ ଖରାଟିଆ ବେଉସଣ ଶେଷ ହୋଇଛି। ହେଲେ ଅଞ୍ଚଳରେ ଥିବା କେନାଲଗୁଡ଼ିକର ଅବସ୍ଥା ଶୋଚନୀୟ। ଏହି ବ୍ଲକ ଦେଇ ୩ ନମ୍ବର ମୁଖ୍ୟ କେନାଲ ସହ ୩ ନମ୍ବର କ' ଓ ଖ' କେନାଲ ଯାଇଛି। ଏହାବ୍ୟତୀତ ମୁଖ୍ୟ କେନାଲ ସଂଲଗ୍ନ ରହଣିଆ, ମାଳଦା, କୋରିଗାଁ, ଚତୁର୍ଭୁଜପୁର, ସରସଦା, କଣ୍ଟି, ଷଠଗାଁ, ମାଳିପଦୀ, ନୌରଙ୍ଗପୁର ପ୍ରମୁଖ ମାଇନର କେନାଲ ମଧ୍ୟ ରହିଛି। କେନାଲଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଧାମନଗର ଜଳ ସମ୍ପଦ ବିଭାଗ ହାତରେ ରହିଛି। ଦୀର୍ଘ ମାସ ହେବ ବିଭିନ୍ନ କେନାଲରେ ଘାଇ ସୃଷ୍ଟି ହୋଇଥିବା ବେଳେ ସେଗୁଡ଼ିକ ଏଯାଏ ମରାମତି ହୋଇପାରି ନାହିଁ। ସେହିପରି କେତେକ କେନାଲ ଦଳ ଓ ଘାସରେ ପରିପୂର୍ଣ୍ଣ ହୋଇଛି। ଫଳରେ ନିଅଣ୍ଟିଆ ବର୍ଷା ହେଲେ ଚାଷୀମାନେ ଉପଯୁକ୍ତ ପରିମାଣରେ କେନାଲ ପାଣି ପାଇବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ବିଭାଗୀୟ ଉପଖଣ୍ଡସ୍ତରୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ କେନାଲଗୁଡ଼ିକ ଉପରେ ଦୃଷ୍ଟି ଦେଉନାହାନ୍ତି। ନଦୀବନ୍ଧ ପାଇଁ ଅନୁମୋଦିତ କୋଟି କୋଟି ଟଙ୍କାର ଟେଣ୍ଡର କାର୍ଯ୍ୟକୁ କେବଳ ଯନ୍ତ୍ରୀମାନେ ବୁଝାଶୁଝା କରୁଥିବା ବେଳେ ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ କେନାଲ ଅବସ୍ଥାକୁ ଦୃଷ୍ଟି ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ବ୍ଲକ ଅଧୀନ ରହଣିଆ, ମାଳଦା, ସରସଦା, କୋରିଗାଁ ଆଦି ପଞ୍ଚାୟତର ଚାଷୀମାନେ ଚିନ୍ତା ପ୍ରକଟ କରିବା ସହ ଯଥାଶୀଘ୍ର କେନାଲଗୁଡ଼ିକର ମରାମତି ପାଇଁ ଦାବି କରିଛନ୍ତି। ମାଳଦା ଗ୍ରାମର ଚାଷୀ ପ୍ରଭାତ ସାମଲ କହନ୍ତି, ଅଳିଆ ଆବର୍ଜନା ପଡ଼ି କେନାଲ ପୋତି ହୋଇଗଲାଣି। ଅମରି, କାଣ୍ଡ, ଆଦି କେନାଲରେ ମାଡ଼ିଯିବାରୁ ଆବଶ୍ୟକ ଅନୁସାରେ ପାଣି ଆସୁନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ଯୁବମୋର୍ଚ୍ଚା କର୍ମକର୍ତ୍ତା



ଆନନ୍ଦପୁର ଯୁବମୋର୍ଚ୍ଚା ସଦସ୍ୟ ଉଚ୍ଚ ଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି।

ଧାମନଗର, ୨୨।୬ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ମୁକୁନ୍ଦଦେବ ମଣ୍ଡଳ ସଭାପତି ରଞ୍ଜିତ କୁମାର ସାହୁ, ଶହୀଦ ମଣ୍ଡଳ ସଭାପତି ରଜତ କୁମାର ଲେଙ୍କା, ଧୁସୁରୀ ମଣ୍ଡଳ ସଭାପତି ରଜନୀକାନ୍ତ ମିଶ୍ର, ସହରୀ ମଣ୍ଡଳ ସଭାପତି ସ୍ୱାଧୀନ ସମ୍ବିତ ଦାସ, ଗ୍ରାମୀଣ ମଣ୍ଡଳ ସଭାପତି ଅନନ୍ତ ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ସେହିପରି ଆନନ୍ଦପୁର ପଞ୍ଚାୟତର ଯୁବମୋର୍ଚ୍ଚା ସଦସ୍ୟ ଦିବ୍ୟରଞ୍ଜନ ଆନ୍ଦିଆ, କୁମାରେଶ ଆନ୍ଦିଆ, ଦେବାଶିଷ ପତି ପ୍ରମୁଖ ଉଚ୍ଚ ଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

# ଶନି ମନ୍ଦିରର ବାର୍ଷିକୋତ୍ସବ



ବାର୍ଷିକୋତ୍ସବ ଅବସରରେ ପୂଜାର୍ଚ୍ଚନା ଚାଲିଛି।

ଭଣ୍ଡାରିପୋଖରୀ,୨୨।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତର ରାଢୋ ସ୍କୁଲ ପଡ଼ିଆଠାରେ ଶନି ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅଧିବାସ ଓ ଅଙ୍କୁରାରୋପଣ ସହ କଳସ ଶୋଭାଯାତ୍ରା ହୋଇଥିଲା। ଦ୍ୱିତୀୟ ଦିବସ ଶନିବାର ପୀଠରେ ସୂର୍ଯ୍ୟ ପୂଜା, ଗୁରୁ ପୂଜା, ମାତୃପିତୃ ପୂଜା, ଶନି ଦେବଙ୍କ ଉପଚାର ପୂଜା ସହ ହୋମଯଜ୍ଞ ଓ ପୂର୍ଣ୍ଣାହୁତି ହୋଇଥିଲା। ମନ୍ଦିର ପୂଜକ ବିଜୟ ତ୍ରିପାଠୀ ଓ ସହଯୋଗୀ ପୂଜକ କାଳନ୍ଦୀ ମିଶ୍ର, ଅନନ୍ତ ପ୍ରସାଦ ପଣ୍ଡା, ମଦନ ମୋହନ ଦୀକ୍ଷିତ, ମହେନ୍ଦ୍ର ଦାସ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ସଂକଳ୍ପ କର୍ତ୍ତା ଭାବେ ସନ୍ତୋଷ କୁମାର ଦାସ ଓ ରୀତାରାଣୀ ଦାସ ଦାୟିତ୍ୱ ତୁଲାଇଥିଲେ। ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଗ୍ରାମର ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗ ଦେଇଥିଲେ। ଦୁଇଦିନ ଧରି ବାର୍ଷିକୋତ୍ସବକୁ ମନ୍ଦିର କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

# ବେଆଇନ ବାଲି ପରିବହନ, ୧୨ ହାଇୱା ଜବତ

ଭଣ୍ଡାରିପୋଖରୀ,୨୨।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ତହସିଲ ୧୬ ନଂ. ଜାତୀୟ ରାଜପଥରେ ଚାଲିଥିବା ବେଆଇନ ବାଲି ପରିବହନ ଉପରେ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ଶନିବାର ମିଳିତ ଚଢ଼ାଉ କରାଯାଇଛି। ବେଆଇନ ଭାବେ ବାଲି ପରିବହନ କରୁଥିବା ୧୨ଟି ହାଇୱା ଜବତ କରାଯାଇଛି। ଖଣି ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦଳାଇ, ମାଜିଷ୍ଟ୍ରେଟ ଭାବେ ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ବେଆଇନ ବାଲି ଉତ୍ତୋଳନର ଉତ୍ସ ନେରଡ଼ା, ବାଲିପୋଖରୀ, ମଣିନାଥପୁର ଓ ମୁଦ୍ରାପଦା ବୈତରଣୀ ବାଲିଘାଟ ମଧ୍ୟ ଅନୁଧ୍ୟାନ କରିଛନ୍ତି।



ଜବତ ବାଲି ବୋଝେଇ ଗାଡ଼ି।

# ଶିକ୍ଷାବିତ୍‌ଙ୍କ ପରଲୋକ

ବାସୁଦେବପୁର,୨୨।୬ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ୨୨ ନଂ. ୱାର୍ଡ ଭୈରବପୁର ଗ୍ରାମର ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କରୁଣାକର ବାରିକ(୯୦)ଙ୍କ ଶନିବାର ସକାଳେ ପରଲୋକ ହୋଇଛି। ଗତ କିଛିବର୍ଷ ଧରି ସେ ବାସୁଦେବପୁର ସହରର ବାଲିନଗର ଛକଠାରେ ଘର କରି ରହିଆସୁଥିଲେ। ୨ ଦିନ ତଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଶୁକ୍ରବାର ଘରକୁ ଫେରିଥିଲେ। ଶନିବାର ଛାତିରେ ଯନ୍ତ୍ରଣା ଅନୁଭବ କରି ସଂଜ୍ଞାହୀନ ହୋଇ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ସେ ଜଣାଶୁଣା ଥିଲେ। ବରୀ ମହାବିଦ୍ୟାଳୟ, ବାସୁଦେବପୁର ଏବି କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିବା ବେଳେ ଗୋପାଳପୁର ମହାବିଦ୍ୟାଳୟରୁ ଅଧ୍ୟକ୍ଷ ଭାବେ ସେ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବିଧାୟକ ଅଶୋକ କୁମାର ଦାସଙ୍କ ସହ ବିଭିନ୍ନ ବର୍ଗର ଲୋକ ଶେଷଦର୍ଶନ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା, ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ

ଭଦ୍ରକ,୨୨।୬ (ସନାତନ ରାଉତ)

ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଯେତିକି ପ୍ରାଧାନ୍ୟ ରଖେ, ସମସ୍ୟାର ସ୍ଥାୟୀ ସମାଧାନ ଉପରେ ମଧ୍ୟ ସେତିକି ଗୁରୁତ୍ୱାରୋପ ଜରୁରୀ। ଏଥିପାଇଁ ବିଧିବଦ୍ଧ ଭାବେ ଯୋଜନା ଆବଶ୍ୟକ ବୋଲି ଏମ୍‌ପି ଅଭିମନ୍ୟୁ ସେଠୀ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ କହିଛନ୍ତି। ବିଶେଷକରି ଜିଲାରେ ବନ୍ୟା ନିୟନ୍ତ୍ରଣ ନିମନ୍ତେ ବୈତରଣୀରେ ଥିବା ଏସ୍କେପ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଯୋଜନା କରାଯିବା, ପୌରାଞ୍ଚଳରେ ଜଳପ୍ଳାବିତ ରାସ୍ତା ଓ ଜନବସତିରୁ ଜଳ ନିଷ୍କାସନ ଲାଗି ପଦକ୍ଷେପ ଗ୍ରହଣ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ସେଠୀଙ୍କ ସହ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସମ୍ବିତ କୁମାର ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଟେବୁଲଟପ୍ ଏକ୍ସରସାଇଜ୍, ମକ୍‌ଡ୍ରିଲ୍ ଜରିଆରେ ପରୀକ୍ଷାମୂଳକ ଅଭ୍ୟାସ, ଆନୁସଙ୍ଗିକ ଉପକରଣ, ମାନବ ସମ୍ବଳ ପରିଚାଳନା, ଆଶ୍ରୟସ୍ଥଳୀର ପରିଚାଳନା ଆଦି ତଦାରଖ କରାଯାଇଥିବା ନେଇ ଜିଲାପାଳ ସୂଚନା ପ୍ରଦାନ କରିଥିଲେ।




ବୈଠକରେ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଧାୟକ ଓ ଅନ୍ୟ ଅଧିକାରୀମାନେ।

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

## ୧୦ ଦିନ ମଧ୍ୟରେ ଆଶ୍ରୟସ୍ଥଳୀ ସ୍ଥିତାବସ୍ଥା ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀର ବିପର୍ଯ୍ୟୟ ସମସ୍ୟା ସମ୍ପର୍କରେ କହିବା ସହ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ଯୋଗାଣ, ଚୂଡ଼ା, ଚାଉଳ ଓ ଆବଶ୍ୟକ ଖାଦ୍ୟ, ପଲିଥିନ୍, ଗୋଖାଦ୍ୟ ଆଦି ଠିକ୍ ସମୟରେ ପହଞ୍ଚାଇବା, ତଳିଆ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଲାଗି ଡଙ୍ଗା ମହଜୁଦ ରଖାଯିବା, ପ୍ରତି ଆଶ୍ରୟ ସ୍ଥଳୀରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ମତବ୍ୟକ୍ତ କରିଥିଲେ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଗ୍ରହଣ କରାଯାଇଥିବା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ। ଆଶ୍ରୟ ସ୍ଥଳୀଗୁଡ଼ିକରେ ସ୍ଥିତାବସ୍ଥା ନେଇ ୧୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିପର୍ଯ୍ୟୟ ମୁକାବିଲା ପରିଚାଳନା ଲାଗି ଜିଲାକୁ ୧୨ଟି ଜୋନ୍‌ରେ ଓ ପ୍ରତି ଜୋନ୍‌କୁ ସବ୍‌ଜୋନ୍‌ରେ ବିଭକ୍ତ କରାଯାଇଛି। ବୈତରଣୀ ନଦୀର ଆଖୁଆପଦା, ଗାନ୍ଧୀଘାଟ ଓ ତିହିଡ଼ିର ଶ୍ୟାମସୁନ୍ଦରପୁରଠାରେ ଅସ୍ଥାୟୀ ଓ୍ୱାୟାରଲେସ୍ ଟାୱାର କାର୍ଯ୍ୟ, ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ୍ ଯୋଗାଣ ଲାଗି ୩୩ଟି ଡଙ୍ଗା ମହଜୁଦ ସହ ୨୭୪ଟି ଦେଶୀ ଡଙ୍ଗା ଚିହ୍ନଟ କରାଯାଇଥିବା, ସବୁ ଡାକ୍ତରଖାନାରେ ସାପ କାମୁଡ଼ା, କୁକୁର କାମୁଡ଼ା ଇଞ୍ଜେକ୍ସନ ମହଜୁଦ ଥିବା, ପୌରାଞ୍ଚଳରେ ଡ୍ରେନେଜ୍ ସଫେଇ କରାଯାଉଥିବା, ରିଲିଫ୍ ପାଇଁ ଆବଶ୍ୟକ ଖାଦ୍ୟ, କିରାସିନ ମହଜୁଦ୍ ଥିବା ସମ୍ବନ୍ଧରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଉପଜିଲାପାଳ ମନୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଜିଲା ଜରୁରୀକାଳୀନ ଅଧିକାରୀ ତନ୍ମିତା କର, ଓସଡମାର ସଂଯୋଜକ ଅମ୍ଳାନ ଅନୁପମ ସେନାପତି ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଖାଲରୁ ମିଳିଲା ବାପାଙ୍କ ମୃତଦେହ, ମିଳୁନି ମା'ଙ୍କ ପତ୍ତା

**ଖଇରା, ୨୨।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ଗ୍ରାମରେ ସୋମବାରଠାରୁ ପ୍ରଭାକର ବେହେରା, ସ୍ତ୍ରୀ ଚମ୍ପା ଓ ପୁଅ ରମେଶ ଗତ ୧୭ତାରିଖରୁ ନିଖୋଜ ଥିବା ବେଳେ ଏବେ ଘଟଣାର ରହସ୍ୟ ଉନ୍ମୋଚିତ ହେବାରେ ଲାଗିଛି। ଜମିବିବାଦକୁ ନେଇ ପୁଅ ରମେଶ ମା' ବାପାଙ୍କୁ ହତ୍ୟା କରି ପୋତିଦେଇଥିବା ସନ୍ଦେହ କରାଯାଉଥିଲେ ହେଁ ବାପାଙ୍କ ମୃତଦେହ ଘରପାଖ ସାରୁଖାଲରୁ ଜବତ କରାଯାଇଛି। ସେପଟେ ଖଇରା ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳଙ୍କ ଉପସ୍ଥିତିରେ ସିମୁଳିଆ ପୋଲିସ, ସାଇଣ୍ଟିଫିକ ଟିମ୍ ଓ ଅଗ୍ନି ଦମକଳ କେନ୍ଦ୍ର କର୍ମଚାରୀ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ଚମ୍ପାଙ୍କ ପତ୍ତା ମିଳିପାରିନାହିଁ।

ସିମୁଳିଆ ଥାନାରେ ପ୍ରଭାକରଙ୍କ ଝିଅ ମମତା ମଲିକଙ୍କ ଅଭିଯୋଗର ୨୪ଘଣ୍ଟା ବିତିଯାଇଥିଲେ ହେଁ ପୋଲିସ ପୁଅ ରମେଶଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ତୁରନ୍ତ ରମେଶଙ୍କୁ ଗିରଫ କରାଯିବା ସହ ମା' ଚମ୍ପା ସମ୍ପର୍କରେ ସାର୍ବଜନୀନ କରିବାକୁ ପ୍ରଭାକରଙ୍କ ୨ ଝିଅ ବାସନ୍ତୀ ଓ ମମତା ତଥା ଗରସଙ୍ଗ ଗ୍ରାମବାସୀ ଦାବି କରିଛନ୍ତି। ୧୭ତାରିଖଠାରୁ ପ୍ରଭାକରଙ୍କ କେହି ଦେଖାପାଇ ନ ଥିବା ବେଳେ ଚମ୍ପାଙ୍କୁ କିଛି ବିଧବା ଅବସ୍ଥାରେ ଦେଖିଥିଲେ। ହେଲେ ୧୮ତାରିଖରୁ ଘରେ ସମ୍ପୂର୍ଣ୍ଣ ତାଲା ପଡିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଘରପାଖ ସାରୁଖାଲରୁ ପଚାଗନ୍ଧ ବାହାରିବା ଏବଂ କୁକୁରମାନେ ପରିତ୍ୟକ୍ତ ସ୍ଥାନରେ ମାଟି ତାଡିବାକୁ ନେଇ ଗ୍ରାମବାସୀଙ୍କର ସନ୍ଦେହ ହୋଇଥିଲା। ସେମାନେ ସାନଝିଅ ମମତାଙ୍କୁ ଜଣାଇଥିଲେ। ମମତା ଶୁକ୍ରବାର ଥାନାରେ ଅଭିଯୋଗ କରିବା ପରେ ଶନିବାର ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ପାଇଁ ସିମୁଳିଆ ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜି ନିଷ୍ପତ୍ତି ନେଇ ୨ଜଣ ଗାର୍ଡଙ୍କୁ ଜଗିବାକୁ ପଠାଇଥିଲେ। ଶନିବାର ଅଧିକାରୀଙ୍କ ଉପସ୍ଥିତିରେ ପରିତ୍ୟକ୍ତ ସାରୁଖାଲ ଖୋଳାଯିବା ପରେ କେବଳ ପ୍ରଭାକରଙ୍କ ମୃତଦେହ ବାହାରିଥିଲେ ହେଁ ଚମ୍ପାଙ୍କ ସମ୍ପର୍କରେ ପତ୍ତା ନ ମିଳିବା ଗ୍ରାମବାସୀଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି। ସେପଟେ ପ୍ରଭାକରଙ୍କ ୨ ବିବାହିତ ଝିଅ ବାସନ୍ତୀ ଜେନା ଓ ମମତା ମଲିକ ଜମିପାଇଁ ମା' ବାପାଙ୍କ ଉପରେ ଭାଇ ସବୁବେଳେ ଅତ୍ୟାଚାର କରୁଥିଲେ। ତାଙ୍କର ଯିବାଆସିବା ମଧ୍ୟ ବନ୍ଦ କରିଦେଇଥିଲେ। ଏଣୁ ଭାଇ ହିଁ ହତ୍ୟାକାରୀ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ପୁଅକୁ ଧରିବାକୁ ଉଦ୍ୟମ କରାଯାଉଥିବା ସିମୁଳିଆ ଆଇଆଇସି କହିଛନ୍ତି।

## ଜମିବିବାଦକୁ ନେଇ ପୁଅର ଉନ୍ମତ୍ତକାଣ୍ଡ

### ମା'ଙ୍କ ନାମରେ ଥିବା ସମ୍ପତ୍ତି ହତ୍ୟା ପଛର କାରଣ

ଗରସଙ୍ଗ ହତ୍ୟାକାଣ୍ଡ ପଛରେ ମା'ଙ୍କ ନାମରେ ଥିବା ସମ୍ପତ୍ତି ହିଁ ପ୍ରମୁଖ କାରଣ ବୋଲି ରମେଶ ବେହେରାଙ୍କ ୨ ଭଉଣୀ ଓ ଗ୍ରାମବାସୀଙ୍କ ଆଲୋଚନାରୁ ସ୍ପଷ୍ଟ ହୋଇଛି। ନୁଧୁଡିଆ ଗ୍ରାମନିବାସୀ ପ୍ରଭାକର ଗରସଙ୍ଗରେ ଚମ୍ପାଙ୍କୁ ବିବାହ କରି ଘରଜ୍ୱାଇଁ ଭାବରେ ରହିଥିଲେ। ଚମ୍ପାଙ୍କ ବାପାଙ୍କର ଅନ୍ୟ କେହି ଉତ୍ତରାଧିକାରୀ ନ ଥିବାରୁ ତାଙ୍କ ନାମରେ ପାଖାପାଖି ୨୦ଗୁଣ୍ଠରୁ ଅଧିକ ସମ୍ପତ୍ତି ରହିଥିବ। ଭଉଣୀମାନଙ୍କୁ କିଛି ବି ନ ଦେଇ ନିଜେ ମା' ବାପା ପାଖରୁ ସମସ୍ତ ସମ୍ପତ୍ତି ଉଇଲ କରିବାକୁ ଚାହୁଁଥିଲେ। ମାବାପା ଏଥିରେ ସମ୍ମତି ନ ଦେବାରୁ ପୁଅ କ୍ରମାଗତ ଅତ୍ୟାଚାର ପରେ ବାପାଙ୍କୁ ମାରି ମାଙ୍କୁ ସାଙ୍ଗରେ ଧରି କେଉଁଆଡେ ନିଖୋଜ ହୋଇଯାଇଥିବା ଆଲୋଚନା ହେଉଛି।

# ଅଣସର ବେଦିକୁ ବିଜେ କଲେ ଶ୍ରୀଜୀଉ



**ବାଲେଶ୍ୱର, ୨୨।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀନଗରର ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହେବା ସହ ହଜାର ହଜାର ଶ୍ରଦ୍ଧାଳୁ ଗଜାନନ ବେଶ ଦର୍ଶନ କରି ବିମୋହିତ ହୋଇଥିଲେ। ଏଥିସହିତ ଶ୍ରୀଜୀଉମାନେ ଅଣସର ବେଦିକୁ ବିଜେ ହୋଇଛନ୍ତି। ରୀତିନୀତି ଅନୁଯାୟୀ ଶନିବାର ସକାଳେ ମଙ୍ଗଳାର୍ପଣ, ଧାଡ଼ି ପହଣ୍ଡି, ମଙ୍ଗଳ ଆରତୀ, ସୁବର୍ଣ୍ଣ କୃପଜଳ, ଜଳାଧିବାସ ଓ ବସ୍ତ୍ରପ୍ରତିଷ୍ଠିତ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ଦିନ ଗୋଟାଏରେ ମନ୍ଦିର ପ୍ରତିଷ୍ଠାତା ରାଧେଶ୍ୟାମ ଗୋଏଙ୍କାଙ୍କ ଦ୍ୱାରା ଛେରାପହଁରା, ଅପରାହ୍ନରେ ମହାପ୍ରଭୁଙ୍କର ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ଛପନ ଭୋଗ ଲାଗିହୋଇଥିଲା। ସନ୍ଧ୍ୟାରେ ଆଳତୀ, ଗୋପିପହଣ୍ଡିରେ ଶ୍ରୀଜୀଉମାନେ ଅଣସରବେଦୀକୁ ପ୍ରବେଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇମାମୀ ଗ୍ରୁପର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋୟେଙ୍କା ଯୋଗଦେଇ ସମସ୍ତ କାର୍ଯ୍ୟ ପ୍ରତ୍ୟକ୍ଷ ତଦାରଖ କରିଥିଲେ। ସ୍ଥାନୀୟ ଇମାମୀ କାଗଜ କଳ ଉପଭାପତି ଚନ୍ଦ୍ରେଶ ଗୁପ୍ତା, ବରିଷ୍ଠ ଉପଭାପତି ରାଜେଶ କୁମାର ମିଶ୍ର, ଡିଜିଏମ୍ ଦେବବ୍ରତ ହୋତା, ଡିଜିଏମ ରମେଶ ଚନ୍ଦ୍ର ଖୁଣ୍ଟିଆ, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସସାମନ୍ତରାୟ, କର୍ମକର୍ତ୍ତା ବିନୋଦ କୁମାର ଜେନା, ଇମାମୀ ଲେଡିସ କ୍ଲବର ସମସ୍ତ ସଦସ୍ୟା ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ମନ୍ଦିର ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର ଏବଂ ସହଯୋଗୀ ସମସ୍ତ ନୀତିକାନ୍ତି ପରିଚାଳନା କରିଥିଲେ। ସ୍ନାନପୂର୍ଣ୍ଣିମା ସୁଚାରୁ ରୂପେ ଶେଷ ହୋଇଥିବାରୁ ସ୍ଥାନୀୟ କାଗଜ କଳର ଏଜିଏମ ତଥା ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସଂଗ୍ରାମୀ ପ୍ୟାରୀମୋହନ ଥିଲେ କ୍ରାନ୍ତିକାରୀ ଜାଗରଣର ପ୍ରତୀକ

**ଭୋଗରାଇ, ୨୨।୬(ପ୍ରଦୀପ ଦାସ)**

ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ଛାତ୍ର ଜୀବନରୁ ସାଧାରଣ ଜନତାଙ୍କୁ ନ୍ୟାୟ ଦେବାରେ ଜୀବନର ଶେଷ ପର୍ଯ୍ୟନ୍ତ ସାଲିସବିହୀନ ଲଢ଼େଇ ଜାରି ରଖିଥିବା ନେତାଙ୍କ ପାଇଁ ପ୍ରେରଣା ହୋଇରହିବ ବୋଲି ପ୍ୟାରୀମୋହନ ସେବା ପରିଷଦ ପକ୍ଷରୁ ଆୟୋଜିତ ଭୋଗରାଇ କୃପାକ୍ଷେତ୍ର ରସିଦପୁର ଶ୍ରୀଜଗନ୍ନାଥ ମନ୍ଦିର ସଭାଗୃହରେ ଶନିବାର ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ ସଭାରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନତୁଆଁ ଛକରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ ପରେ କୃପାକ୍ଷେତ୍ର ସଭାଗୃହରେ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ବ୍ୟଙ୍ଗ କବି ଓ ଶ୍ରୀକୁମାର ଘୋଷ ପରିଚାଳନା କରିଥିଲେ। ପ୍ୟାରୀମୋହନ ସେବା ପରିଷଦ ସମ୍ପାଦିକା ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ଝିଅ ଅର୍ପଣା ମହାପାତ୍ର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ଆନ୍ଦୋଳନର ପ୍ୟାରୀମୋହନ ଦାସଙ୍କ ନିସ୍ୱାର୍ଥପର ଦେଶ ସେବା ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ସାରସ୍ୱତ ସାଧକ ନଟବର ଜେନା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ପୁଜ୍ୟପୂଜା ପରିଷଦ ସଭାପତି ଭୁବନାନନ୍ଦ ଦାସ, ସମ୍ପାଦକ ରାଜ କୁମାର ଦାସ, ଶିକ୍ଷାବିତ ଡ଼. ବିଧୁଭୂଷଣ ପାତ୍ର, ଡା. ଦେବ କୁମାର ଦାସ, ମାଧ୍ୟମିକ ଶିକ୍ଷକ ସଂଘ ଓଡ଼ିଶା ଜିଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ବିକାଶ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବ୍ରତ ଘଡ଼ାଇ, ସାମାଜିକ କର୍ମୀ ରାମହରି ସୁର, ଦେବାଶିଷ ସାମଲ, ବେଦେନ୍ଦ୍ର ସାହୁ, ଗୌରହରି ମହାନ୍ତି, ସହାବାଳିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଖବରଦାତା ଅମର ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସାରସ୍ୱତ ସାଧକ ଡ. ରମାକାନ୍ତ ବେହେରା, ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଶଶୀଭୂଷଣ ମହାନ୍ତି, ସାରସ୍ୱତ ସାଧକ ଏବଂ ନାଟ୍ୟକାର, ନିର୍ଦ୍ଦେଶକ ହେମନ୍ତ କୁମାର ପ୍ରଧାନଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ଇଣ୍ଡିଆ ମେଣ୍ଟର ପ୍ରତିନିଧି ଦଳ



ଇଣ୍ଡିଆ ମେଣ୍ଟର ପ୍ରତିନିଧିମାନେ ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

**ବାଲେଶ୍ୱର, ୨୨।୬(ମାନସ ବିଶ୍ୱାଳ)**

## ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷ ନେଇ କର୍ଫ୍ୟୁ

ବାଲେଶ୍ୱର ଗୋଷ୍ଠୀ ସଂଘର୍ଷ ଓ କର୍ଫ୍ୟୁ ସ୍ଥିତି ଉପରେ ଇଣ୍ଡିଆ ମେଣ୍ଟର ପ୍ରତିନିଧି ଦଳ ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରି ଘଟଣାର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ବାଲେଶ୍ୱର ଶାନ୍ତି ଓ ଭାଇଚାରାର ସହର। ତେବେ କେଉଁ କାରଣରୁ ଏଠାରେ ସଂଘର୍ଷ ଘଟି ସହରରେ ଅଶାନ୍ତ ବାତାବରଣ ସୃଷ୍ଟି ହେଲା, ତାର କାରଣ ଖୋଜିବା ଦରକାର ବୋଲି ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା, ପ୍ରାକ୍ତନ ସାଂସଦ ଅନନ୍ତ ସେଠୀ, କଂଗ୍ରେସ ନେତ୍ରୀ ମୋନାଲିସା ସାମଲ, କଂଗ୍ରେସ ଜିଲା ସଭାପତି ସଂଜୀବ ଗିରି, ଯୁବନେତା ଅକ୍ଷୟ ମଲ୍ଲିକ, ତୁଷାରକାନ୍ତି ତପସ୍ୱୀ, ବିକାଶ ଦାସ, ରଞ୍ଜନ ଦାସ, ବାମପନ୍ଥୀ ନେତା ଶିଶିର ହୁଇ, ଭାଗବତ ପ୍ରହରାଜ, ଆଇନଜୀବୀ ମନୋଜ ନାୟକଙ୍କ ସମେତ ବାଲେଶ୍ୱର ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ସହ ବର୍ତ୍ତମାନର ସ୍ଥିତି ଉପରେ ଆଲୋଚନା କରିଥିଲେ। ସର୍ବଦଳୀୟ ବୈଠକ ଡକାଯାଇ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପରାମର୍ଶ ଦେଇଥିଲେ। ଗଣମାଧ୍ୟମକୁ ଉତ୍ତର ଦେଇ ପିସିସି ସଭାପତି ପଟ୍ଟନାୟକ ଓ ପୂର୍ବତନ ସାଂସଦ ଜେନା ଗୋଷ୍ଠୀ ସଂଘର୍ଷରେ ଗୋଇନ୍ଦା ବିଭାଗର ଅସଫଳତାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସଂଘର୍ଷ ପଛରେ କାରଣ ଖୋଜି ପଦକ୍ଷେପ ନେବା ଦରକାର ବୋଲି କହିଛନ୍ତି। ହାଇକୋର୍ଟରେ ଅବସ୍ଥାପିତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରିବାକୁ ନିବେଦନ କରିଛନ୍ତି। ଏଥିସହିତ ଏପରି ପରିସ୍ଥିତିରେ ଗୋଇନ୍ଦା ବିଫଳ ଓ ଏଥିରେ କେଉଁ ଅଧିକାରୀମାନଙ୍କ ଦାୟିତ୍ୱ ଥିଲା, ତାହା ଉପରେ ତଦନ୍ତ କରାଯାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି।

# ଗଜାନନ ବେଶରେ ମହାପ୍ରଭୁ



**ନୀଳଗିରି, ୨୨।୬(ପ୍ରଶାନ୍ତ କୁମାର ବିଶ୍ୱାଳ)**

ନୀଳଗିରି ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରୀତିନୀତି ଅନୁସାରେ ଶନିବାର ସକାଳେ ସେବାପଟା ଲାଗି, ରାଜନୀତି-ବନ୍ଦାପନା, ପୁଷ୍ପାଞ୍ଜଳି, ଚୋରଲାଗି ହୋଇଥିଲା। ଅଭିଷେକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନଙ୍କ ଛେରାପହଁରା ନୀତି ସରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ଧାଡ଼ି ପହଣ୍ଡିରେ ଆସି ସ୍ନାନମଣ୍ଡପରେ ବିରାଜିତ ହୋଇଥିଲେ। ମଙ୍ଗଳ ଆଳତି, ଅବକାଶ ପରେ ପାରମ୍ପରିକ ରୀତିରେ ୧୦୮ କଳସୀ ସୁବାସିତ ଜଳରେ ସ୍ନାନ ସମାପନ ହୋଇଥିଲା। ସକାଳ ଧୂପ, ଗଜାନନ ବେଶ, ସନ୍ଧ୍ୟାରେ ଆଳତୀ, ଦକ୍ଷିଣଆଳତୀ ପରେ ବିଳମ୍ବିତ ରାତିରେ ଗୋଟି ପହଣ୍ଡିରେ ତିନିଠାକୁର ଅଣସର ଗୃହକୁ ନିଆଯାଇଛି। ବ୍ରହ୍ମ ପୁଷ୍ପେଶ୍ୱରଙ୍କ ନନ୍ଦ, ସରୋଜ କୁମାର ନନ୍ଦ, ରାଜଗୁରୁ ରବୀନ୍ଦ୍ର ମହାପାତ୍ର, ପ୍ରହରାଜ ହରିନାରାୟଣ ନନ୍ଦ, ଦେବେନ୍ଦ୍ର ନନ୍ଦ, ପୁରୁନାଥ ଆଚାର୍ଯ୍ୟ, ବିଜେଶ ଷଡ଼ଙ୍ଗୀ, ଯୋଗେନ୍ଦ୍ର ନାରାୟଣ ମିଶ୍ର, ହରିବନ୍ଧୁ କର, ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସହିତ ଚାମର ସେବାୟତ ଖଗେନ୍ଦ୍ର ବେହେରା, ଘଣ୍ଟୁଆ ଓ ଠାକୁର ମାହାଲର ନିର୍ବାହୀ ଅଧିକାରୀ ଉଦେଶ ଚନ୍ଦ୍ର ପଣ୍ଡା, କର୍ମଚାରୀ ରମେଶ ଦାସ ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରେଳ ଫାଟକ ଖୋଲିବା ପାଇଁ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର



ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ଷ୍ଟେସନ ମ୍ୟାନେଜରଙ୍କୁ ଦାବିପତ୍ର ଦିଆଯାଉଛି।

**ଜଳେଶ୍ୱର, ୨୨।୬(ନବୀନ ସାହୁ)**

ଜୁନ ୨୦ରେ ରେଳ ବିଭାଗ ପକ୍ଷରୁ ନୂଆ ବଜାର ରେଳଗେଟ ଫାଟକ ବନ୍ଦ କରାଯିବା ଫଳରେ ସ୍ଥାନୀୟ ସାଧାରଣ ଲୋକ, ସ୍କୁଲ କଲେଜର ଛାତ୍ରଛାତ୍ରୀ ଯିବାଆସିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଫାଟକକୁ ଯଥାଶୀଘ୍ର ଖୋଲାଯିବା ପାଇଁ ଏକ ଦାବିପତ୍ର ଖଡ଼ଗପୁର ଡିଆର୍‌ଏମ୍‌ଙ୍କ ଜଳେଶ୍ୱର ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ଦିଆଯାଇଛି। ଏହାସହିତ ବାଲେଶ୍ୱର ଏମ୍‌ପି, ବାଲେଶ୍ୱର ଜିଲାପାଳ ଓ ଜଳେଶ୍ୱର ବିଧାୟକଙ୍କୁ ମଧ୍ୟ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜଳେଶ୍ୱର ୧୧ ନଂ. ୱାର୍ଡ଼ର କାଉନସିଲର ଜୟନ୍ତ କର, ସାମାଜିକ କର୍ମୀ ଆନନ୍ଦ କର, ୨ ନଂ. ୱାର୍ଡ଼ର କାଉନସିଲ ସୁରଜ କୁମାର ଗୌରାଣିଆ, ଜିତେନ୍ଦ୍ର ଦାସ ମହାପାତ୍ର, ସଞ୍ଜୀବ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଶଙ୍କର ରାମ, ବିଶ୍ୱନାରାୟଣ ଚାନ୍ଦ ଓ ପୂର୍ଣ୍ଣଚନ୍ଦ୍ର ମାଇତି ପ୍ରମୁଖ ଉପସ୍ଥିତ ଥିଲେ।

# ରାତି ହେଲେ ଗାଁରେ ବୁଲୁଛି ଭୁଜାଲି

## ଫାଣ୍ଡିରେ ଅଭିଯୋଗ କଲେ ଲୋକେ

**ଜଳେଶ୍ୱର, ୨୨।୬(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତ କୁସୁଗଡ଼ ଗ୍ରାମରେ କେହି ଦୁର୍ବୃତ୍ତ ୮ଦିନ ହେଲା ଭୁଜାଲି ଧରି ଆତଙ୍କ ଖେଳାଇ ଚାଲିଛନ୍ତି। ସନ୍ଧ୍ୟା ହେଲା ମାତ୍ରେ ଲୋକେ ଭୟରେ ଡାଟି କବାଟ ପକାଇ ରହୁଛନ୍ତି। ଏପରିକି ଭୟରେ ଗାଁ ଲୋକେ ରାତି ସାରା ଚେଇଁ ବସୁଛନ୍ତି। ଲୋକଙ୍କ କହିବା ଅନୁଯାୟୀ ଉକ୍ତ ଭୁଜାଲିଧାରୀ ଜଣକ ସ୍ଥାନୀୟ ଜଙ୍ଗଲରେ ରହୁଛନ୍ତି। ଏହି ଲୋକର ଘର ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ଅଧୀନ ଶାଳଗଡ଼ିଆ ଗ୍ରାମରେ। ସେ ୭ ବର୍ଷ ପୂର୍ବରୁ ଏକ ନାବାଳକ ହତ୍ୟା ଅଭିଯୋଗରେ ଜେଲରେ ଥିଲେ। କିଛି ଦିନ ହେଲା ଜେଲରୁ ଫେରି ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଆତଙ୍କ ଖେଳାଉଛନ୍ତି। ଏନେଇ ଭୟରେ ଗ୍ରାମର ଯଶୋଦା ପାତ୍ର, ବାସନ୍ତୀ ପାତ୍ର, ଅମ୍ବିକା ପାତ୍ର, କଲ୍ପନା ରଣା, ଅଞ୍ଜନା ପାତ୍ର, ଉତ୍ତମ ଘୋଷ ଓ ପ୍ରମିଳା ରଣା କୁସୁଗଡ଼ ଫାଣ୍ଡିରେ ଅଭିଯୋଗପତ୍ର ଦେଇଛନ୍ତି।



ଫାଣ୍ଡିକୁ ଅଭିଯୋଗ କରିବାକୁ ଆସିଥିବା ମହିଳା।

# ଶାସଙ୍ଗରେ ଦେବସ୍ନାନ ପୂର୍ଣ୍ଣିମା

**ବାଲେଶ୍ୱର, ୨୨।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ସଦର ବ୍ଲକ ଶାସଙ୍ଗସ୍ଥିତ ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ମଙ୍ଗଳ ଆରତୀ ପରେ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡିରେ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସ୍ନାନ ମଣ୍ଡପରେ ଅନ୍ୟାନ୍ୟ ନୀତି ପରେ ବଡ଼ଠାକୁରଙ୍କୁ ୩୪ ଗରା, ଜଗନ୍ନାଥଙ୍କୁ ୩୨ ଗରା, ଦେବୀ ସୁଭଦ୍ରାଙ୍କୁ ୨୭ ଗରା ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ୧୮ ଗରା ମନ୍ତ୍ର ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏହାପରେ ଭୋଗ ଏବଂ ଭୋଗ ଆରତୀ ପରେ ଶ୍ରୀଜୀଉମାନଙ୍କୁ ଗଜ ବେଶରେ ଉପବେଶିତ କରାଯାଇଥିଲା। ଦିନତମାମ ଗଜବେଶରେ ଠାକୁରମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ସ୍ନାନବେଦୀରେ ଶ୍ରୀଜୀଉମାନଙ୍କର ସନ୍ଧ୍ୟା ନୀତି ପରେ ଅନଉସର ଲାଗି ହୋଇ ଅଣସର ବେଦୀକୁ ଧାଡ଼ି ପହଣ୍ଡିରେ ସେବକମାନେ ବିଜେ କରାଇଥିଲେ।

# ଟ୍ରାକ୍ଟରରେ ଚାପି ହୋଇ ଡ୍ରାଇଭରଙ୍କ ଜୀବନ ଗଲା

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୨।୬**

ବାଲିଆପାଳ ଥାନା ଗେଙ୍ଗୁଟିଆ ଛକର ଏକ ସ୍ଥାନରେ ମାଟି ବୋହେଇ ବେଳେ ଟ୍ରାକ୍ଟରରେ ଚାପି ହୋଇ ଡ୍ରାଇଭରଙ୍କ ଜୀବନ ଯାଇଛି। ମୃତକ ହେଲେ ମଧୁରଭଞ୍ଜ ବଡ଼ଛକର ସୁବାସ ପୁର୍ତ୍ତୀ ସୁବାସ କିଛି ବର୍ଷ ହେବ ବାଲିଆପାଳ ଥାନା କଣ୍ଟାଡ଼ିହା ଗ୍ରାମର ମନୋରଞ୍ଜନ ଜେନାଙ୍କ ପାଖରେ ରହି ତାଙ୍କର ଟ୍ରାକ୍ଟରରେ ଡ୍ରାଇଭର ଭାବେ କାମ କରୁଥିଲେ। ଶନିବାର ସକାଳେ ଗେଙ୍ଗୁଟିଆ ଛକରେ ଟ୍ରାକ୍ଟର ଯୋଗେ ମାଟି ପକାଉଥିବା ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ସୁବାସ ଟ୍ରାକ୍ଟରକୁ ଷ୍ଟାର୍ଟ ଅବସ୍ଥାରେ ରଖି ଗାଡ଼ିରୁ ଓହ୍ଲାଇ ଇଞ୍ଜିନ ଦେଖୁଥିବା ବେଳେ ଟ୍ରାକ୍ଟର ମାଡ଼ିଯାଇଥିଲା। ଜେସିବି ଦ୍ୱାରା ସୁବାସଙ୍କୁ ବାହାର କରାଯାଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇ ମାମଲା ରୁଜୁ କରିଛି।

# ଏମ୍‌ପି, ଏସ୍‌ଇଙ୍କୁ ଭେଟିବେ ଉପଭୋକ୍ତା

## ସୁଧୁରୁନି ଲୋ ଭୋଲ୍‌ଟେଜ ସମସ୍ୟା

**ରୁପସା, ୨୨।୬(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରୁପସା ବିଦ୍ୟୁତ ସେକ୍ସନ ଅଧୀନ ଓଡ଼ିଆଶାସନ ବିଦ୍ୟୁତ ଟ୍ରାନ୍ସଫର୍ମରରେ ଦୀର୍ଘଦିନ ଧରି ଲୋଭୋଲ୍‌ଟେଜ ସମସ୍ୟା ଲାଗିରହିଛି। ବାରମ୍ବାର ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଉଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଓଡ଼ିଆ ଶାସନ ବିଦ୍ୟୁତ ଉପଭୋକ୍ତା କମିଟି ପକ୍ଷରୁ ଏନେଇ ଗୁରୁବାର ନୀଳବାଡ଼ି ଶୀତଳା ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ କର୍ମକର୍ତ୍ତା ଗଙ୍ଗାଧର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। କମିଟି ସଦସ୍ୟ ଗୋପାଳ ଚନ୍ଦ୍ର ଦାସ, ଦେବାଶିଷ ମହାପାତ୍ର, ସଞ୍ଜୟ କୁମାର ଦାସ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଭିମନ୍ୟୁ ବର, ପ୍ରଫୁଲ୍ଲ କୁମାର ଦାସ, ସନାତନ ଦାସ, ସପନ ଦାସ, ରଞ୍ଜନ ମହାନ୍ତିଙ୍କ ସମେତ ବହୁ ଉପଭୋକ୍ତା ଯୋଗଦେଇ ଲୋ ଭୋଲ୍‌ଟେଜ ସମସ୍ୟା ଦୂର କରିବାକୁ ଦାବି କରିଥିଲେ। ସମସ୍ୟା ସମାଧାନ ପାଇଁ କମିଟି ପକ୍ଷରୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ ଓ ବିଦ୍ୟୁତ ବିଭାଗ ଏସ୍‌ଇ(ଅଧୀକ୍ଷଣ ଯନ୍ତ୍ରୀ)ଙ୍କୁ ଭେଟି ପୁନର୍ବାର ଲିଖିତ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା।

ଏହି ଓଡ଼ିଆଶାସନ ୨୫୦/୩୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଅଧୀନରେ ଓଡ଼ିଆଶାସନ, ନୀଳବାଡ଼ି, ଉପର ବାରାପାଳ, ଗଡ଼ପଦା, ବାଖରାବାଦ କେନ୍ଦ୍ରବସାହି ଆଦି ଗ୍ରାମର ପ୍ରାୟ ୪ଶହ ଉପଭୋକ୍ତା ବିଦ୍ୟୁତ ସେବା ପାଉଥିବା ଲୋ ଭୋଲ୍‌ଟେଜ ଯୋଗୁ ବାରମ୍ବାର ଅଭିଯୋଗ ପରେ ତତ୍କାଳୀନ ଜେଇ, ଏସ୍‌ଡିଓ ଓ ଏସ୍‌ଇ ତତ୍‌ପରତା ଦେଖାଇ ବାଖରାବାଦଠାରେ ରେଲଧାରଣ ହୋଇ ପାରି ହୋଇ ପୂର୍ବପଟ ବାଖରାବାଦ ଗ୍ରାମରୁ ମାଟି ତଳ ଦେଇ କେବୁଲ ଯୋଗେ ପଶ୍ଚିମପଟ କେନ୍ଦ୍ରବସାହି ଗ୍ରାମପଟକୁ ୧୧କେଭି ବିଦ୍ୟୁତ ତାର ଅତିକ୍ରମ କରାଇଥିଲେ। ହେଲେ ପ୍ଲାନ ଏଷ୍ଟିମେଟ ମୁତାବକ ଏଯାବତ ୧୧ କେଭି ମାଧ୍ୟମରେ ପ୍ରତି ଗାଁକୁ ଅଲଗା ଅଲଗା ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ ସଂଯୋଗ କରାଯାଉ ନ ଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ଲାଗିରହିଛି। ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଲାଗିରହିଥିଲେ ହେଁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଭାଗର ଉପଭୋକ୍ତାଙ୍କ ପ୍ରତି ଅବହେଳା ନୀତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସ୍ନାନବେଦିରେ ଶ୍ରୀଜୀଉ

**କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ), ୨୨।୬**

ବାଲିଆପାଳସ୍ଥିତ ଜଗନ୍ନାଥ ମନ୍ଦିରରେ ଶନିବାର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ପ୍ରାତଃରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଥମେ ପହଣ୍ଡି ବିଜେ, ଜଳ ବିଜେ, ସ୍ନାନ ନୀତି, ପୂଜାର୍ଚ୍ଚନା, ହାତୀ ବେଶ, ସାହାରା ମେଳା ଦର୍ଶନ ଓ ଶେଷରେ ଗଜାନନ ବେଶରେ ଦର୍ଶନ ଦେଇଥିଲେ ମହାପ୍ରଭୁ। ସ୍ନାନବେଦୀରେ ୧୦୮ କଳସୀ ଜଳରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ମନ୍ଦିର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠୀ, ରବିନାରାୟଣ ପାଠୀ, ଶମ୍ଭୁନାଥ ପାଣିଗ୍ରାହୀ, ପ୍ରଭୁ ଲୋକନାଥ ପାଠୀ, ବଳଦେବ ପଣ୍ଡା ପ୍ରମୁଖ ପ୍ରଭୁଙ୍କର ଏହି ନୀତିକାନ୍ତିକୁ ସମ୍ପାଦନ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ଜଗନ୍ନାଥ ମହାନ୍ତି, ସମ୍ପାଦକ ବ୍ରଜ କିଶୋର ଭୂୟାଁ, ସଦସ୍ୟ ପ୍ରଫୁଲ୍ଲ କୁମାର ସାହୁ, ଡ଼. ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ଦିବ୍ୟକାମ ମହାନ୍ତି, ସଞ୍ଜୟ କୁମାର ଦେ, ମୁନା ପରିଡ଼ା, ସଞ୍ଜୀପ କୁମାର ପାତ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସ୍ନାନ ମଣ୍ଡପରେ ମହାପ୍ରଭୁ



**ବାହାନଗା, ୨୨।୬(ଅରୂପ କୁମାର ଦାସ)**

ବାହାନଗା ବ୍ଲକ ତାଳଗୁଡ଼ିଆ ସନ୍ନିକଟ ରମାଧାବରମପୁର ଗ୍ରାମର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଛି। ଶନିବାର ସ୍ନାନପୂର୍ଣ୍ଣିମା ଉପଲକ୍ଷେ ସକାଳେ କୁରୁଣ୍ଡରେ ମହାପ୍ରଭୁଙ୍କର ନୀତିକାନ୍ତି ଆରମ୍ଭ ହେବା ସହିତ ଧାଡ଼ିପହଣ୍ଡି କରାଯାଇ ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ମହାପ୍ରଭୁଙ୍କ ସମସ୍ତ ପୂଜା ସମାପନା ପରେ ମହାସ୍ନାନ ଆରମ୍ଭ ହୋଇଥିଲା। ୧୦୮ ଗରାରେ କୂଅର ପାଣି ଆଣି ୩ ବିଗ୍ରହଙ୍କୁ ସ୍ନାନ କରାଯାଇଥିଲା। ପୂଜକ ଭାବେ ପଣ୍ଡିତ ଶ୍ରୀନିବାସ ଆଚାର୍ଯ୍ୟ, ସୀତାରାମ ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିଲେ। କିଶୋର ପାଣିଗ୍ରାହୀ, ଲକ୍ଷ୍ମୀଧର ସାହୁ, ଲକ୍ଷଣ ମହାପାତ୍ର, ଦେବୁ ପଣ୍ଡା, ମୁନା ପଣ୍ଡା, ଗିରିଜା ଆଚାର୍ଯ୍ୟ, ତାରାକାନ୍ତ ଆଚାର୍ଯ୍ୟ, ଅନିରୁଦ୍ଧ ଦାଶ ପ୍ରମୁଖ ସହଯୋଗ କରିଥିଲେ।

**ଶ୍ୱାସ ନଳୀରେ କ୍ଷୀର ଲାଗି ଶିଶୁଙ୍କ ମୃତ୍ୟୁ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ରେଙ୍ଗାଲବେଡା ଗାଁରେ ଅଭାବନୀୟ ଘଟଣା ଘଟିଛି। ସ୍ତନ୍ୟପାନ ସମୟରେ ଶ୍ୱାସନଳୀରେ କ୍ଷୀର ପଶିଯିବାରୁ ଜଣେ ୫ ଦିନର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଶୁକଲାଲ ଟୁଡୁ ଓ ଗୌରାଙ୍ଗ ଶନିବାର ସକାଳୁ ଶିଶୁ ପୁତ୍ର ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ତନ୍ୟପାନ ସମୟରେ ମା' କ୍ଷୀର ଶିଶୁଙ୍କ ଶ୍ୱାସ ନଳୀରେ ପ୍ରବେଶ କରାଯିବାରୁ ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି।



**କେନ୍ଦୁଝର**

# ସ୍ନାନବେଦିରେ ଦର୍ଶନଦେଲେ ଚତୁର୍ଦ୍ଧାମୂର୍ତ୍ତି

କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ଯୋଡା(ମାନସ ମହାନ୍ତି)/ଢେଙ୍କିକୋଟ(ନୀଳମଣି ମଣ୍ଡଳ) /ପାଟଣା(ବୀର କିଶୋର ଦାଶ)/ ବଡ଼ବିଲ(ଦେବପ୍ରିୟ ରଣା)/ ଚମ୍ପୁଆ(ମହେଶ୍ୱର ଦାସ)/ ଆନନ୍ଦପୁର(ଉମେଶ ପାଢ଼ୀ),୨୨।୬



ଭାଇ, ଭଉଣୀଙ୍କ ସହ କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉ।

କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ଯୋଗୀମଠ ଶ୍ରୀ ମନ୍ଦିରରେ ଶ୍ରୀ ଜୀଉଙ୍କ ସ୍ନାନ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ବେଢ଼ାରେ ଯଥା ରୀତିରେ ଦଇତା ପତି ଓ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଜୀଉମାନଙ୍କୁ ସ୍ନାନ ବେଦିରେ ବିଜେ କରାଯାଇଥିଲା। ୧୦୮ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ପରେ ଠାକୁର ଅଣସର ଘରକୁ ବିଜେ କରିଛନ୍ତି। ସେହିପରି ଯୋଡା ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଯୋଡା ଜଗନ୍ନାଥ ମନ୍ଦିର ପରିସରରେ ଏହି ଉତ୍ସବ ପାଳନ ହୋଇଥିଲା। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ମହାରାଜଙ୍କୁ ଧାଡି ପହଣ୍ଡିରେ ମାର୍ଜନା ପୂର୍ବକ ରତ୍ନବେଦିରୁ ସ୍ନାନବେଦୀକୁ ବିଜେ କରାଯାଇଥିଲା। ମହାସ୍ନାନ ନୀତି ସମ୍ପନ୍ନ ପରେ ଶ୍ରୀଜୀଉ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମହାସ୍ନାନ ପରେ ଶ୍ରୀଜୀଉ ୧୫ ଦିନ ନିମନ୍ତେ ଅଣସର ଗୃହକୁ ବିଜେ କରିବାର ନୀତି ଥିବାରୁ ମହାପ୍ରଭୁଙ୍କୁ ଦର୍ଶନ ନିମନ୍ତେ ଯୋଡା ଶ୍ରୀଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା।

ଜିଲା ବ୍ୟବସାୟିକ ପେଣ୍ଠସ୍ଥଳ ଢେଙ୍କିକୋଟ ଜଗନ୍ନାଥ ମନ୍ଦିର ଓ ରଥ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ନେତୃତ୍ୱରେ ମହାପ୍ରଭୁ ଜଗନ୍ନାଥ, ତିନି ଠାକୁରଙ୍କ ଦେବସ୍ନାନ ନୀତିକାନ୍ତି, ଯଥାବିଧି ଅନୁଷ୍ଠିତ ହୋଇଯାଇଛି। କମିଟିର ପୁରଧା ରାମଚନ୍ଦ୍ର ସାହୁ ଏବଂ ଯୁବ ଇଞ୍ଜିନିୟର ଶୁଭାଶିଷ ମଣ୍ଡଳଙ୍କ ସଂକଳ୍ପରେ ଠାକୁରଙ୍କୁ ସ୍ନାନ ବେଦୀକୁ ଆଣିଥିଲେ। ସେଠାରେ ୩ ଠାକୁରଙ୍କୁ ବିଭିନ୍ନ ଗୁଳ୍ମ ଔଷଧୀୟ ଜଳରେ ସ୍ନାନ କରାଇଥିଲେ। ସେହିପରି ପାଟଣା ବ୍ଲକ୍ ରାଜନଗରସ୍ଥିତ ପ୍ରାଚୀନ ଦାଧିବାମନ ଜିଉଙ୍କ ଜ୍ୟୋଷ୍ଠ ପୂର୍ଣ୍ଣିମା ଅବସର ସ୍ନାନଯାତ୍ରା ସମ୍ପନ୍ନ ହୋଇଛି। ସେହିଭଳି ମଲ୍ଲିପଶିସ୍ଥିତ ଦାରୁ ବ୍ରହ୍ମ ପ୍ରତିଷ୍ଠା ସଂସ୍ଥା ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପାଇଁ ବୈତରଣୀ ନଦୀର ଅନୁସୟା ଘାଟରୁ ପବିତ୍ର ଜଳ ଶୋଭାଯାତ୍ରାରେ ଅଣାଯାଇଥିଲା। କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ହରିହର ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ କଲ୍ୟାଣେଶ୍ୱର ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଛି। ରତ୍ନବେଦିରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପରେ ବିଜେ କରିଥିଲେ। ପାରମ୍ପରିକ ରୀତିରେ ୧୦୮ କଳସୀ ଜଳରେ ସ୍ନାନ କରାଯାଇଥିଲା। ଚମ୍ପୁଆସ୍ଥିତ ବଳଦେବଜିଉ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସ୍ନାନବେଦିରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରା ପୂଜା ପାଇଛନ୍ତି। ପ୍ରତ୍ୟୁଷରୁ ୩ ଠାକୁରଙ୍କୁ ରତ୍ନ ବେଦୀରୁ ସ୍ନାନବେଦିକୁ ନିଆଯାଇଥିଲା। ପବିତ୍ର ଜଳରେ ତିନି ଠାକୁରଙ୍କୁ ସ୍ନାନାଦି କାର୍ଯ୍ୟ ସମାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ସତପଥି ପୂଜା କାର୍ଯ୍ୟ ସମାପନ କରିଥିଲେ। ଅପରାହ୍ଣରେ ୩ ଠାକୁରଙ୍କୁ ଅଣସର ପିଣ୍ଡିକୁ ନିଆଯାଇଥିଲା। ଆନନ୍ଦପୁରର ପ୍ରସିଦ୍ଧ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ସ୍ନାନ ବେଦୀରେ ଦେବସ୍ନାନ ଓ ଜଳ ବିଜେ ନୀତି ଅନୁଷ୍ଠିତ ହୋଇଯାଇଛି। ସେବକଙ୍କ ଦ୍ୱାରା ଜଳବିଜେ ନୀତି ଆରମ୍ଭ ହୋଇ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଗଜାନନ ବେଶରେ ଦାରୁ ଦିଅଁ ଦର୍ଶନ ଦେଇଥିଲେ।

### ଗଜାନନ ବେଶରେ ଦର୍ଶନ ଦେଲେ ଶ୍ରୀ ଜୀଉ

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉ ସ୍ନାନ ପୂର୍ଣ୍ଣିମା ଅବସରରେ ଭକ୍ତଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଛନ୍ତି। ପ୍ରାତଃ ଅବକାଶ ପରେ ଶ୍ରୀ ଜୀଉଙ୍କୁ ପହଣ୍ଡିଆମାନେ ଧାଡ଼ି ପହଣ୍ଡିରେ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ନେଇଥିଲେ। ସେଠାରେ ୧୦୮ ସୁବାସିତ ଜଳରେ ସ୍ନାନ କରି ଗଜାନନ ବେଶ କରିଥିଲେ। ଶ୍ରୀ ଜଗନ୍ନାଥଙ୍କୁ ଶାଳପତ୍ର ସହ ବେଲପତ୍ର ଓ ଶ୍ରୀ ବଳଭଦ୍ରଙ୍କୁ ଶାଳପତ୍ର ସହ ଅଁଳାପତ୍ରରେ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମୁଛି। ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡିରେ ଦେଉଳକୁ ନିଆଯାଇଥାଲି।

## ହମ୍ପସ୍ ନିର୍ମାଣ ଦାବିରେ ରାସ୍ତାରୋକୋ

କେନ୍ଦୁଝର,୨୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ନିକଟରେ ୨ ଦିନ ପୂର୍ବେ ଟ୍ରକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ରାସ୍ତାରେ ହମ୍ପସ ନିର୍ମାଣ ଦାବି କରି ଧୁର୍ପଦା, ବାଲିଆଗୁଡ଼ା ଗ୍ରାମର ମହିଳା, ପୁରୁଷ ଜାତୀୟ ରାଜପଥ ୨୦କୁ ଅବରୋଧ କରିଥିଲେ। ହମ୍ପସ ନିର୍ମାଣ ପ୍ରତିଶ୍ରୁତି ମିଳିବା ପରେ ଅବରୋଧ ଉଠିଥିଲା। ଅଦ୍ୟାବଧି ହମ୍ପସ ନିର୍ମାଣ ହୋଇ ପାରୁ ନ ଥିବାରୁ ଶନିବାର ପୁଣି ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ପ୍ରାୟ ୨ ଘଣ୍ଟା ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ଉଠିଥିଲା। ଟାଉନ ଥାନା ଅଧିକାରୀ ରମାକାନ୍ତ ସାଏ କହିଛନ୍ତି, ହମ୍ପସ କାମ ଆରମ୍ଭ ହୋଇଛି।

## ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

କେନ୍ଦୁଝର,୨୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଓ ଗୋହାଲଡିହି ରେଲୱେ ଷ୍ଟେଶନକୁ ପ୍ରବେଶ କରୁଥିବା ମୁଖ୍ୟ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଲୋକେ ରାସ୍ତା ମରାମତି ପାଇଁ ଅଭିଯୋଗ କରିଆସୁଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନି। ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇ ସାମାନ୍ୟ ବର୍ଷାରେ ପାଣିଜମି ପୋଖରୀ ଭ୍ରମ ସୃଷ୍ଟି ହୋଇଛି। ଫଳରେ ଗମନାଗମନରେ ବାଧା ଉପୁଜୁଛି। ସ୍କୁଲ କଲେଜ ସମେତ ରେଲୱେ ଷ୍ଟେଶନକୁ ଲୋକେ ଯାଆସ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏପରି କି ରାସ୍ତା ଖରାପ ଯୋଗୁ ଛୋଟ ବଡ ଗାଡି ନେଇ ଗଲାବେଳେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ପଞ୍ଚାୟତକୁ ରାସନ ଓ ଅନ୍ୟାନ୍ୟ କାମରେ ଯିବାକୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମର ଯାଦବ ଟୁଡୁ, ସଞ୍ଜିତ ମାଝୀ, ଜଗସଂଯୋଗ ଡୁଡୁ, ମାନସ ମାଝୀ, ଆକାଶ ମାଝୀ ଯୁବକମାନଙ୍କ ଉଦ୍ୟମରେ ଝୁଡ଼ି, କୋଦାଳ ଧରି ଖାଲଖମା ଗୁଡିକୁ ମାଟି, ମୋରମ, ପଥର ପକାଇ ସମତୁଲ କରିଥିଲେ। ଯୁବକଙ୍କ କାର୍ଯ୍ୟକୁ ବୁଦ୍ଧିଜୀବୀ ମୋହଲରେ ପ୍ରସଂଶା କରାଯାଇଛି। ତୁରନ୍ତ ରାସ୍ତା ମରାମତି କରାଯିବାକୁ ଦାବି ହେଉଛି।

## ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ

ଯୋଡ଼ା,୨୨।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଛକ ନିକଟରେ ଠିଆ କରିଥିବା ଟ୍ରକ୍ ଡ୍ରାଇଭରଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଓ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ଏମ୍‌ଡି ଏଜାଜ ଆନସାରୀ ନାମକ ଟ୍ରକ୍ ଡ୍ରାଇଭର ଉକ୍ତ ଛକ ନିକଟରେ ଠିଆ କରିଥିଲେ। ରାତି ପ୍ରାୟ ୧୨ଟା ୩୦ ମିରୁ ୧ଟା ସମୟ ମଧ୍ୟରେ ପ୍ରାୟ ୧୦ ଜଣ ଦୁର୍ବୃତ୍ତ ଟ୍ରକ୍ ଡ୍ରାଇଭରଙ୍କୁ ଟଙ୍କା ମାଗିଥିଲେ। ସେ ବିରୋଧ କରିବାରୁ ଛୁରି, ଭୁଜାଲିରେ ତାଙ୍କୁ ଆକ୍ରମଣ କରି ମୋବାଇଲ ଓ ଟଙ୍କା ଛଡାଇନେଇଥିଲେ। ଡ୍ରାଇଭର ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ସେଠାରୁ ଦୌଡ଼ି ପଳାଇଥିଲେ। ଏ ନେଇ ସେ ଗାଡ଼ି ମାଲିକଙ୍କୁ ଡକାଇଥିଲେ। ମାଲିକ ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ଗାଡ଼ି ମାଲିକ ସୋଯେବ ଖାନ ଯୋଡା ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଥିଲେ।

## ଘସିପୁରାରେ ବଢୁଛି ବାଲି ଚୋରାଚାଲାଣ

ରାମଚନ୍ଦ୍ରପୁର,୨୨।୬(ଗଣେଶ୍ୱର ସା):

କେନ୍ଦୁଝର ଜିଲା ଘସିପୁରା ତହସିଲ ଅଞ୍ଚଳରେ ବାଲି ଚୋରାଚାଲାଣ ବଢୁଛି। ବିଶେଷ କରି ତହସିଲ ଅନ୍ତର୍ଗତ ସାଇଁକୁଳ ସର୍କଲ ଅଧୀନରେ ଥିବା ବୈତରଣୀ ନଦୀର ବାତୋ ଘାଟରୁ ବେଧଡ଼କ ବାଲି ଉଠାଯାଇ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ସାଧାରଣ ଲୋକେ ଭୟରେ ମୁହଁ ଖୋଲୁ ନ ଥିଲେ ବି ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଯେ, ବୈତରଣୀର ଅଞ୍ଜିରା ଘାଟ, କୁସେଇ ନଦୀ ଓ ବୈତରଣୀର ତିନିମୁହାଣି ନିକଟରୁ ମଧ୍ୟ ବେଧଡ଼କ ଭାବେ ବାଲି ଚୋରାଚାଲାଣ କରାଯାଉଛି। ମାଫିଆ ଦୈନିକ ଟ୍ରାକ୍ଟରରେ ଶହଶହ ଟ୍ରିପ୍ ବାଲି ଉଠାଇ ବିକ୍ରି କରୁଛନ୍ତି। ଏଥି ପ୍ରତି କାହାର



ନଦୀରୁ ବାଲି ଉତ୍ତୋଳନ ହେଉଛି।

ଦୃଷ୍ଟି ପଡୁ ନ ଥିବାରୁ ସରକାର ବହୁ ରାଜସ୍ୱ ହରାଉଛନ୍ତି। ପ୍ରଶାସନ କବଳରୁ ରକ୍ଷା ପାଇବା ପାଇଁ ଗାଡ଼ି ନମ୍ବର ପ୍ଲେଟ୍ ଖୋଲି ନିର୍ଭୟରେ ବାଲିଚାଲାଣ କରୁଛନ୍ତି। ବାତୋ ବଜାର ଦେଇ ବାଲି ଗାଡ଼ି ଯାଉଥିବାରୁ ଛାତ୍ରୀଛାତ୍ରମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଜିଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ଦାବି କରିଛନ୍ତି। ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା କହିଛନ୍ତି, ମାଇନିଂ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକଥା, ତଥାପି ଆମେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚେଷ୍ଟା କରୁଛୁ।

## ବାଚସ୍ପତିଙ୍କୁ ଶୁଭେଚ୍ଛା ଜଣାଇଲେ ଭାଜପା କାର୍ଯ୍ୟକର୍ତ୍ତା



ହାଟଡ଼ିହୀ,୨୨।୬(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା ନେତା ଏବଂ କାର୍ଯ୍ୟକର୍ତ୍ତାମାନେ ମହିଳା ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଜନତାଙ୍କ ସ୍ୱାର୍ଥ ଏବଂ ସୁବିଧା ପାଇଁ ବିଭିନ୍ନ ସମସ୍ୟା ଉପରେ ଆଗକୁ ଅନୁଧ୍ୟାନ କରାଯିବ ବୋଲି ବାଚସ୍ପତି ଆଶ୍ୱାସନା ଦେଇଥିବା ଭାଜପା କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଆନନ୍ଦପୁର ଭାଜପା ନେତା ତଥା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ହାଟଡ଼ିହୀ ପଞ୍ଚାୟତ ଭାଜପା ସଭାପତି ସୁନୀଲ ନାୟକ ପ୍ରମୁଖ ବାଚସ୍ପତିଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥିଲେ। ବଳଭଦ୍ର ବାରିକ, ହରମୋହନ ଶାସିନୀ, ଶଶିକାନ୍ତ ରାଉତ, ଜଗତ ଜୀବନ ରାମ ଗୋଲାମ ଦେବତା, ଅନ୍ନଦା ପ୍ରସାଦ ଜେନା, ଟୁକୁନା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଘାଟରେ ଖଣି ବିଭାଗ ପକ୍ଷରୁ ଚନାଘନା

ଆନନ୍ଦପୁର,୨୨।୬(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବାଲିଘାଟରେ ଖଣି, ଜଳସମ୍ପଦ, ପ୍ରଦୂଷଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। କ୍ଷୟକ୍ଷତିର ଆକଳନ କରାଯାଇଥିବା ବେଳେ ବେଆଇନ ବାଲିଚାଲାଣକୁ ନେଇ ଚନାଘନା କରିଥିଲେ। ଆନନ୍ଦପୁର, ହାଟଡ଼ିହୀ, ଘସିପୁରା ତହସିଲ ଅଞ୍ଚଳରେ ଥିବା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ନେଇ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଅଭିଯୋଗ କରିଥିଲେ। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ବିଶାଲ ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଆନନ୍ଦପୁରରେ ବୈତରଣୀ ନଦୀରେ ଚାଲିଥିବା ବାଲିଘାଟକୁ ପୂର୍ବରୁ ବିରୋଧ ହୋଇଥିଲା। କିଛିଦିନ ଏଠାରୁ ବାଲି ଉତ୍ତୋଳନ ବନ୍ଦ ରହିବା ପରେ ସପ୍ତାହେ ହେଲା ବାଲି ଉତ୍ତୋଳନ ହୋଇ ଚାଲାଣ ହେଉଥିଲା। ଏହାକୁ ବିରୋଧ କରି ଆନନ୍ଦପୁର ସ୍ୱାଭିମାନ ମଞ୍ଚର ସଭାପତି ଦେବରଞ୍ଜନ ସାହୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। ବାଲି ବୋଝେଇ ଭାରିଯାନ ଚଳାଚଳ ଦ୍ୱାରା ବୈତରଣୀ ନଦୀବନ୍ଧ ଓ ଆନନ୍ଦପୁର ରିଂରୋଡ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ଆନନ୍ଦପୁର ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦୁଝର ଖଣି ଅଧିକାରୀ ତାରିଣୀ କୁମାର ସିଂହଙ୍କ ସମେତ ପ୍ରଦୂଷଣ, ଜଳସମ୍ପଦ ବିଭାଗର ଅଧିକାରୀମାନେ ଆନନ୍ଦପୁର ବୈତରଣୀ ନଦୀର ବାଲିଘାଟରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଘସିପୁରା ତହସିଲ ଅନ୍ତର୍ଗତ ଦେଓଗାଁ କୁଶେଇ ନଦୀ ବାଲିଘାଟରେ ତଦନ୍ତ କରାଯାଇଥିଲା। ଅନ୍ୟପକ୍ଷେ ଏଠାରୁ ବେଆଇନ ବାଲି ଉତ୍ତୋଳନ ନେଇ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲରେ ମାମଲା ବିଚାରାଧୀନ ରହିଛି। ଅଗଷ୍ଟ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ଥିବା ଜଣାପଡ଼ିଛି।

## ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ଶୁଭାରମ୍ଭ

କେନ୍ଦୁଝର,୨୨।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ (ଏଡିଟିଏସ) ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫୦ ଜଣଙ୍କ ଏଡିଟିଏସ ପରୀକ୍ଷା ହୋଇଥିବା ସୂଚନା ମିଳିଛି। ଡ୍ରାଇଭିଂ ଟେଷ୍ଟିଂ ପାଇଁ ପରିବହନ ବିଭାଗ ପକ୍ଷରୁ ଯାହା ନିୟମ ରହିଛି, ନିୟମକୁ ପାଳନ କରି ୬ଟି ପଦ୍ଧତିକୁ ଅତିକ୍ରମ କରି ଗାଡି ଚଳାଇ ପାରିଲେ ଆବେଦନକାରୀଙ୍କୁ ତୁରନ୍ତ ପାସ କରାଯାଇଥିଲା। ଏଡିଟିଏସ ଟେଷ୍ଟିଂ ଟ୍ରାକ ବ୍ୟବସ୍ଥାରେ ଶତ ପ୍ରତିଶତ ସ୍ୱଚ୍ଛତା ରକ୍ଷା କରାଯିବା ସହ ସିସି କ୍ୟାମେରା ଜରିଆରେ ଆବେଦନକାରୀଙ୍କ ଡ୍ରାଇଭିଂ ଟେଷ୍ଟ ଠିକ ଓ ନିର୍ଭୁଲ ଭାବେ ଯାଞ୍ଚ କରାଯାଉଛି। ଏଡିଟିଏସ ଟ୍ରାକ ବ୍ୟବସ୍ଥାରେ କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗରେ ଶତ ପ୍ରତିଶତ ସ୍ୱଚ୍ଛତା ରକ୍ଷା କରାଯିବା ସହ ଦଲାଲ ଓ ମଧ୍ୟସ୍ଥଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏ ସମ୍ପର୍କରେ କେନ୍ଦୁଝର ଆରଟିଓ ଇଂ. ଗୋପାଳ କୃଷ୍ଣ ଦାସ କହିଛନ୍ତି, ଏଡିଟିଏସ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଜରିଆରେ ହେଉଛି। ସେଠାରେ ମୋଟ ୨୬ ଟି କ୍ୟାମେରା ଲାଗିଛି। ୬ଟି ସୋପାନରେ ଏହି ଏଡିଟିଏସ ଟେଷ୍ଟିଂ ହେବ। ଏଥିରେ ଚାଳକଙ୍କ ଓଭରଟେକିଂ, ଜେବ୍ରା କ୍ରସିଂ, ଏସ ଟ୍ରାକ, ପାରାଲାଲ ପାର୍କିଂ, ଗ୍ରାଡିଏଣ୍ଟ ଏବଂ ଏଇଟ (୮) ଟ୍ରାକ ଆଦି ସବୁ ସିଷ୍ଟମରେ ଭିଜୁଆଲ ଆନାଲାଇଜ କରାଯାଇ ଡ୍ରାଇଭିଂ ଟେଷ୍ଟରେ କୃତକାର୍ଯ୍ୟ ହେବାକୁ ପଡ଼ିବ। ଚାଳକ ଜାଣିପାରିବେ କେଉଁ ସୋପାନରେ ଫେଲ ହେଲେ। ସେଥିପାଇଁ ସେ ପ୍ରସ୍ତୁତ ହୋଇ ପୁନଃ ଏଡିଟିଏସ ଟେଷ୍ଟିଂର ସମ୍ମୁଖୀନ ହେବେ। ଏଥିରେ କୌଣସି ମାନୁଆଲ ହସ୍ତକ୍ଷେପ ରହିବ ନାହିଁ କି ମଧ୍ୟସ୍ଥି କିମ୍ବା ଦଲାଲଙ୍କ ଭୂମିକା ରହିବ ନାହିଁ। ଏହା ଦ୍ୱାରା ଉତ୍ତମ ଅଭିଜ୍ଞ ଚାଳକ ସୃଷ୍ଟି ହେବା ସହ ଦୁର୍ଘଟଣା ହାର ହ୍ରାସ ପାଇବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

## ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

ଆନନ୍ଦପୁର,୨୨।୬(ସୁଶାନ୍ତ କୁମାର ସାହୁ/ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଡିସେମ୍ବର ଶେଷ ସପ୍ତାହରେ ୩ ଦିନ ଧରି ହୀରକ ଜୟନ୍ତୀ ପାଳନ କରିବାକୁ ମତ ରଖିଥିଲେ। ୧୯୬୪ରୁ ପ୍ରତିଷ୍ଠାଲାଭ କରିଥିବା ମହାବିଦ୍ୟାଳୟ ଅଦ୍ୟାବଧି ସମ୍ପୂର୍ଣ୍ଣ ସରକାରୀ କରଣ ବ୍ୟବସ୍ଥାରୁ ବଞ୍ଚିତ ରହିଛି। ହୀରକ ଜୟନ୍ତୀ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ମହାବିଦ୍ୟାଳୟର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁରାତନ ଛାତ୍ର ପ୍ରକାଶ କରିଛନ୍ତି। ବୈଠକର ପ୍ରାଥମିକ ପର୍ଯ୍ୟାୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ହୀରକ ଜୟନ୍ତୀ ପାଇଁ ଏକ କମିଟି ଚୟନ କରାଯାଇଥିଲା। ପୁରାତନ ଛାତ୍ର ମହେଶ୍ୱର ସାହୁ ହୀରକ ଜୟନ୍ତୀ କମିଟିର ସଭାପତି ଭାବେ ସର୍ବସମ୍ମତିକ୍ରମେ ଚୟନ ହୋଇଥିଲେ। ଉପସଭାପତି ଭାବେ ରାମଚନ୍ଦ୍ର ସୁର, ଦୁର୍ଗାଚରଣ ଦଳେଇ, ବିନୋଦ ବିହାରୀ ମିଶ୍ର, ସୁଶୀଲ ହୋତା, ସାଧାରଣ ସମ୍ପାଦକ ଭାବେ ନିରାକାର ଦଳେଇ, ସଂଯୋଜକଭାବେ ଦେବ ରଞ୍ଜନ ସାହୁ, ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ରଣା, ସନତ କର, ମମତାରାଣୀ ଜେନା, ଦୀପକ ଜେନା, କୋଷାଧ୍ୟକ୍ଷ ଭାବେ ଅଶୋକ ସାହୁ, କାର୍ଯ୍ୟକାରୀ ସଦସ୍ୟ ଭାବେ ରାମଚନ୍ଦ୍ର ସାହୁ, ପ୍ରମୋଦ ସିଂହ, ଜ୍ୟୋତିରଞ୍ଜନ ଜେନା, ସନ୍ତୋଷ ରାଉତ, ଲଲାଟେନ୍ଦୁ ଧିର, ଶୁଭାଶିଷ ପାଢ଼ୀ, ହରେକୃଷ୍ଣ ପାତ୍ର, ଶତ୍ରୁଘ୍ନ ସାହୁ, ଟୁକୁନା ମହାନ୍ତ, ଅକ୍ଷୟ ସାମଲ, ରାଜାପ୍ରଭୁ ଦାସ, ସତ୍ୟବ୍ରତ ରାମ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପର୍ଯ୍ୟାୟ କ୍ରମେ ବୈଠକ ଆହ୍ୱାନ କରାଯାଇ ହୀରକ ଜୟନ୍ତୀର କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

## କେନ୍ଦୁଝରରେ ମହେନ୍ଦ୍ର, ରାଜକୁମାରଙ୍କୁ ପାଣି ସ୍ପ୍ରେ କରାଗଲା

କେନ୍ଦୁଝର, ୨୨।୬ (ନରେଶ ଚନ୍ଦ୍ର ପଟ୍ଟନାୟକ): ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ସୁନ୍ଦରୀ ମହାବାଳ ବାଘ ନିରୀକ୍ଷଣ ପାଇଁ ଶିମିଳିପାଳରୁ ଯାଇଥିବା ୨ ତାଲିମପ୍ରାପ୍ତ ଦନ୍ତାହାତୀ(ମହେନ୍ଦ୍ର, ରାଜକୁମାର) ସ୍ଥାନ ଶିମିଳିପାଳର କେନ୍ଦୁମୁଣ୍ଡିକୁ ଫେରିଛନ୍ତି। ହାତୀଙ୍କୁ ୨ ହାଇୱାରେ ଅଣାଯାଇଥିବା ବେଳେ ପ୍ରବଳ ଗରମ ସାଙ୍ଗକୁ ସେମାନଙ୍କୁ ନିଶ୍ଚେତକ ଦିଆଯାଇଥିବାରୁ ଜାତୀୟ ରାଜପଥ ୪୯ରେ ଆସିବା ବେଳେ କେନ୍ଦୁଝର ସହର ନିକଟ ଜୁଡିଆ ଘାଟି ନିକଟରେ ଫାୟାର ଷ୍ଟେଶନ ସମ୍ମୁଖରେ ପାଣି ସ୍ପ୍ରେ କରାଯାଇଥିଲା। ଏଥିସହ ଖାଇବାକୁ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ଅନ୍ୟ ସ୍ଥାନରେ ମଧ୍ୟ ପାଣି ସ୍ପ୍ରେ ଓ ଖାଦ୍ୟ ଦିଆଯାଇଥବା ଜଣାପଡିଛି। ହାତୀଙ୍କ ସହିତ ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା, ଏସିଏଫ୍ ଆଲୋକ ମାଝୀ, ୨ ଭେଟନାରୀ ଡାକ୍ତର, ହାତୀ ବିଶେଷଜ୍ଞ ଯାଉଥିଲେ। କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି, ଏସିଏଫ୍ ଅଶୋକ କୁମାର ଦାସଙ୍କ ସହାୟତାରେ ତାକୁ ମୟୂରଭଞ୍ଜ ପଠାଯାଇଥିଲା।

## ଏକମାତ୍ର ପୁଅର ୨ କିଡ୍‌ନୀ ଖରାପ

### ସହାୟତା ପାଇଁ ମା'ବାପାଙ୍କ ନିବେଦନ

ପାଟଣା,୨୨।୬(ବୀର କିଶୋର ଦାଶ)

ସାଙ୍ଗସାଥୀଙ୍କ ମେଳରେ ଖେଳିବା, ବୁଲିବା କଥା; କଅଁଳ ବୟସରେ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଶଯ୍ୟାରେ ପଡ଼ି ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ପାଟଣା ବ୍ଲକ ଚୀନାମାଳିପଶି କେତାଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି। ଶରତ ଚନ୍ଦ୍ର ସେଠୀ, ଜ୍ୟୋସ୍ନାରାଣୀଙ୍କ ଏକମାତ୍ର ପୁଅ ରିଙ୍କୁ(୧୩)ଙ୍କ ୨ କିଡ୍‌ନୀ ଖରାପ ହୋଇଯାଇଥିବା ବେଳେ ଅର୍ଥ ଅଭାବରୁ ଚିକିତ୍ସାରେ ବାଧା ଉପୁଜୁଛି। ପୁଅର ଚିକିତ୍ସା ନିମନ୍ତେ ସହାୟତା କରିବାକୁ ମା'ବାପା ଆକୁଳ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ରିଙ୍କୁଙ୍କୁ ୬ ବର୍ଷ ହୋଇଥିବା ବେଳେ ତାଙ୍କ ପେଟ ଓ ଆଖି ଫୁଲି ଯାଇଥିଲା, କଟକ ଶିଶୁଭବନରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ରିଙ୍କୁଙ୍କୁ ନେପ୍ରୋଥିକ ସେନଡ୍ରମ ହୋଇଥିବା ତତ୍କାଳୀନ ଶିଶୁଭବନ ଡା. ସୁବଳ ପ୍ରଧାନ କହିଥିଲେ। ଔଷଧ ଖାଇଲେ ରୋଗ ୧୨ ବର୍ଷ



ଶରତ, ଜ୍ୟୋସ୍ନାରାଣୀ ଓ ରିଙ୍କୁ।

ବେଳକୁ ସମ୍ପୂର୍ଣ୍ଣ ଭଲ ହୋଇଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏବେ ୬ଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଗତ ମାର୍ଚ୍ଚ ୯ ତାରିଖରେ ଅସୁସ୍ଥ ହୋଇପଡ଼ିଥିଲେ। ମା'ବାପା କଟକ ଶିଶୁଭବନରେ ଭର୍ତ୍ତି କରିଥିଲେ। ପରୀକ୍ଷା ପରେ ଏକ ନିର୍ଦ୍ଦିଷ୍ଟ ମେଡିସିନ ଦୀର୍ଘ ଦିନ ଖାଇବା ଫଳରେ ରିଙ୍କୁଙ୍କ ୨ଟିଯାକ କିଡ୍‌ନୀ ଖରାପ ହୋଇଯାଇଥିବା ଡାକ୍ତର କହିଥିଲେ। କିଡ୍‌ନୀ ପ୍ରତିରୋପଣ ପାଇଁ ଡୋନରଙ୍କ ସହ ୧୮ରୁ ୨୦ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ଏବେ ରିଙ୍କୁଙ୍କୁ ସପ୍ତାହରେ ୨ଥର ଡାଏଲିସିସ କରିବାକୁ କଟକ ନେବାକୁ ପଡୁଛି। ପାଖରେ ଯାହା ଟଙ୍କା ଥିଲା ସରିଯାଇଥିବା ଘର ସାମଗ୍ରୀ, ଅଳଙ୍କାର ବିକ୍ରି କରିସାରିଲେଣି। ଶିଶୁ ଭବନରେ ଡାଏଲିସିସ ଫ୍ରିରେ ହେଉଥିବା ବେଳେ ଯିବା ଆସିବା ପାଇଁ ଥରକୁ ୨ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ଶରତ କହିଛନ୍ତି। ଶରତ ଜଣେ ଟ୍ରକ୍ ଡ୍ରାଇଭର ହୋଇଥିବା ବେଳେ ପୁଅକୁ ଛାଡି ଗାଡ଼ି ଚଲାଇବାକୁ ଯାଇପାରୁନାହାନ୍ତି। ଏଭଳି ସ୍ଥଳେ ପାଖରେ ଆଉ ଟଙ୍କା ପଇସା ନ ଥିବାରୁ ପୁଅର ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ଶରତ ଆକୁଳ ନିବେଦନ କରିଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ଗରିବ ଅସହାୟ କିଶୋରର ଚିକିତ୍ସା ପାଇଁ ବେସରକାରୀ ଓ ସରକାରୀସ୍ତରରେ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି। ଶୁକ୍ରବାର ଅସହାୟ ଦମ୍ପତି କେନ୍ଦୁଝର ଏମ୍‌ପି ଅନନ୍ତ ନାଏକଙ୍କୁ ଭେଟିବାକୁ ଯାଇଥିବା ବେଳେ ଅନନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପିଏସଓଙ୍କୁ ସାକ୍ଷାତ କରି ଦରଖାସ୍ତ ଦେଇଥିବା କହିଛନ୍ତି।




କେରଳର ଥିରୁଭାନନ୍ତପୁରମ୍‌ରେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେଶନ (ଏଆଇଏସ୍ଏଫ୍)ର କର୍ମୀମାନେ ଶନିବାର ଏନ୍ଇଇଟି ପରୀକ୍ଷା ଫଳ ବିଭ୍ରାଟ ବିରୋଧରେ ବିକ୍ଷୋଭ କରିବାବେଳେ ସ୍ଲୋଗାନ ଦେଉଛନ୍ତି।




ଏନ୍ଇଇଟି ପରୀକ୍ଷା ଫଳରେ ଅନିୟମିତତା ପ୍ରତିବାଦରେ ଉତ୍ତରପ୍ରଦେଶର ବାରାଣସୀରେ ଶନିବାର କଂଗ୍ରେସ କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରା କରିବାବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

# ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ଖୁବ୍‌ଶୀଘ୍ର: ଆଇନମନ୍ତ୍ରୀ ହରିଚନ୍ଦନ

**ପୁରୀ, ୨୨।୬(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ଖୁବ୍‌ଶୀଘ୍ର ନେବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରତ୍ନ ଭଣ୍ଡାର ଖୋଲିବା ଏବଂ ଏହାର ଗଣତିମଣତି କାର୍ଯ୍ୟ ଦିନେ କିମ୍ବା ୨ଦିନର ନୁହେଁ। ପୂର୍ବ ଥର ୭୦ ଦିନ ଲାଗିଥିଲା। ଏଥର ମଧ୍ୟ ଅଧିକ ଦିନ ଲାଗିବ । ରତ୍ନଭଣ୍ଡାର ଖୋଲିବା ନେଇ ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା ହୋଇଛି। ଖୁବ୍ ଶୀଘ୍ର ରତ୍ନଭଣ୍ଡାର ଖୋଲିବାର ଦିନ ସମ୍ପର୍କରେ ଜଣାଇଦିଆଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସନ୍ଧ୍ୟାରେ ପୁରୀରେ ଶ୍ରୀଜିଉଙ୍କ ହାତୀବେଶ ଦର୍ଶନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ଅବସରରେ ରତ୍ନଭଣ୍ଡାର ଖୋଲାଯିବା ସମ୍ପର୍କରେ ସେ ଏହି ମନ୍ତବ୍ୟ ଦେଇଛନ୍ତି।

ପ୍ରକାଶ ଯେ, ରାଜ୍ୟରେ ଶାସନଭାରକୁ ଆସିଲେ ରତ୍ନଭଣ୍ଡାର ଖୋଲାଯିବ ବୋଲି ଭାଜପା ତା'ର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ଏବେ ରାଜ୍ୟରେ ଭାଜପା ସରକାର ଗଢ଼ିଛି। ତେଣୁ ରତ୍ନଭଣ୍ଡାର ଖୋଲିବାକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଛି। ଗତ ୧୯ତାରିଖରେ ଶ୍ରୀମନ୍ଦିର ପରିଚାଳନା ବୈଠକ ବସିଥିଲା। ବୈଠକ ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ଜୁଲାଇ ୮ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଗଣମାଧ୍ୟମ ଆଗରେ କହିଥିଲେ। ହେଲେ ଏହାର କିଛି ସମୟ ପରେ ଆଇନ୍ ମନ୍ତ୍ରୀ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ନାୟକଙ୍କ ବିବୃତ୍ତିକୁ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ ରତ୍ନଭଣ୍ଡାର ଖୋଲାଯିବା ନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ। ଏନେଇ ଆଲୋଚନା ଚାଲିଛି।



ପୃଥ୍ୱୀରାଜ ହରିଚନ୍ଦନ

# ନିଗମ ଅଧ୍ୟକ୍ଷଙ୍କୁ ଅବ୍ୟାହତି

**ଭୁବନେଶ୍ୱର,୨୨।୬ (ଅନିଲ ଦାସ)**

ବିଜେଡି ସରକାର ସମୟରେ ରାଜ୍ୟର ବିଭିନ୍ନ ନିଗମରେ ନିଯୁକ୍ତି ପାଇଥିବା ଅଧ୍ୟକ୍ଷମାନଙ୍କୁ ଅବ୍ୟାହତି ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧ୍ୟକ୍ଷମାନଙ୍କ ଯୋଗୁ ନିଗମଗୁଡ଼ିକର ପରିଚାଳନାରେ କୌଣସି ଗୁଣାତ୍ମକ ଉନ୍ନତି ପରିଲକ୍ଷିତ ହେଉ ନ ଥିବା ଦର୍ଶାଇ ସେମାନଙ୍କୁ ଦାୟିତ୍ୱରୁ ମୁକ୍ତ କରିବାକୁ କୁହାଯାଇଛି । ଏ ନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ରାଜ୍ୟରେ ସାଧାରଣ ନିର୍ବାଚନ ଫଳାଫଳ ଜୁନ୍ ୪ ତାରିଖରେ ପ୍ରକାଶ ପାଇବା ପରେ ବିଭିନ୍ନ ସରକାରୀ ଉଦ୍ୟୋଗ, ବୋର୍ଡ ଓ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଥିବା ବିଜେଡି ନେତାମାନେ ନିଜ ନିଜ ପଦରୁ ଇସ୍ତଫା ଦେଇଥିଲେ। କେତେକ ନେତା ନିଜ ପଦ ଛାଡ଼ି ନ ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ବିଜେଡି ସରକାର ସମୟରେ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ଦାୟିତ୍ୱମୁକ୍ତ କରାଯାଇଛି।

ବିଜେଡି ସରକାର ଅମଳରେ ବିଭିନ୍ନ ସରକାରୀ ଉଦ୍ୟୋଗ (ନିଗମ)ରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିଜେଡି ନେତାଙ୍କୁ ନିଯୁକ୍ତି ଦିଆଯାଇଥିଲା। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଶୁକ୍ରବାର ବିଭିନ୍ନ ବିଭାଗ ଓ ଯୋଜନାର ସମସ୍ତ ଉପଦେଷ୍ଟାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଥିଲା।

# ପଞ୍ଚାୟତରେ ଗୋଷ୍ଠୀ କନ୍ଦଳ, ପ୍ରଭାବିତ ହେଉଛି ଗାଁର ବିକାଶ

**ରସୁଲପୁର,୨୨।୬(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକର ୨୮ ପଞ୍ଚାୟତ ଯାଜପୁର ଜିଲାର ୩ ପ୍ରମୁଖ ନିର୍ବାଚନମଣ୍ଡଳୀ ବରୀ, କୋରେଇ ଓ ଧର୍ମଶାଳାରେ ବାଣ୍ଟି ହୋଇରହିଛି। ଏବେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ୨୦୨୪ ନିର୍ବାଚନ ପରେ ବିଧାୟକ ଓ ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଅଧିକାଂଶ ପଞ୍ଚାୟତରେ ନବନିର୍ବାଚିତ ବିଧାୟକ ଓ ପଞ୍ଚାୟତ ପ୍ରତିନିଧିଙ୍କ ସମର୍ଥକଙ୍କୁ ନେଇ ଦୁଇ ଗୋଷ୍ଠୀରେ ବିଭାଜିତ ହୋଇଯାଇଥିବା ଦେଖିବାକୁ ମିଳୁଛି। ଗୋଷ୍ଠୀ କନ୍ଦଳ ଯୋଗୁ ଗାଁର ବିକାଶଧାରା ପ୍ରଭାବିତ ହେବା ଆରମ୍ଭ କଲାଣି।

୨୦୧୯ ସାଧାରଣ ନିର୍ବାଚନ ଫଳ ବିଜେଡି ସପକ୍ଷରେ ଯାଇଥିଲା। ବ୍ଲକରେ ୩ଜଣ ବିଧାୟକ ବିଜେଡିରୁ ନିର୍ବାଚିତ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଭିନ୍ନ ରହିଛି। ଧର୍ମଶାଳାରେ ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇରେ ଭାଜପା ବିଧାୟକ ଆକାଶ ଦାସନାୟକ ନିର୍ବାଚିତ ହୋଇଥିବା ବେଳେ ବରୀରେ ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ବିଧାୟକ ହୋଇଛନ୍ତି। ସ୍ୱାଧୀନ ବିଧାୟକ ହିମାଂଶୁ ଭାଜପାରେ ସାମିଲ ହେବା ପରେ ବ୍ଲକରେ ଭାଜପା ବିଧାୟକ ସଂଖ୍ୟା ୨କୁ ବୃଦ୍ଧି ପାଇଥିବା ବେଳେ ଦଳ ତା'ର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଛି। ବରୀରେ ବିଶ୍ୱରଞ୍ଜନ ବିଜେଡିରୁ ଜିତିଥିବା ବେଳେ ପୂର୍ବତନ ବିଧାୟକ ସୁନନ୍ଦା ଦାସ ଓ ବିଶ୍ୱରଞ୍ଜନ ଗୋଷ୍ଠୀଙ୍କ ମଧ୍ୟରେ ଦୂରତା ସ୍ପଷ୍ଟ ବାରି ହୋଇପଡୁଛି। ୨୦୨୨ ପଞ୍ଚାୟତ ନିର୍ବାଚନରେ ଫଳାଫଳ ବିଜେଡି ସପକ୍ଷରେ ଯାଇଥିଲା। ଏବେ ବି ବ୍ଲକର ଅଧିକାଂଶ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ କାର୍ଯ୍ୟ କରୁଛନ୍ତି। ଏବର ସ୍ଥିତିରେ ନବନିର୍ବାଚିତ ବିଧାୟକ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ମଧ୍ୟରେ ଦୂରତା ବଢ଼ିବାରେ ଲାଗିଛି। ନିର୍ବାଚନ ପରଠାରୁ ବିଧାୟକ ସମର୍ଥିତ ଗୋଷ୍ଠୀ ପ୍ରଭାବ ବିସ୍ତାର କରୁଥିବା ସାଧାରଣରେ ପରିଲକ୍ଷିତ ହେଉଛି । ଫଳରେ ଅନେକ ସ୍ଥାନରେ ପଞ୍ଚାୟତ ପ୍ରତିନିଧି ଗୋଷ୍ଠୀମାନଙ୍କ ଦ୍ୱାରା କରାଯାଉଥିବା ଉନ୍ନୟନକାର୍ଯ୍ୟକୁ ବିରୋଧ କରାଯାଉଛି। କେତେ ଜଣ ନାମ ଗୋପନ ରଖି କହୁଛନ୍ତି, ବିଧାୟକଙ୍କ ସମର୍ଥକମାନେ ନିର୍ବାଚନ ପୂର୍ବରୁ ଜାରି ରହିଥିବା ଉନ୍ନୟନକାର୍ଯ୍ୟକୁ ବିରୋଧ କରିବା ସହ ଅନେକ ସ୍ଥାନରେ କାର୍ଯ୍ୟ ବନ୍ଦ ପାଇଁ ବିଭାଗୀୟ ଅଧିକାରୀ, ବ୍ଲକରେ କାର୍ଯ୍ୟରତ ଅଧିକାରୀମାନଙ୍କ ଉପରେ ଚାପ ପକାଉଛନ୍ତି। ଦେଖିବାକୁ ଗଲେ ବିଭିନ୍ନ ପଞ୍ଚାୟତରେ ଅନେକ କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଛି। ରାଜନୈତିକ ବିବାଦ ଯୋଗୁ ବିକାଶମୂଳକ କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ନିର୍ବାଚିତ ବିଧାୟକମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେବା ସ୍ୱାଭାବିକ।

**ସିଆଇଟିୟୁର ଦାବି**

# ବନ୍ଦ କାରଖାନା ଖୋଲାଯାଉ

**ଭୁବନେଶ୍ୱର,୨୨।୬ (ଅନିଲ ଦାସ)**

## ଜୁଲାଇ ୧୧ରେ ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଭାଜପା ସରକାର ଗଠନ ହୋଇଛି । ହେଲେ ସରକାର ଶ୍ରମିକମାନଙ୍କ ପ୍ରତି କୌଣସି ସକାରାତ୍ମକ ମନୋଭାବ ପୋଷଣ କରିନାହାନ୍ତି। ରାଜ୍ୟରେ ଅନେକ ଶହ ଛୋଟ ବଡ କାରଖାନା ବନ୍ଦହୋଇ ରହିଛି। ସରକାର ଆସିବା ପରେ ସେସବୁ କାରଖାନା ଖୋଲିବା ପାଇଁ କୌଣସି ନିଷ୍ପତ୍ତି ନେଇନାହାନ୍ତି। ସରକାର ଶ୍ରୀଜଗନ୍ନାଥ ମନ୍ଦିର ଦ୍ୱାର ଖୋଲିବା ନେଇ ଅଧିକ ତତ୍ପରତା ଦେଖାଇଛନ୍ତି । ଗତ ଦୁଇଦିନ ଧରି ଖାରବେଳ ନଗରସ୍ଥିତ ଶ୍ରମିକ ଭବନଠାରେ ସିଆଇଟିୟୁ ପକ୍ଷରୁ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏହି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସିଆଇଟିୟୁ ସର୍ବଭାରତୀୟ ସଭା ନେତ୍ରୀ କେ. ହେମଲତା କେନ୍ଦ୍ରରେ ମୋଦିଙ୍କ ନେତୃତ୍ୱରେ ଗଠିତ ନୂତନ ଏନ୍‌ଡିଏ ସରକାର ଶ୍ରମିକମାନଙ୍କ ବିରୋଧରେ ହୋଇଥିବା ନିଷ୍ପତ୍ତିଗୁଡ଼ିକ ଉପରେ ବିଶଦ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାର ଗ୍ରହଣ କରିଥିବା ନବ ଉଦାରବାଦୀ ଅର୍ଥନୀତି ଫଳରେ ଦେଶର ସମସ୍ତ ଲାଭଜନକ ସରକାରୀ ସଂସ୍ଥାକୁ ଘରୋଇ କର୍ପୋରେଟରମାନଙ୍କ ହାତକୁ ଟେକିଦେବାର ଚକ୍ରାନ୍ତ ହୋଇଛି। ଠିକ୍ ସମୟରେ ନିଯୁକ୍ତିଦାତା ଶ୍ରମିକଙ୍କ ଇପିଏଫ୍ ପାଉଣା ଜମା ନ କଲେ ଯେଉଁ ହାରରେ ଜରିମାନା ଦେବାକୁ ଆଇନରେ ବ୍ୟବସ୍ଥା ଥିଲା, ତାହାକୁ ମୋଦିଙ୍କ ୩ୟ ପାଳି ସରକାର ଏକ ପଞ୍ଚମାଂଶ ହ୍ରାସ କରି ମାଲିକଙ୍କୁ ରକ୍ଷାକବଚ ଯୋଗାଇ ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସରକାର ଶପଥ ନେବାର କିଛିଦିନ ନ ଯାଉଣୁ ବାଲେଶ୍ୱରରେ ସାମ୍ପ୍ରଦାୟିକ ତିକ୍ତତା ସୃଷ୍ଟି ହୋଇଛି। ସିଆଇଟିୟୁ ରାଜ୍ୟ କମିଟି ଏଥିରେ ଘୋର ଉଦ୍‌ବେଗ ପ୍ରକାଶ କରିଛି। ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବାକୁ ନିବେଦନ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବନ୍ଦ ଥିବା କାରଖାନା ଚଳାଇବା, ଘରୋଇକରଣ ବନ୍ଦ କରିବା, ଶ୍ରମିକଙ୍କ ମଜୁରି ୨୬ ହଜାର କରିବା, ସ୍ଥାୟୀ କାର୍ଯ୍ୟରେ ଠିକା ନିଯୁକ୍ତି ବନ୍ଦ କରିବା, ସମାନ କାମକୁ ସମାନ ମଜୁରି, ଶ୍ରମ ବୋର୍ଡ ବାତିଲ କରିବା, ସ୍ୱାସ୍ଥ୍ୟ ବୀମା ଉପରେ ଜିଏସ୍‌ଟି ଲାଗୁ ନ କରିବା, ଅବସର କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ଦେବା ଆଦି ୧୫ ଦଫା ଦାବି କରାଯାଇଛି। ଏହି ଦାବିପତ୍ର ଆସନ୍ତା ଜୁଲାଇ ୧୧ରେ ସମସ୍ତ ଜିଲାର ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଓ ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି ସୂଚନା ଦେଇଛନ୍ତି।

# ଯୁପିକୁ ହାଲୁକା ଭାବେ ନେବା ମହଙ୍ଗା ପଡ଼ିଲା

**ନୂଆଦିଲ୍ଲୀ,୨୨।୬(ପି.ଟି.)**

## ଏକ୍‌ଜିଟ୍ ପୋଲ୍ ତ୍ରୁଟିକୁ ମାନିଲେ ଆକ୍ସିସ୍ ମାଇଁ ଇଣ୍ଡିଆ ମୁଖ୍ୟ



ପ୍ରଦୀପ ଗୁପ୍ତା

ଲୋକ ସଭା ନିର୍ବାଚନ ଫଳାଫଳକୁ ନେଇ ଏକ୍‌ଜିଟ୍ ପୋଲ୍‌ର ପୂର୍ବାନୁମାନ ଭୁଲ୍ ହେବା ଘଟଣାରେ ଆକ୍ସିସ୍ ମାଇଁ ଇଣ୍ଡିଆକୁ ଦୋଷ ଦିଆଯାଉଥିବାବେଳେ ଏହାର ମୁଖ୍ୟ ଶେଷରେ ଭୁଲ୍ ସ୍ୱୀକାର କରିଛନ୍ତି। ଉତ୍ତରପ୍ରଦେଶର ଶେଷ ତିନି ପର୍ଯ୍ୟାୟ ନିର୍ବାଚନକୁ ହାଲୁକା ଭାବେ ନେବା ସେମାନଙ୍କ ପାଇଁ ଫଳାଫଳ ଆକଳନରେ ମହଙ୍ଗା ପଡ଼ିଲା ବୋଲି ଆକ୍ସିସ୍ ମାଇଁ ଇଣ୍ଡିଆ ମୁଖ୍ୟ ପ୍ରଦୀପ ଗୁପ୍ତା କହିଛନ୍ତି। କାରଣ ଏହି ସମୟରେ ଉକ୍ତ ସଂସ୍ଥା ଏହାର ମାନବ ସମ୍ବଳକୁ ଗୁରୁତ୍ୱପୂର୍ଣ୍ଣ ହିନ୍ଦୀଭାଷୀ ରାଜ୍ୟରୁ ଓଡ଼ିଶାକୁ ନେଇଯାଇଥିଲା। ଉତ୍ତରପ୍ରଦେଶର ପ୍ରଥମ ୪ ପର୍ଯ୍ୟାୟର ମତଦାନକୁ ଆଧାର କରି ଉକ୍ତ ରାଜ୍ୟର ଫଳାଫଳ ଆକଳନ କରିବା ଭୁଲ୍‌ସାବ୍ୟସ୍ତ ହେଲା ବୋଲି ଗୁପ୍ତା କହିଛନ୍ତି।

ସୂଚନାଯୋଗ୍ୟ, ଜୁନ୍ ୧ରେ ଲୋକ ସଭା ନିର୍ବାଚନ ଶେଷ ହେବା ପରେ ସନ୍ଧ୍ୟାରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ବୁଥ୍ ବାହୁଡ଼ା ଜନମତ ସର୍ଭେ ପ୍ରକାଶ ପାଇଥିଲା। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୩୬୧ରୁ ୪୦୦ ଆସନ ଜିତିବ ବୋଲି ଆକ୍ସିସ୍ ମାଇଁ ଇଣ୍ଡିଆ ପକ୍ଷରୁ ଆକଳନ କରାଯାଇଥିଲା। ଉତ୍ତରପ୍ରଦେଶର ୮୦ ଆସନ ମଧ୍ୟରେ ଏନ୍‌ଡିଏକୁ ୬୭ ମିଳିବ ବୋଲି ଏଥିରେ କୁହାଯାଇଥିଲା। କିନ୍ତୁ ଭାଜପା ୨୪୦ ଆସନରେ ସୀମିତ ରହିବା ସହ ଉତ୍ତରପ୍ରଦେଶରେ ମାତ୍ର ୩୩ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ ପଦ୍ଧତିରେ ଭୁଲ୍ ନ ଥିଲା ବରଂ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରୁ କର୍ମଚାରୀମାନଙ୍କୁ ଅନ୍ୟତ୍ର ନେଇଯିବା ଭୁଲ୍ ହେଲା। ଏଥିରୁ ଆମକୁ ଏକ ଶିକ୍ଷା ମିଳିଲା ବୋଲି ଗୁପ୍ତା ସ୍ୱୀକାର କହିଛନ୍ତି।

# ଲୋକଙ୍କ ଅଭିଯୋଗ ଶୁଣିଲେ ପଞ୍ଚାୟତିରାଜ ମନ୍ତ୍ରୀ

**ଛେଣ୍ଡିପଦା,୨୨।୬ (ଅଜିତ ଧଳ)**

## ୨୬ ଏକର ପୋଖରୀର ପୁନରୁଦ୍ଧାର, ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ଦାବି

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଶନିବାର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଦୁର୍ଗାପୁର ଓ ଛେଣ୍ଡିପଦାଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହି ଅବସରରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମନ୍ତ୍ରୀ ଓ ବିଧାୟକ ଦୁର୍ଗାପୁର ପଞ୍ଚାୟତ କାର୍ଯ୍ୟାଳୟ ଗସ୍ତ କରିଥିଲେ। ଦୁର୍ଗାପୁର ଗାଁରେ ଥିବା ୨୬ ଏକର ପୋଖରୀର ପୁନରୁଦ୍ଧାର, ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ସମେତ ରାସ୍ତାଘାଟ ଆଦି ସମସ୍ୟାର ସମାଧାନ କରିବା ପାଇଁ ଜନସାଧାରଣ ଦାବି କରିଥିଲେ। ଉକ୍ତ ସମସ୍ୟାର ସମାଧାନ ଉପରେ ପଦକ୍ଷେପ ନେବା ପାଇଁ ଛେଣ୍ଡିପଦା ବିଡିଓଙ୍କୁ ମନ୍ତ୍ରୀ ରବିନାରାୟଣ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ତ୍ରୀ ନିର୍ବାଚନମଣ୍ଡଳୀର ପୁଟଗାଡ଼ିଆ ଠାରେ ଶ୍ୱଶୁର ଘରେ କିଛି ସମୟ ରହିବା ପରେ ଛେଣ୍ଡିପଦା ସଦର ମହକୁମାରେ ଥିବା ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ତାଙ୍କୁ ଛେଣ୍ଡିପଦା ମନ୍ଦିର କମିଟି ଓ ଗ୍ରାମ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ସେଠୀ, ଦୁର୍ଗାପୁର ସରପଞ୍ଚ ଜ୍ୟୋସ୍ନାମୟୀ ପ୍ରଧାନ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ଛେଣ୍ଡିପଦା ଗ୍ରାମ୍ୟ କମିଟି ସଭାପତି ଚନ୍ଦ୍ରମଣି ପ୍ରଧାନ, ମନ୍ଦିର କମିଟି ସଭାପତି ଲମ୍ବୋଦର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ।



ଛେଣ୍ଡିପଦା ସଦର ମହକୁମାରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମେତ ବିଧାୟକ ଓ ଅନ୍ୟମାନେ।

**ଜିଏସଟି ପରିଷଦ ବୈଠକ**

# ରେଲୱେ ପ୍ଲାଟ୍‌ଫର୍ମ ଟିକେଟରେ ଲାଗିବନି ଜିଏସ୍‌ଟି

ଭୁବନେଶ୍ୱର,୨୨।୬(ଅନୁରାଧା ମହାରଣା)

୨୦୨୪ ଲୋକ ସଭା ନିର୍ବାଚନ ଏବଂ ନୂତନ ସରକାର ଗଠନ ପରେ ଜିଏସ୍‌ଟି ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ଜିଏସ୍‌ଟି କାଉନସିଲ ପରିଷଦ ବୈଠକ ବ୍ୟତୀତ ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀଙ୍କ ସହ ବଜେଟ ସମ୍ପର୍କିତ ଆଲୋଚନା କରାଯାଇଛି। ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ରେଟ୍ ରେଶନାଲିଏଶନର ଚେୟାରମ୍ୟାନ କରାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ପରିଷଦ ଟିକସ କର୍ତ୍ତୃପକ୍ଷଙ୍କ ଅପିଲ ଟ୍ରିବ୍ୟୁନାଲରେ ଆବେଦନ କରିବା ପାଇଁ ୨୦ ଲକ୍ଷ ଟଙ୍କା, ହାଇକୋର୍ଟ ପାଇଁ ୧ କୋଟି ଏବଂ ସୁପ୍ରିମକୋର୍ଟ ୨ କୋଟି ଟଙ୍କା ଧାର୍ଯ୍ୟ ପାଇଁ ସୁପାରିସ କରିଛନ୍ତି। ଜିଏସ୍‌ଟି ସହ ଜଡ଼ିତ ମକଦ୍ଦମା ହ୍ରାସ କରିବାକୁ ପଦକ୍ଷେପ ନିଆଯାଇଛି। ଅର୍ଥମନ୍ତ୍ରୀ ସୀତାରାମନ ଆହୁରି ମଧ୍ୟ କହିଛନ୍ତ, ଜିଏସ୍‌ଟି ଅଧିନିୟମର ଧାରା ୭୩ ଅନୁଯାୟୀ ଜାରି କରାଯାଇଥିବା ଡିମାଣ୍ଡ ନୋଟିସ ଉପରେ ଶନିବାର ଆୟୋଜିତ ୫୩ତମ ଜିଏସ୍‌ଟି ପରିଷଦ ବୈଠକରେ ସୁଧ ଏବଂ ଜରିମାନା ଛାଡ଼ କରିବାକୁ ସୁପାରିସ କରାଯାଇଛି। ଆର୍ଥିକ ବର୍ଷଗୁଡ଼ିକ ୨୦୧୭-୧୮, ୨୦୧୮-୧୯ ଏବଂ ୨୦୧୯-୨୦, ପରିଷଦ ସେହି ଡିମାଣ୍ଡ ନୋଟିସଗୁଡ଼ିକ ଉପରେ ସୁଧ ଛାଡ଼ିବାକୁ ସୁପାରିସ କରିଛନ୍ତି। ଏହାସହ କ୍ଷୁଦ୍ର ଟିକସଦାତାଙ୍କ ପାଇଁ ଜିଏସ୍‌ଟିଆର୍ ୪ ଦାଖଲ କରିବାର ସମୟସୀମା ଜୁନ୍ ୩୦କୁ ବୃଦ୍ଧି କରାଯାଇଛି। ଜିଏସ୍‌ଟିଆର୍ ୧ରେ ପରିବର୍ତ୍ତନ ଆଣିବାର ସୁବିଧା ପ୍ରଦାନ କରାଯାଇଛି। ଜିଏସ୍‌ଟିଆର୍୧ ଏ ନାମରେ ଏକ ନୂତନ ଫର୍ମ ଉପସ୍ଥାପିତ ହେବ। ପରିଷଦ ଦ୍ୱାରା ସ୍ପ୍ରିଙ୍କଲର, ଷ୍ଟିଲ୍ ଓ ଆଲୁମିନିୟମ ଏବଂ ସୌର କୁକର ଉପରେ ୧୨% ଜିଏସ୍‌ଟି ସୁପାରିସ କରାଯାଇଛି। ଅନ୍ୟପଟେ ଭାରତୀୟ ରେଳପଥର ଅନେକ ସେବା ଜିଏସ୍‌ଟି ବହିର୍ଭୂତ କରାଯାଇଛି। ଏହି କ୍ରମରେ ଏଣିକି ପ୍ଲାଟ୍‌ଫର୍ମ ଟିକେଟ ଉପରେ ଜିଏସ୍‌ଟି ଲାଗୁହେବ ନାହିଁ। ଶିକ୍ଷାନୁଷ୍ଠାନ ବାହାରେ ହଷ୍ଟେଲ ଆକାରରେ ଦିଆଯାଉଥିବା ସେବା ପାଇଁ ଜିଏସ୍‌ଟି ପରିଷଦ ମାସକୁ ୨୦,୦୦୦ ଟଙ୍କା ରିହାତି ପ୍ରଦାନ କରିଛି। ସେହିପରି ଯଦି ଜଣେ ବ୍ୟକ୍ତି ୩ ମାସରୁ ଅଧିକ ସମୟ ହଷ୍ଟେଲ ସେବାରେ ରହନ୍ତି, ତେବେ ତାଙ୍କ ଉପରେ ଜିଏସ୍‌ଟି ଲାଗୁହେବ ନାହିଁ। ମୋଟ ସକ୍ରିୟ ଜିଏସ୍‌ଟି ଟିକସଦାତାଙ୍କ ମଧ୍ୟରୁ ସିଜିଏସ୍‌ଟି ଦ୍ୱାରା କେବଳ ୧.୯୬%କୁ ଜିଏସ୍‌ଟି ପରିଷଦ ପକ୍ଷରୁ ନୋଟିସ ପଠାଯାଇଛି। ସମୁଦାୟ ଜିଏସ୍‌ଟି ପ୍ରଦାନକାରୀଙ୍କ ମଧ୍ୟରୁ ପ୍ରାୟ ୫୮ ଲକ୍ଷ ସକ୍ରିୟ ଜିଏସ୍‌ଟି ପ୍ରଦାନକାରୀ ଅଛନ୍ତି। ଜିଏସ୍‌ଟି ପରିଷଦର ଏହି ବୈଠକରେ ଅନ୍‌ଲାଇନ ଗେମ୍ ବିଷୟରେ ଆଲୋଚନା କରାଯାଇ ନାହିଁ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ସମଗ୍ର ଦେଶରେ ବାୟୋମେଟ୍ରିକ ଆଧାର ଆଧାରିତ ପଞ୍ଜୀକରଣ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ପାଇଲଟ ପ୍ରକଳ୍ପର ସଫଳତା ପରେ ଏହା କାର୍ଯ୍ୟକାରୀ ହେବ। ତେବେ ଏହା ସମଗ୍ର ଦେଶରେ ପର୍ଯ୍ୟାୟକ୍ରମେ କରାଯିବ। ଏହା ବ୍ୟତୀତ ଅର୍ଥମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ପରିଷଦ ସମସ୍ତ ଦୁଗ୍ଧ କାର୍ଟୁନରେ ୧୨ ପ୍ରତିଶତ ହାରରେ ସୁପାରିସ କରିଛି। ଏଥିସହ କାର୍ଟୁନ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ହିମାଚଳ ପ୍ରଦେଶ ଏବଂ ଜମ୍ମୁ କଶ୍ମୀରର ସେଓ ଚାଷୀ ଉପକୃତ ହେବେ।



ନିର୍ମଳା ସୀତାରାମନ

## ୱାନ୍‌ପ୍ଲସର ନୂତନ ଉତ୍ପାଦ

ଭୁବନେଶ୍ୱର,୨୨।୬

ସ୍ମାର୍ଟଫୋନ ବ୍ରାଣ୍ଡ 'ୱାନ୍‌ପ୍ଲସ୍'ର ନୂତନ ଉତ୍ପାଦ ନର୍ଡ ସିଇ୪ ଲାଇଟ ୫ଜି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନର୍ଡ ସିଇ୪ ଲାଇଟ ୫ଜିରେ ୫୦ ମେଗାପିକ୍ସେଲର ସୋନି ଲିଟିଆ କ୍ୟାମେରା ସହ ଓଆଇଏସ୍ ଭଳି ଟେକ୍ନୋଲୋଜି ସଂଯୋଗ ରହିଛି, ଯାହା ବ୍ୟବହାରକାରୀଙ୍କ ହାତରେ ଏକ ସର୍ବାଙ୍ଗୀନ ଫଟୋଗ୍ରାଫି ଅନୁଭୂତି ପ୍ରଦାନ କରିବ। ଏହା ବ୍ୟତୀତ ସର୍ବକାଳୀନ ମନୋରଞ୍ଜନ ପାଇଁ ଡିଜାଇନ କରାଯାଇଥିବା ଏହି ଫୋନ୍‌ରେ ୱାନ୍‌ପ୍ଲସ୍‌ର ଏକ ବିଶାଳ ୫୫୦୦ଏମ୍ଏଏଚ୍ ବ୍ୟାଟେରି ସହ ହ୍ୟାଣ୍ଡି ରିଭର୍ସ ଚାର୍ଜ (ତାରଯୁକ୍ତ) ସାମିଲ ରହିଛି। ସେହିପରି ଫ୍ଲାଗସିପ୍ ସ୍ତରର ଏବଂ ସଫ୍ଟୱେୟାର ଦ୍ୱାରା ଅନୁପ୍ରାଣିତ ନର୍ଡ ସିଇ୪ ଲାଇଟ ୫ଜି ଉଲ୍ଲେଖ୍ୟ ବ୍ୟାଟେରି ଲାଇଫ୍, ଭାଇବ୍ରାଣ୍ଟ ଡିସ୍ପ୍ଲେ ଉଜ୍ଜ୍ୱଳତା ଏବଂ ଉନ୍ନତ କ୍ୟାମେରା ଗୁଣବତ୍ତା ପ୍ରଦାନ କରିଥାଏ। ସୂଚନାଯୋଗ୍ୟ, ୨୦୨୪ ଜୁନ୍ ୨୪ ସନ୍ଧ୍ୟା ୭ଟାରେ ନର୍ଡ ସିଇ୪ ଲାଇଟ ୫ଜିର ସର୍ବଭାରତୀୟ ଉନ୍ମୋଚନ କାର୍ଯ୍ୟକ୍ରମ ରହିଛି।

## ଟାଟା ପାୱାରର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୨।୬ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତର ବୃହତ୍ତମ ସମନ୍ୱିତ ଶକ୍ତି କମ୍ପାନି ଟାଟା ପାୱାରକୁ ନିକଟରେ ଆଉ ଏକ ମାନ୍ୟତା ବା ସ୍ୱୀକୃତି ମିଳିଛି। ଏପରିକି ବିଦ୍ୟୁତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହ କମ୍ପାନୀ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କମ୍ପାନୀ ଡିଷ୍ଟ୍ରିବ୍ୟୁଟେଡ୍ ଏନର୍ଜି ରିସୋର୍ସେସ୍ (ଡିଇଆର) ଏବଂ ସୁଦୃଢ଼ ଏବଂ ପିୟର-ଟୁ-ପିୟର (ପି୨ପି) ବିଦ୍ୟୁତ କାରବାରରେ ଅଗ୍ରଣୀ ଶକ୍ତି ଭାବେ ବିଶ୍ୱ ବ୍ୟାଙ୍କ ଶକ୍ତି ରିପୋର୍ଟରେ ସ୍ୱୀକୃତି ପାଇ ଗର୍ବିତ ଅନୁଭବ କରୁଛି। ସେହିଭଳି ଅଭିନବ ଫାଇନାନ୍ସ ଏବଂ ରୁଫ୍ ଟପ୍ ସୋଲାର ରକ୍ଷଣାବେକ୍ଷଣ ସହିତ କମ୍ପାନୀ ଏକ ଦୁଇ ଅଂଶ ବିଶିଷ୍ଟ ଶୁଳ୍କ ମଡେଲ ମାଧ୍ୟମରେ ରାଜ୍ୟ ବିପଦ ପରିଚାଳନା କରୁଛି। ଅପରପକ୍ଷରେ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (ବିଇଏସଏସ) ସ୍ଥାପନ ଠାରୁ ଆରମ୍ଭ କରି ଲାଇଭ ପିୟର-ଟୁ-ପିୟର (ପି୨ପି) ସୌର ଶକ୍ତି କାରବାର ଏବଂ ଅର୍ବାନ ମାଇକ୍ରୋ ଗ୍ରିଡ୍ ସ୍ଥାପନ କରିବା ପର୍ଯ୍ୟନ୍ତ ଟାଟା ପାୱାର ତା'ର ଉପଭୋକ୍ତାମାନଙ୍କୁ ଉନ୍ନତ ପିକ ଲୋଡ ପ୍ରତିକାର, ସିଷ୍ଟମ ନମନୀୟତା ଏବଂ ଭରସାଯୋଗ୍ୟ ଶକ୍ତି ସୁନିଶ୍ଚିତ କରିବା ପାଇଁ ବୈଶିଷ୍ଟିକ ସଫଳତା ଆଣିଛି। ଉଲ୍ଲେଖଯୋଗ୍ୟ, ବିଶ୍ୱ ବ୍ୟାଙ୍କର ଶକ୍ତି ରିପୋର୍ଟ, 'ଦି କ୍ରିଟିକାଲ ଲିଙ୍କ: 'ଏମ୍ପାୱାରିଂ ୟୁଟିଲିଟିଜ ଫର ଦି ଏନର୍ଜି ଟ୍ରାନଜିସନ'ରେ କମ୍ପାନୀର ସଫଳତାକୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏପରିକି ରିପୋର୍ଟରେ କମ୍ପାନୀର ବିତରଣ ଶାଖା ଦ୍ୱାରା କରାଯାଇଥିବା କାର୍ଯ୍ୟ ଏବଂ ଭାରତର ଶକ୍ତି ବଣ୍ଟନ ଉପରେ କମ୍ପାନୀର ପରିବର୍ତ୍ତନକାରୀ ପ୍ରଭାବ ଉପରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

## ୨୪ରୁ ବିଜ୍‌ନେସ୍ ଭାଲ୍ୟୁ ଡେଜ୍

ଭୁବନେଶ୍ୱର,୨୨।୬

ଦେଶର ଅଗ୍ରଣୀ ଇ-କମର୍ସ ପ୍ଲାଟ୍‌ଫର୍ମ 'ଆମାଜନ ବିଜ୍‌ନେସ୍'ର ଫ୍ଲାଗସିପ୍ ଇଭେଣ୍ଟ ବିଜ୍‌ନେସ୍ ଭାଲ୍ୟୁ ଡେଜ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୪ ଜୁନ୍ ୨୪ରୁ ୩୦ ପର୍ଯ୍ୟନ୍ତ ପ୍ଲାଟ୍‌ଫର୍ମର ସମସ୍ତ ବ୍ୟବସାୟିକ ଗ୍ରାହକଙ୍କ ପାଇଁ ଏହା ଆରମ୍ଭ ହୋଇଛି। ଏହା ଜରିଆରେ ଗ୍ରାହକ ସ୍ମାର୍ଟୱାଚ୍, ହୋମ୍ ଓ ରୋଷେଇ ଉପକରଣ, ଲାପ୍‌ଟପ୍, ଅଫିସ୍ ଆସବାବପତ୍ର, ସିକ୍ୟୁରିଟି କ୍ୟାମେରା, ସ୍ମାର୍ଟ ଟିଭି ଭଳି ଉତ୍ପାଦ ଉପରେ ଅତୁଳନୀୟ ଡିଲ୍ ଏବଂ ଅଫରର ଉପଭୋଗ ସହ ଅତିରିକ୍ତ ସୁବିଧା ବିଜ୍‌ନେସ୍ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ବିଜ୍‌ନେସ୍ ଗ୍ରାହକମାନେ ଲାପ୍‌ଟପ୍, ମନିଟର, ସ୍ମାର୍ଟୱାଚ୍, ଅଫିସ ଆସବାବପତ୍ର, କ୍ଷୁଦ୍ର ଓ ବଡ଼ ଉପକରଣ, ସିକ୍ୟୁରିଟି କ୍ୟାମେରା, ଡେକୋର ଏବଂ ଫର୍ନିସିଂ ପ୍ରଡକ୍ଟ, ସ୍ମାର୍ଟ ଟିଭି ଏବଂ ଅନ୍ୟାନ୍ୟ ଅଫିସ୍ ଇମ୍ପ୍ରୋଭମେଣ୍ଟ ପ୍ରଡକ୍ଟ ଭଳି ଲକ୍ଷ ଲକ୍ଷ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଡିଲ୍ ଏବଂ ଅଫର ବ୍ୟତୀତ ବିଜ୍‌ନେସ୍ ଗ୍ରାହକମାନେ ମାଗଣା ପ୍ରାଇମ୍ ସବ୍‌ସ୍କ୍ରିପସନ ପାଇଁ ସାଇନ୍ ଅପ୍ ସହ ମାଗଣା ଏବଂ ଦ୍ରୁତ ଶିପିଂ ଉପଭୋଗ କରିପାରିବେ।

# ବଜାରରେ ବିର୍ଲା ଓପସ୍ ପେଣ୍ଟସ୍

ଭୁବନେଶ୍ୱର,୨୨।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବିର୍ଲା ଓପସ୍‌ର ନୂତନ ଉତ୍ପାଦ 'ବିର୍ଲା ଓପସ୍ ପେଣ୍ଟସ୍'ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଏପରିକି ବିର୍ଲା ଓପସ୍ ସମସ୍ତ ବର୍ଗରେ ଏକ ବିବିଧ ପୋର୍ଟଫୋଲିଓ ଏବଂ ଇଣ୍ଟେରିୟର, ଏକ୍ସଟେରିୟର, ୱାଟରପ୍ରୁଫିଙ୍ଗ୍, ଏନାମେଲ ପେଣ୍ଟ, ଉଡ୍ ଫିନିଶ ଓ ୱାଲପେପର ଭଳି ବର୍ଗଗୁଡ଼ିକରେ ଉତ୍କୃଷ୍ଟମାନର ଉତ୍ପାଦଗୁଡିକର ଏକ ସମ୍ପୂର୍ଣ୍ଣ ରେଞ୍ଜ ପ୍ରଦାନ କରୁଛି। ବିର୍ଲାର ବିରାସତ ଓ ବିଶ୍ୱାସ ସହିତ ଓପସ୍‌ର ସୃଜନଶୀଳତାର ମିଶ୍ରଣ ସହ ବିର୍ଲା ଓପସ୍ ପେଣ୍ଟସ୍ ଶିଳ୍ପକୁ ପୁନଃ ପରିଭାଷିତ କରିବା ଓ ଉଦ୍ଭାବନକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ବିର୍ଲା ଓପସ୍‌ର ସିଇଓ ରକ୍ଷିତ୍ ହର୍‌ଗାଭେ କହିଛନ୍ତି, ବିର୍ଲା ଓପସ୍ ଆଦିତ୍ୟ ବିର୍ଲା ଗ୍ରୁପ୍ ଭବିଷ୍ୟତ ପାଇଁ ଏକ ରଣନୈତିକ ଲକ୍ଷ୍ୟକୁ ପ୍ରତିପାଦିତ କରୁଛି, ଯେଉଁଠାରେ ଏହା ପେଣ୍ଟସ ଶିଳ୍ପରେ ଏକ ନୂତନ ଯୁଗରେ ପ୍ରବେଶ କରିବା ପାଇଁ ପ୍ରୟାସ କରୁଛି। ସେହିଭଳି ବ୍ରାଣ୍ଡର ବ୍ୟାପକ ପହଞ୍ଚକୁ ଆଗକୁ ବଢ଼ାଇବା ପାଇଁ ସହରଗୁଡ଼ିକରେ ବିତରଣକୁ ଦ୍ରୁତବେଗରେ ପରିଚାଳନା କରାଯିବା ସହ ଆମର ନେଟ୍‌ୱର୍କ ସୁଦୃଢ଼ କରାଯାଉଛି।

# ମେରିଲ୍ ପକ୍ଷରୁ ମିଶୋର ଶୁଭାରମ୍ଭ

ଭୁବନେଶ୍ୱର,୨୨।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଏବଂ ହେଲ୍‌ଥ ପ୍ଲାଟ୍‌ଫର୍ମ 'ମେରିଲ୍'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ ଏମ୍‌ଆଇଏସ୍‌ଏସ୍‌ଓ (ମିଶୋ)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତର ଚିକିତ୍ସା ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ପାଇଁ ଏକ ତ୍ୱରାନ୍ୱିତ ଅଗ୍ରଗତିରେ ଏହାର ଶୁଭାରମ୍ଭ କରାଯାଇଛି, ଯାହାକି ଅସ୍ଥିଶଲ୍ୟ ଅସ୍ତ୍ରୋପଚାରର ଦୃଶ୍ୟପଟକୁ ରୂପାନ୍ତର କରିବା ପାଇଁ ଏକ ସ୍ୱଦେଶୀ ବିକଶିତ ଆଣ୍ଠୁ ପ୍ରତିରୋପଣ ରୋବଟ୍ ସେଟ୍ । ସେହିଭଳି ଏହି ଅତ୍ୟାଧୁନିକ ରୋବୋଟିକ୍ ଅସ୍ତ୍ରୋପଚାର ଏକ ଉଲ୍ଲେଖନୀୟ ଲକ୍ଷ୍ୟକୁ ଚିହ୍ନଟ କରିଥାଏ, ଉଲ୍ଲେଖନୀୟ ଫଳାଫଳ ସୁନିଶ୍ଚିତ କରିଥାଏ ଏବଂ ଡାକ୍ତରୀ ନବସୃଜନ କ୍ଷେତ୍ରରେ ଦେଶର ନିପୁଣତା ପ୍ରଦର୍ଶନ କରିଥାଏ। ଏ ସମ୍ପର୍କରେ ମେରିଲ୍‌ର ମାର୍କେଟିଂ ହେଡ୍ (ଇଣ୍ଡିଆ ଓ ଗ୍ଲୋବାଲ) ମନୀଷ ଦେଶମୁଖ କହିଛନ୍ତି, ଭାରତରେ ଆମେ ଏମ୍‌ଆଇଏସ୍‌ଏସ୍‌ଓର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭାରତରେ ରୋବୋଟିକ୍-ଆଣ୍ଠୁ ପ୍ରତିରୋପଣ ଶଲ୍ୟ ଚିକିତ୍ସାର ନୂଆ ସମ୍ଭାବନା ସୃଷ୍ଟି କରୁଛି।

---

**ଓଡ଼ିଶା ସରକାର**

ଇ-ମେଲ୍-miningofficerkendrapara@gmail.com

### ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

କ୍ରମିକ ସଂଖ୍ୟା ୧ — ତା.୨୧.୦୬.୨୦୨୪

**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**

**No.G-06:** ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନର ମିନେରାଲ୍ କନ୍‌ସେସନ ନିୟମ, ୨୦୧୬ ଅନୁଯାୟୀ (୨୦୨୩ ସଂଶୋଧନ ସହ), ୦୨ ସଂଖ୍ୟକ ଲଘୁଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଅଛି । ତଦନୁସାରେ କ୍ୱାରି ଲିଜ୍ ଅନୁଦାନ ପାଇଁ ଫର୍ମ-ଏମ୍ ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଅଛି । ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ, ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଅଛି । କ୍ୱାରିଗୁଡିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ https://www.mstcecommerce.com ୱେବସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ । ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ । ସଫଳ ପଞ୍ଜୀକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନଙ୍କୁ ଲଗ୍ ଇନ୍ ଆଇଡି ଏବଂ ପାସୱାର୍ଡ ପ୍ରଦାନ କରାଯିବ । ମଡେଲ୍ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ୍ ବ୍ଲକ୍‌ର ସାରାଂଶ ଉପରୋକ୍ତ ୱେବସାଇଟ୍‌ରେ ମାଗଣାରେ ଉପଲବ୍ଧ । ଇଚ୍ଛୁକ ବିଡରମାନେ ନିଜର ଲଗଇନ୍ ୟୁଜର ଆଇଡି ଏବଂ ପାସୱାର୍ଡ ବ୍ୟବହାର କରି ଫର୍ମ-ଏମ୍‌ରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବା ହେବେ । ଫର୍ମ-ଏମ୍ ରେ ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ ବିଡର ମାନୁଆଲକୁ ଅନୁସରଣ କରିବା ଉଚିତ । ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ https://www.mstcecommerce.comb ୱେବସାଇଟ୍‌ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ ।

**ସମୟ ସାରଣୀ: ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟ ସାରଣୀର ବିବରଣୀ ଉପଲବ୍ଧ ଅଛି । ଟେଣ୍ଡର ଆବେଦନର ଶେଷ ତାରିଖ:୦୯.୦୭.୨୦୨୪ ।**
**ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ:୧୦.୦୭.୨୦୨୪ । ନିଲାମ ତାରିଖ: ୨୬.୦୭.୨୦୨୪ ରୁ ୦୫.୦୮.୨୦୨୪ ।**

**ଉତ୍ସମାନଙ୍କର ବିବରଣୀ:**

| କ୍ର.ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ଉତ୍ସର ନାମ | ମିନେରାଲ/ ଖଣିଜ ପଦାର୍ଥ | ଲ୍ୟାଣ୍ଡ ସେଡ୍ୟୁଲ | | | | | ପରିମାଣ | ଘନମିଟର ପିଛା ନ୍ୟୁନତମ ଅତିରିକ୍ତ ମୂଲ୍ୟ (MAC per $M^3$) | ବାର୍ଷିକ ନ୍ୟୁନତମ ଗ୍ୟାରେଣ୍ଟେଡ ପରିମାଣ (MGQ per year) |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ (ଏକର) | | | |
| ୧ | କଟକ | କେନ୍ଦ୍ରାପଡ଼ା | ଗରଦପୁର | ଚିତ୍ରୋତ୍ପଳା ବାଲି ଉତ୍ସ ତଳକୁସୁମା | ବାଲି | ତଳକୁସୁମା | ୯୧୦ | ୨୫୨ (ପି) | ନଦୀ | ୫.୦୫୯ | ଗଚ୍ଛିତ ଅଛି | ୬୧.୦୦ ଟଙ୍କା | ୩୦୫୮୦ ଘନମିଟର |
| ୨ | କଟକ | କେନ୍ଦ୍ରାପଡ଼ା | ଗରଦପୁର | ଲୁଣା ନଦୀ ବାଲି ଉତ୍ସ ରାମଚନ୍ଦ୍ରପୁର | ବାଲି | ରାମଚନ୍ଦ୍ରପୁର | ୧୯୫ | ୫୨୬ (ପି) | ନଦୀ | ୫.୦୫୯ | ଗଚ୍ଛିତ ଅଛି | ୬୧.୦୦ ଟଙ୍କା | ୨୧୨୪୦ ଘନମିଟର |

OIPR-30050/11/0001/2425 — ସ୍ୱା./- ଖଣିଅଧିକାରୀ, କେନ୍ଦ୍ରାପଡ଼ା

---

### ODISHA PUBLIC SERVICE COMMISSION CUTTACK

**NOTICE**

**No. 3199/P.S.C., Dt.21.6.24**
**(DR-IV) (2PC-02-2024-25)**

**No.D-77:-** It is for information of all concerned that, the written examination for recruitment to the post of **Assistant Director in Odisha Planning Service Cadre**, pursuant to Advertisement No. 07 of 2022-23 will be held on **27.07.2024 (Saturday) & 28.07.2024 (Sunday)** at Cuttack Zone. The detail programme of examination along with venue of examination centres shall be notified later.

The candidates are advised to visit the website of the Commission (**www.opsc.gov.in**) regularly for further information in this regard.

OIPR-12002/11/0036/2425 — **Sd./- Secretary (I/c)**

---

### ODISHA PUBLIC SERVICE COMMISSION CUTTACK

**NOTICE**

**No. 3185/P.S.C., Dt.21.6.24**
**1E-12-2024/25 (DR-III)**

**No.D-76:-** It is for information of all concerned that, the **Written Examination** for recruitment to the post of **Assistant Conservator of Forests, (Group-A)(JB) and Forest Ranger, Group-B of Odisha Forest Service under Forest, Environment & Climate Change Department** pursuant to Advt. No. 08 of 2023-24 vide Notice No.2681/PSC dt.10.05.2024, scheduled to be held from 25.06.2024 to 04.07.2024 **is hereby postponed** due to unavoidable circumstances. The revised examination schedule shall be notified later.

The candidates are advised to visit the website of the Commission (**www.opsc.gov.in**) regularly for further updates.

OIPR-12002/11/0037/2425 — **Sd./- Secretary (I/C)**

---

### ODISHA SUB-ORDINATE STAFF SELECTION COMMISSION

**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**

ବ୍ଲକ ନଂ – 3 ଏବଂ 5, ୟୁନିଟ – 1, ଭୁବନେଶ୍ୱର – 751009
ଦୂରଭାଷ – 0674-2597149, 2597152 (ଅଫିସ୍), ୱେବସାଇଟ : www.osssc.gov.in

No. IE-09/2024-984/OSSSC — Dated : 21.06.2024

**REQUEST FOR PROPOSAL (RFP) FOR PROCUREMENT OF SOFTWARE**

No.T- :With reference to the RFP document published vide No.934/OSSSC dt.11.06.2024, the modified RFP document regarding procurement of software is hereby published. Interested parties are requested to login Commission's website www.osssc.gov.in and download the modified document from 22.06.2024 to 08.07.2024 and submit their bid by 03.00 PM of 08.07.2024 through registered post only. Bids received after 03.00 PM of 08.07.2024 shall not be taken in to consideration.

**Sd./- Secretary**

OIPR-09007/11/0015/2425

---

### OFFICE OF THE DISTRICT JUDGE, KALAHANDI, BHAWANIPATNA

**ADVERTISEMENT No. 01 of 2024**
**Dated, Bhawanipatna, the 18th day of June, 2024**

No.W-14:-Applications are invited in prescribed format from desirous candidates for Recruitment of the following posts for the judgeship of Kalahandi.

| Sl. No. | Category of posts and Scale of Pay | UR | UR (W) | ST | ST (W) | SC | SC (W) | SEBC | SEBC (W) | Total |
|---|---|---|---|---|---|---|---|---|---|---|
| 1 | **Jr. Clerk**<br>Rs. 19,900-63,200/- (Level-4 of the Pay Matrix of the ORSP Rules, 2017) | 03 | 0 | 03 | 01 | 01 | 0 | 01 | 0 | 09 |
| 2 | **Salaried Admin**<br>Rs.21,700-69,100/- (Level-5 of the Pay Matrix of the ORSP Rules, 2017) | 0 | 0 | 01 | 0 | 0 | 0 | 0 | 0 | 01 |

**Last date for submission of application form is 18.07.2024. For details of the advertisement, applicants are required to visit the district court website https://kalahandi.dcourts.gov.in/**

OIPR-18047/11/0001/2425 — **Sd./- District Judge-cum-Chairman, District Recruitment Committee, Kalahandi, Bhawanipatna**

---

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୩୧ — **ବିଜ୍ଞାପନ** — ତା:୧୯।୦୬।୨୦୨୪

No. CAD-306: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✓ବୁଦ୍ଧଦେବ୍ ଶତପଥୀ ଓରଫ୍ ବୁଦ୍ଧଦେବ୍ ପୂର୍ଣ୍ଣଚନ୍ଦ୍ର ଶତପଥୀ<br>ସା/ପୋ: ସୁନହାଟ<br>ଥାନା: ଟାଉନ<br>ଜିଲ୍ଲା: ବାଲେଶ୍ୱର | ଏଚ୍.ଆଇ.ଜି.- (ଡି)-୭୦<br>HIG(D)-70,<br>ମୈତ୍ରୀ ବିହାର, ପ୍ରଥମ ପର୍ଯ୍ୟାୟ, ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ସ୍ମୀତା ଶତପଥୀ ଓରଫ୍ ସ୍ମୀତା ବୁଦ୍ଧଦେବ୍ ଶତପଥୀ (ସ୍ତ୍ରୀ)<br>୨. ମୌସୁମୀ ଶତପଥୀ (ବି. କନ୍ୟା)<br>୩. ରୋଶ୍‌ନି ଶତପଥୀ (ବି. କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0157/2425

---

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER : ANGUL

**TENDER NOTICE NO. CS/Tender/50/Dated. 19 Jun. 2024**

No.E-62: Sealed Tenders in prescribed format are invited from the Registered Manufacturers / Authorized Distributors / Reputed Suppliers for supply of BCL, Lab. Chemicals & Drugs & Medical Consumables etc to the CDM & PHO Angul. The Bidders should submit two separate sealed packets i.e. one for "A" "Technical Bid" and another for "B" "Financial Bid" superscribing on the cover of the both packets separately and to be kept in a single cover which should be superscribed as "CS/Tender for drugs, BCL, Lab. Chemicals & Medical Consumables etc" Last Date of Receive : **22-JUL.2024:05 P.M.**

The sealed Tender will be received through Speed Post / Reg. Post / Couriers ONLY on or before dt. **22-JUL-2024** till 05.00 PM at the office of the CDM & PHO, Angul and the said tender will be opened on dt. **23-JUL-2024** at **10.30 AM** in presence or absence of Bidders or their Authorized Representatives at the office of CDM & PHO Angul. Tenders received incomplete or after the scheduled date & time shall be rejected. The undersigned reserves the right to reject any or all tenders without assigning any reason thereof. All legal disputes if any relating to the tender are subject to Jurisdiction in the Court of Law situated at Angul, Odisha only. For details Terms and Conditions log on to www.angul.nic.in

**Sd./- Chief District Medical & Public Health Officer, Angul**

OIPR-10142/11/0001/2425

---

GOVERNMENT OF ODISHA, "e"-PROCUREMENT NOTICE

### OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA

WORKS DEPARTMENT

**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle - 02/2024-25 Memo No. - 1289 Dt. 20.06.2024

No.B-38: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road work as detailed in the table below :

| | | | |
|---|---|---|---|
| 1 | Nature of Work | : | Road Works |
| 2 | No of Work | : | 3 Nos |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | Special & A Class |
| 5 | Available of Bid document in the Website | : | From 10.00 AM of Dt. 26.06.2024 up to 05.00 PM of dt. 11.07.2024 up to 5.00 PM |
| 6 | Date of opening of Bid | : | Dt. 12.07.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

**Sd./- Chief Construction Engineer, Khordha (R&B) Circle, Khordha**

OIPR-34127/11/0003/2425

---

### OFFICE OF THE MUNICIPAL COUNCIL, DHENKANAL DHENKANAL (ODISHA), PIN-759001

E-mail:- dhenkanalm.hud@gmail.com

No.2243 — Date:20.06.2024

**QUOTATION CALL NOTICE**

**No.C-73:**On behalf of Dhenkanal Municipal Council, the Sealed quotations are invited from the registered Firms/Authorised suppliers for different item are mentioned below in the quotation paper having valid Income Tax and GST Registration Certificates:

**"1. Sculptural Work (All type of Stone/Metal/FRP sculptural work) a. God & Goddess work b. Decorative Item**
**2. Supply fitting Fixing of Garden light/Park light/Footpath Light/ Bollard light etc both electrical & solar**
**3. Decorative items for Roadside Beautification/Creation of road side Vertical garden"**
**4. Small, Medium and Large size musical water fountain**
**5. Different types of Decorative seat benches**

The Rate should be quoted inclusive of all taxes, cost conveyance and fixing.
1- The Cost of each Quotation Paper:- Rs. 10,000.00 (Non Refundable)
2- Start Date of Sale of Quotation paper: - 24.06.2024
3- Last Date of Sale of Quotation paper:-05.07.2024
4- Last Date of Receipt of Quotation paper:- 05.07.2024 at 1.00 PM
5- Date of Opening of Sealed Quotation :- 05.07.2024 at 4.30 PM

The Quotation will be opened in the presence of the Quotationer or their authorized agents. The QCN must be accompanied with Bank Draft amount of Rs. 10000/- (Rupees Ten thousands) only drawn for paper cost only in favour of the Executive Officer, Dhenkanal Municipality payable at any nationalized Bank. The quotation with enclosures will be received only through Speed Post/ Regd. Post by the undersigned in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be available in the office of the Dhenkanal Municipality during the office hours (except holidays) till dt 05.07.2024 (up to 1.00PM). The authorized reserves the right to reject any or all the quotations without assigning any reason thereof. Further, details can be seen from the Dhenkanal Municipality website www.dhenkanalmunicipality.com.

**Sd./- Executive Officer, Dhenkanal Municipality**

OIPR-13146/11/0004/2425

---

GOVERNMENT OF ODISHA — No.A-64:

### e-Procurement Notice Online Tender

**Bid Identification No.SEMIDBNJ-01/2024-25**

| | | |
|---|---|---|
| Name of Work | : | Civil Construction Works |
| No. of Work | : | 05 Nos. |
| Estimated Cost | : | Rs.21.00 Lakh to 58.00 Lakh |
| Period of Completion | : | 09 (Nine) Calendar Months |
| Date & Time of availability of Bid documents in the Portal | : | From 01.07.2024 to 10.07.2024 upto 17.30 Hours |
| Date for Opening of Bid | : | 11.07.2024 at 11.00 A.M. |
| Lottery Date if Required | : | 16.07.2024 at 11.30 A.M. |
| Name & Address of the OIT | : | Superintending Engineer Minor Irrigation Division Bhanjanagar |

Further details & Corrigendum if any can be seen from the website: www.tendersodisha.gov.in.

**Sd./- Superintending Engineer**
**M.I. Division, Bhanjanagar**

**OIPR-32287/11/0001/2425**

---

### ODISHA STATE ROAD TRANSPORT CORPORATION, BHUBANESWAR

**No. 3293/OSRTC/IIM(TSP)-09/2018 — Dt.: 20.06.2024**

**TO WHOM IT MAY CONCERN**

No. CAD-305: It is hereby informed to all concerned of STS Employees who were working in OSRTC on deputaion from Govt. in Transport Department that the payment of arrear dues of retired employees under ORSP Rule-1998 (5th Pay Commission) is continuing since March - 2022 onwards after receipt of funds from the Govt.

So, the retired STS employees or his legalheirs those who have not yet been received the above arrear dues are directed to submit their relevant document with the OSRTC Depot from where he/she has been retired from service within a period of 15 days from date of issue of this notification for payment of the same.

**Sd./- General Manager (Admn)**
**OSRTC, Bhubaneswar**

OIPR-38002/11/0001/2425

---

GOVERNMENT OF ODISHA — No.A-65

### DEPARTMENT OF WATER RESOURCES OFFICE OF THE SUPERINTENDING ENGINEER

Rengali Left Bank Canal Division, At/P.O. Kamakhyanagar, Dist : Dhenkanal, Odisha, PIN - 759018, Ph. - 06769-270771 Email ID - eerlbcdivision@gmail.com

**e-PROCUREMENT NOTICE NO. RLBCD-P1-03/2024-25**

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | 02 (Two) Nos. |
| 3 | Estimated Cost | Varies from Rs. 16.02 Lakhs to Rs. 8.30 Lakhs |
| 4 | Period of Completion | 60 Days to 30 Days |
| 5 | Class of Contractor | "D" & "C" or equivalent grade / class |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) & Rs. 4,000/- (Non-Refundable) / Online through Electronic Payment Mode (Internet Banking / NEFT / RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from Rs. 16,020/- to Rs. 8,300/- / Online through Electronic payment Mode (Internet banking / NEFT/ RTGS of Designated Banks and their Aggregator Banks) |
| 8 | Other details : | |
| | (i) Procurement Officer | Superintending Engineer, Rengali Left bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 26.06.2024 from 10.00 Hours to 08.07.2024 up to 17.00 Hours. |
| | (iii) Date, time & venue of Bid Opening (Online) | On 09.07.2024 at 11.00 Hours in the O/o the Superintending Engineer, Rengali Left bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On 11.07.2024 at 11.00 Hours in the O/o the Superintending Engineer, Rengali Left bank Canal Division, Kamakhyanagar |

*Further details can be seen from the Government of Odisha website https://tendersodisha.gov.in

Sd./- Superintending Engineer
R.L.B. Canal Division, Khamakhyanagar

OIPR-32298/11/0004/2425





# ଟେନ୍‌ସନ୍ ଫ୍ରି

**କେବେ ଆର୍ଥିକ ପରିସ୍ଥିତି ତ କେବେ ପାରିବାରିକ ସମସ୍ୟା, ଆଉ ପୁଣି କେବେ ପାଠ ପଢ଼ା ପରେ କ୍ୟାରିୟରକୁ ନେଇ ଚିନ୍ତା। ଏଭଳି କିଛି କାରଣ ଯୁବାବସ୍ଥାରେ ଅନେକଙ୍କଠାରେ ବଢ଼ାଇଥାଏ ଟେନ୍‌ସନ୍, ଯାହାକି ଅପରପକ୍ଷେ ସାଜିଥାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ। ଏମିତିରେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରହିବା ଲାଗି ଟେନ୍‌ସନ୍ ଫ୍ରି ରହିବା ନିହାତି ଆବଶ୍ୟକ...**

ବିଭିନ୍ନ କାରଣରୁ ବେଳେବେଳେ ମନ ଭାରାକ୍ରାନ୍ତ ହୋଇପଡ଼େ। ଏହି ଟେନ୍‌ସନ୍‌କୁ ଯଥା ସମୟରେ ଦୂର କରା ନ ଗଲେ ଧୀରେ ଧୀରେ ତାହା ମାନସିକ ଅବସାଦ ବା ଡିପ୍ରେଶନ୍ ଭଳି ଜଟିଳ ସମସ୍ୟା ଉପୁଜାଇପାରେ। ତେଣୁ ଯଦି କୌଣସି କାରଣରୁ ଆପଣ ଟେନ୍‌ସନ୍‌ରେ ରହୁଛନ୍ତି, ତେବେ ଜାଣିରଖନ୍ତୁ ଏହାକୁ ଦୂର କରିବାର କେତୋଟି ସହଜ ଉପାୟ...

**କାରଣ ଖୋଜି କରନ୍ତୁ ସମାଧାନ:** କେଉଁ କାରଣ ଆପଣଙ୍କୁ ଟେନ୍‌ସନ୍ ଦେଉଛି ପ୍ରଥମେ ତା'କୁ ଭଲ ଭାବେ ବୁଝନ୍ତୁ। କେଉଁ କାର୍ଯ୍ୟରେ କିଭଳି ପରିବର୍ତ୍ତନ ଆଣିଲେ ପରିସ୍ଥିତିରେ ସୁଧାର ଆସିପାରିବ ଜାଣିବାକୁ ଚେଷ୍ଟା କରନ୍ତୁ। ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ, ଦେଖିବେ ଏହା ଆପଣଙ୍କୁ ଟେନ୍‌ସନ୍ ଫ୍ରି ରଖିବାରେ ବେଶ୍ ସାହାଯ୍ୟ କରିବ।

**ମନଖୋଲା ହସ:** ହସ ଏମିତି ଏକ ମହୌଷଧି ଯାହା ମଣିଷକୁ ଚିନ୍ତାମୁକ୍ତ ରଖିବାରେ ବେଶ୍ ସାହାଯ୍ୟ କରିଥାଏ। ତେଣୁ ଯେତେ କାର୍ଯ୍ୟବ୍ୟସ୍ତତା ଥାଉନା କାହିଁକି କିଛି ସମୟ ପରିବାର, ସାଙ୍ଗସାଥୀଙ୍କ ସହ କଥା ହୁଅନ୍ତୁ ଓ ମନଖୋଲା ହସନ୍ତୁ। ଏହି ସୁବିଧା ନ ମିଳିଲେ କିଛି କମେଡି ଭିଡିଓ ମଧ୍ୟ ଦେଖିପାରିବେ।


**ପ୍ରକୃତି ସହ ସମୟ:** ମଣିଷ ଯେବେ ଟେନ୍‌ସନ୍‌ରେ ଥାଏ, କୌଣସି କାର୍ଯ୍ୟରେ ମନ ଲାଗେନି। ଏଭଳି ପରିସ୍ଥିତିରେ ଚିଡ଼ିଚିଡ଼ା ଲାଗିବା କିମ୍ବା କେବେକେବେ ଡିପ୍ରେଶନ୍ ଭଳି ସମସ୍ୟା ବି ଉପୁଜିଥାଏ। ଏମିତିରେ ମନସ୍ତତ୍ତ୍ୱବିତ୍ ସ୍ଥାନ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥାନ୍ତି। ବିଶେଷକରି କୌଣସି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନ ଏଥିପାଇଁ ବେଷ୍ଟ ଅପ୍ସନ। କାରଣ ଗଛଲତା, ସୁନ୍ଦର ସୁନ୍ଦର ଫୁଲ, ଚଢ଼େଇଙ୍କ ରାବ, ଝରଣା କିମ୍ବା ନଦୀର କଳ କଳ ପାଣି ଆଦି ମାନସିକସ୍ତରରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ। ଏହା ମନକୁ ଶାନ୍ତ କରିବା ସହ ଚାପମୁକ୍ତ ରଖିବାରେ ସାହାଯ୍ୟ କରିଥାଏ।


**ନିଅନ୍ତୁ ପର୍ଯ୍ୟାପ୍ତ ନିଦ୍ରା:** ବର୍ତ୍ତମାନ ପାଠପଢ଼ା, ଜବ୍, ପ୍ରେମରେ ପ୍ରତାରଣା ଭଳି ବିଭିନ୍ନ କାରଣରୁ ଅନେକ ଯୁବପିଢ଼ି ମାନସିକ ଚାପ ଅବା ଅବସାଦର ଶିକାର ହେଉଛନ୍ତି। ଆଉ ଏହାର ପ୍ରଭାବରେ ସେମାନଙ୍କଠାରେ ନିଦ୍ରାହୀନତା ସମସ୍ୟା ଦେଖାଦେଉଛି। ହେଲେ ମଣିଷ ସୁସ୍ଥ ରହିବା ଲାଗି ଠିକ୍ ଭାବେ ଖାଦ୍ୟପେୟ ଗ୍ରହଣ କରିବା ସହ ଆବଶ୍ୟକ ମାତ୍ରାରେ ଶୋଇବା ବି ଗୁରୁତ୍ୱପୂର୍ଣ୍ଣ। ତେଣୁ ଅବ୍ୟବସ୍ଥିତ ଜୀବନଶୈଳୀ ଯେପରି ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ମୋବାଇଲ୍ ବ୍ୟବହାର କରିବା, ବହି ପଢ଼ିବା ଆଦି ଅଭ୍ୟାସ ଥିଲେ ବଦଳାନ୍ତୁ। ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ। ଏହା ମନକୁ ଅବସାଦମୁକ୍ତ ରଖିବାରେ ସାହାଯ୍ୟ କରିବ।

**ଷ୍ଟ୍ରେସ୍ ଫ୍ରି କରିବ ମ୍ୟୁଜିକ୍ :** ସଙ୍ଗୀତରେ ଏଭଳି ଯାଦୁକରୀ ଶକ୍ତି ରହିଛି, ଯାହାକି ମଣିଷକୁ ମାନସିକ ଶାନ୍ତି ଦେବା ସହ ଶାରୀରିକ ସ୍ଫୂର୍ତ୍ତି ଯୋଗାଇଥାଏ। ତେଣୁ କେବଳ ସାଧାରଣ ଲୋକେ ନୁହନ୍ତି, ଚିକିତ୍ସା ବିଜ୍ଞାନରେ ମଧ୍ୟ ଡିପ୍ରେଶନ୍ ଦୂର କରିବା ଲାଗି ସଙ୍ଗୀତର ସାହାଯ୍ୟ ନିଆଯାଇଥାଏ, ଯାହାକୁ ମ୍ୟୁଜିକ୍ ଥେରାପି ବୋଲି କୁହାଯାଇଥାଏ। ତେଣୁ ଅନେକଙ୍କ ଲାଗି ମ୍ୟୁଜିକ୍ ଶୁଣିବା ମେଣ୍ଟାଲ୍ ରିଲାକ୍ସେଶନ୍ ଲାଗି ସବୁଠୁ ବେଷ୍ଟ ମାଧ୍ୟମ। ବିଶେଷକରି ଯୁବପିଢ଼ି କେବଳ ଏଣ୍ଟରଟେନ୍‌ମେଣ୍ଟ ପାଇଁ ନୁହେଁ, ବରଂ ଟେନ୍‌ସନ୍‌ରେ ଥିଲେ କିମ୍ବା କୌଣସି ମାନସିକ ଚାପରେ ଥିଲେ ମଧ୍ୟ ଷ୍ଟ୍ରେସ୍ ଫ୍ରି ରହିବା ଲାଗି ମ୍ୟୁଜିକ୍ ଶୁଣିବା ବେଶ୍ ଲାଭଦାୟକ।

**ଯୋଗ ବ୍ୟାୟାମ ହେବ ଉପକାରୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀରେ ଟେନ୍‌ସନ୍ ଫ୍ରି ରହିବା ପାଇଁ ସବୁଠୁ ଉତ୍ତମ ଉପାୟ ହେଉଛି ଯୋଗ ଓ ପ୍ରାଣାୟମ। ପ୍ରତିଦିନ ଅତିକମ୍‌ରେ ଅଧଘଣ୍ଟା ଯୋଗ, ପ୍ରାଣାୟାମ କରିବା ଦ୍ୱାରା ମାନସିକ ଚାପ ହ୍ରାସ ହୋଇଥାଏ। ଏହା ଶରୀରକୁ ମଧ୍ୟ ଫିଟ୍ ରଖିବାରେ ବେଶ୍ ସାହାଯ୍ୟ କରିଥାଏ।







## ଯୁଥ୍ ଆଲର୍ଟ

# କ୍ଷତିକାରକ ହୋଇପାରେ ଆଇ ମେକ୍‌ଅପ୍

**ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଅଧିକାଂଶ ବିଭିନ୍ନ ପ୍ରକାରର ଆଇ ମେକ୍‌ଅପ୍ ନେଉଛନ୍ତି। ହେଲେ ଆପଣ ଜାଣନ୍ତି କି ଏହି ମେକ୍‌ଅପ୍ ସାମଗ୍ରୀ ଅପରପକ୍ଷେ ଆଖିକୁ ହାନି ମଧ୍ୟ ପହଞ୍ଚାଇଥାଏ...**

⏩ଦିନଥିଲା ଆଖିରେ ହେଉ କିମ୍ବା ପିଲାଙ୍କ ମୁଣ୍ଡରେ କଳାଟୋପା ଲଗାଇବା ଲାଗି ଲୋକମାନେ ନିଜ ଘରେ କାଜଲ ତିଆରି କରୁଥିଲେ। ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହେଉଥିବା ଉକ୍ତ କଳାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିଲା। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ କମ୍ପାନୀର କାଜଲ, ଆଇ ଲାଇନର୍, ମସ୍କରା, ଆଇ ସ୍ୟାଡୋ ଇତ୍ୟାଦି ଆଇ ମେକ୍‌ଅପ୍ ପ୍ରଡକ୍ଟରେ ଲେଡ୍ ବା ସୀସା, କାର୍ବନ, ବେଞ୍ଜାଲ୍‌କୋନିୟମ୍ କ୍ଲୋରାଇଡ୍ ଆଦି ଭଳି ବିଭିନ୍ନ ହାନିକାରକ କେମିକାଲ୍ ମିଶାଯାଉଛି, ଯାହାକି ବିଭିନ୍ନ ଚକ୍ଷୁ ସମସ୍ୟା ଉପୁଜାଇଥାଏ। ବିଶେଷକରି ଏଥିରେ ଥିବା ରାସାୟନିକ ଉପାଦାନ ଆଖିରେ ଆଲର୍ଜି ଏବଂ ଶୁଷ୍କ (ଡ୍ରାଏ ଆଇ) ହେବା ଭଳି ସମସ୍ୟା ସୃଷ୍ଟି କରିଥାଏ।


⏩ଆମେ ସାଧାରଣତଃ ଆଖିପତାର ଧାରରେ କାଜଲ ଲଗାଇଥାଉ। ହେଲେ ଏହାଦ୍ୱାରା ଲୁହ ସୃଷ୍ଟି କରିବା ସହ ଆଖିକୁ ସୁସ୍ଥ ରଖିବାରେ ସାହାଯ୍ୟ କରୁଥିବା ମିବୋମିଆନ ନାମକ ତୈଳଗ୍ରନ୍ଥି ଅବରୋଧ ହୋଇଯାଏ, ଯଦ୍ଦ୍ୱାରା ଆମ ଆଖି କୁଣ୍ଡେଇ ହୁଏ। ଆଖି କିମ୍ବା ଏହାର ଆଖପାଖ ଲାଲ୍‌ପଡ଼ିବା, ଆଲର୍ଜି ସହ ଆଖିଧରିବା ଭଳି ସମସ୍ୟା ସୃଷ୍ଟି କରିଥାଏ।


⏩ତଥାପି ଆଇ ମେକ୍‌ଅପ୍ ନେଉଥିଲେ ଶୋଇବା ପୂର୍ବରୁ ମେକ୍‌ଅପ୍ ରିମୁଭର ଦ୍ୱାରା ଆଖିରୁ ମେକ୍‌ଅପ୍ ପୋଛିବାକୁ ଆଦୌ ଭୁଲନ୍ତୁ ନାହିଁ। ଏଥିପାଇଁ ଆପଣ ଚାହିଁଲେ ନଡ଼ିଆ ତେଲ ମଧ୍ୟ ବ୍ୟବହାର କରିପାରିବେ।

⏩ନିଜ ଆଇ ମେକ୍‌ଅପ୍ ସାମଗ୍ରୀ ଅନ୍ୟ କାହା ସହ ଶେୟାର କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ଆଖି ଇନ୍‌ଫେକସନ୍ ହୋଇପାରେ। ଯଦି ଆପଣଙ୍କ କୌଣସି ଚକ୍ଷୁ ସମସ୍ୟା ଅଛି, ତେବେ କାଜଲ ବ୍ୟବହାର ନ କରିବା ଭଲ।

⏩ସାଧାରଣ କାଜଲ ନ ବ୍ୟବହାର କରି ଭଲ ବ୍ରାଣ୍ଡର କେମିକାଲ୍ ଫ୍ରି ହର୍ବାଲ୍ କାଜଲ ବ୍ୟବହାର କରନ୍ତୁ। କାଜଲ କିଣିବାବେଳେ ଇକୋମାର୍କ ଥିବା କାଜଲ କିଣନ୍ତୁ।

⏩ଅଏଲି କାଜଲ ଅପେକ୍ଷା ପାଣିରେ ସହଜରେ ଧୋଇ ହୋଇ ପାରୁଥିବାରୁ ଲିକ୍ୱିଡ୍ କାଜଲ ବ୍ୟବହାର କରିବା ଅପେକ୍ଷାକୃତ ଭଲ।





## ଏ ସପ୍ତାହର ପ୍ରଶ୍ନ

୧– ମଲ୍ଟିନ୍ୟାଶନାଲ ଏୟାର୍ ଏକ୍ସରସାଇଜ୍–ତରଙ୍ଗ ଶକ୍ତି ୨୦୨୪ ........ ରେ ଆୟୋଜିତ ହେବାକୁ ଯାଉଛି ?
୨– ବର୍ଷାନା ବାୟୋଗ୍ୟାସ୍ ପ୍ରୋଜେକ୍ଟ .......... ରାଜ୍ୟରେ ଅବସ୍ଥିତ ?
୩– ଆଣ୍ଟାର୍କଟିକାରେ ପାଦ ଥାପିଥିବା ପ୍ରଥମ ଭାରତୀୟ ............... ?
୪– ତାମିଲ ଉପନ୍ୟାସ ନାନ୍‌ଥାନ୍ ଔରାଙ୍ଗଜେବ୍ ........... ଲେଖିଛନ୍ତି ?
୫– ଲିଟୋରିଆ ଗ୍ରାସିଲି ଏକ ପ୍ରକାରର.......... ପ୍ରଜାତି ?

## ଗତ ଥରର ଉତ୍ତର

୧ ୱିଲିୟମ୍ ସେକ୍ସପିୟର
୨ ଠେକୁଆ
୩ ବାଂଲାଦେଶ
୪ ହାଇଦ୍ରାବାଦ
୫ ସାଉଥ୍ କୋରିଆ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ସୁନୀଲ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ହାଇସ୍ପିଡ୍ ଟ୍ରେନ୍ –୨୦୨୪



୧. ସାଙ୍ଘାଇ ମାଗ୍‌ଲେଭ୍(ଚାଇନା)........................ ୪୬୦କିମି./ଘଣ୍ଟା
୨. ସିଆର୍ ହାର୍ମୋନୀ(ଚାଇନା)................................ ୩୫୦କିମି./ଘଣ୍ଟା
୩. ସିଆର୍ ଫକ୍ସିଙ୍ଗ୍(ଚାଇନା) ................................ ୩୫୦କିମି./ଘଣ୍ଟା
୪. ଡିବି ଆଇସ୍(ଜର୍ମାନୀ) .................................... ୩୫୦କିମି./ଘଣ୍ଟା
୫. ଏସ୍‌ସିଏନ୍‌ସିଏଫ୍ ଟିଜିଭି(ଫ୍ରାନ୍ସ)........................ ୩୫୦କିମି./ଘଣ୍ଟା
୬. ଜେଆର୍ ଶିଙ୍କାନ୍‌ସେନ୍(ଜାପାନ)........................ ୩୨୦କିମି./ଘଣ୍ଟା
୭. ଓଏନ୍‌ସିଏଫ୍ ଏଆଇ ବୋରାକ୍(ମରକ୍କୋ).............. ୩୨୦କିମି./ଘଣ୍ଟା
୮. ରେନ୍‌ଫେ ଏଭିଇ ୧୦୩(ସ୍ପେନ୍)........................ ୩୧୦କିମି./ଘଣ୍ଟା
୯. କୋରେଲ୍ କେଟିଏକ୍ସ–ସାଞ୍ଚେଅନ୍(କୋରିଆ)........... ୩୦୫କିମି./ଘଣ୍ଟା
୧୦. ଟ୍ରେନିଟାଲିଆ ଫ୍ରେସିଆରୋସା ୧୦୦୦(ଇଟାଲୀ)..... ୩୦୦କିମି./ଘଣ୍ଟା

## ଜାଣନ୍ତୁ ଦୁନିଆ

# ବ୍ରିଟିଶ୍ ମ୍ୟୁଜିୟମ୍

**ବ୍ରିଟେନ୍ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକଙ୍କ ପାଇଁ ବ୍ରିଟିଶ୍ ମ୍ୟୁଜିୟମ୍ ଏକ ମୁଖ୍ୟ ଆକର୍ଷଣ। ଜାଣିବା ଏହା ସମ୍ପର୍କରେ କେତେକ ତଥ୍ୟ...**

■ ବ୍ରିଟିଶ୍ ମ୍ୟୁଜିୟମ୍ ହେଉଛି ପୃଥିବୀର ସର୍ବପୁରାତନ ଜାତୀୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସଂଗ୍ରହାଳୟ। ୧୭୫୩ ମସିହାରେ ଏହା ନିର୍ମିତ ହୋଇଥିବା ବେଳେ ୧୭୫୯ରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା।

■ ଏହି ମ୍ୟୁଜିୟମ୍‌ରେ ଅନେକ ବିଲେଇ ରହୁଥିଲେ। ହେଲେ ମାଇକ୍ ନାମକ ଏକ ବିଲେଇ ୧୯୦୯ରୁ ୧୯୨୯ ମସିହା ପର୍ଯ୍ୟନ୍ତ ଏହାର ମେନ୍ ଗେଟ୍‌କୁ ଜଗୁଆଳି ଭଳି ଜଗି ରହୁଥିଲା। ତା'ର ମୃତ୍ୟୁ ପରେ ଇଭିନିଂ ଷ୍ଟାଣ୍ଡାର୍ଡ ଏବଂ ଟାଇମ୍ସ ମାଗାଜିନ୍‌ରେ ଶୋକ ସମ୍ବାଦ ପ୍ରକାଶ ପାଇଥିଲା।

■ ସାର୍ ସ୍ଲୋଏନ୍ ଏହି ମ୍ୟୁଜିୟମ୍‌କୁ ନିଜ ସଂଗୃହୀତ ଅନେକ ପ୍ରାକୃତିକ ସ୍ପେସିମେନ୍ ଦାନ କରିଥିଲେ, ଯେଉଁଥିରୁ କେତେକକୁ ପରବର୍ତ୍ତୀ ସମୟରେ ଲଣ୍ଡନ୍‌ର ନ୍ୟାଚୁରାଲ୍ ହିଷ୍ଟ୍ରି ମ୍ୟୁଜିୟମ୍‌କୁ ସ୍ଥାନାନ୍ତର କରାଯାଇଥିଲା।

■ ପ୍ରଥମେ ଏହି ମ୍ୟୁଜିୟମ୍‌ରେ ଆଲୋକ ପାଇଁ ସୂର୍ଯ୍ୟକିରଣ ବ୍ୟତୀତ କ୍ୟାଣ୍ଡେଲ୍ ଏବଂ ତେଲ ଲ୍ୟାମ୍ପ୍ ବ୍ୟବହାର କରାଯାଉଥିଲା। ୧୯୦୦ ମସିହା ବେଳକୁ ଲଣ୍ଡନ୍‌ର ସର୍ବପ୍ରଥମ ଇଲେକ୍ଟ୍ରିକ୍ ଲାଇଟ୍ ବ୍ୟବସ୍ଥା ଏଠାରେ କରାଯାଇଥିଲା।

■ ଏହି ମ୍ୟୁଜିୟମ୍‌ରେ ଦି ୱେକ୍‌ଫିଲ୍ଡ କଜ୍, ଡେ' ଅଫ୍ ଦି ଜ୍ୟାକେଲ୍, ବ୍ଲାକ୍‌ମେଲ୍, ନାଇଟ୍ ଆଟ୍ ଦି ମ୍ୟୁଜିୟମ୍ ଭଳି ଅନେକ ଲୋକପ୍ରିୟ ହଲିଉଡ୍ ଫିଲ୍ମ ଏବଂ ବହୁ ସଂଖ୍ୟକ ଡକ୍ୟୁମେଣ୍ଟାରି ଫିଲ୍ମ ଶୁଟିଂ କରାଯାଇଛି।

■ ଗୁଗଲ୍ ଷ୍ଟ୍ରିଟ୍ ଭ୍ୟୁ ଅନୁସାରେ ଏହା ହେଉଛି ସବୁଠାରୁ ଅଧିକ ଇନ୍‌ଡୋର୍ ସ୍ପେଶ୍ ଥିବା ସ୍ଥାନ। ଏଥିପାଇଁ ୨୦୧୫ ମସିହାରେ ଏହା ଏକ ସ୍ୱତନ୍ତ୍ର ରେକର୍ଡ ସୃଷ୍ଟି କରିଛି।



■ ଏଠାରେ ପ୍ରଦର୍ଶିତ ହେଉଥିବା ବିଭିନ୍ନ ସାମଗ୍ରୀ ମଧ୍ୟରୁ ଅକ୍ସସ୍ ଟ୍ରିଜର୍, ରୋଜେଟ୍ଟା ଷ୍ଟୋନ୍ ଏବଂ ଏଲ୍‌ଜିନ୍ ମାର୍ବଲ୍ସ ସବୁଠୁ ଲୋକପ୍ରିୟ।




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୱେଷ୍ଟଇଣ୍ଡିଜର ବୃହତ୍ ବିଜୟ

**ବ୍ରିଜ୍‌ଟାଉନ୍,୨୨।୬(ପି.ଟି.)**

ଟି୨୦ ବିଶ୍ୱକପ୍‌ର ସୁପର୍-୮ରେ ଆୟୋଜକ ୱେଷ୍ଟଇଣ୍ଡିଜ୍ ୯ ଉଇକେଟରେ ଆମେରିକାକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ସୁପର-୮ ପର୍ଯ୍ୟାୟରେ ଏହା ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ବିଜୟ। ପ୍ରଥମ ମ୍ୟାଚ୍‌ରେ ଏହା ଇଂଲଣ୍ଡ ନିକଟରୁ ୮ ଉଇକେଟରେ ପରାଜିତ ହୋଇଥିଲା। ଶନିବାର ଆମେରିକା ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୧୦.୫ ଓଭରରେ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

ୱେଷ୍ଟଇଣ୍ଡିଜ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ପରିବେଶ ଓ ଆମେରିକାର ଅନଭିଜ୍ଞ ବ୍ୟାଟରଙ୍କୁ ହାତ ଖୋଲି ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ ୱେଷ୍ଟଇଣ୍ଡିଜ ବୋଲର। ଆମେରିକା ପକ୍ଷରୁ ଓପନର ଆଣ୍ଡ୍ରିସ୍ ଗୌସ୍ ସର୍ବାଧିକ ୨୯ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀତୀଶ କୁମାର ୨୦, ମିଲିନ୍ଦ କୁମାର ୧୯ ଓ ଭାନ୍ ଶାଲୱିକ ୧୮ ରନ୍ କରିଥିଲେ। ଶେଷ ଭାଗରେ ଅଲି ଖାନ୍ ୬ ବଲ୍‌ରୁ ୧୪ ରନ୍ କରିବାରୁ ଆମେରିକା ୧୨୦ ରନ୍ ପାର କରିଥିଲା। ୱେଷ୍ଟ ଇଣ୍ଡିଜ୍ ପକ୍ଷରୁ ରଷ୍ଟନ ଚେଜ୍ ଓ ଆନ୍ଦ୍ରେ ରସେଲ୍ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଲଜାରି ଯୋଶେଫ ୨ ଓ ଗୁଡାକେଶ ମୋତି ୧ ଉଇକେଟ ନେଇଥିଲେ। ଆଣ୍ଡ୍ରିସ୍ ଗୌସ ଓ ନୀତୀଶ କୁମାର ଦ୍ୱିତୀୟ ଉଇକେଟରେ ସର୍ବାଧିକ ୪୮ ରନ୍ ଯୋଡିଥିଲେ।

୧୨୯ ରନ୍ ବିଜୟ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଏକ ନୂଆ ଓପନିଙ୍ଗ ଯୋଡି ସହ ଓହ୍ଲାଇଥିଲା। ଶାଇ ହୋପ୍ ଓ ଜନସନ ଚାର୍ଲ୍ସ ଇନିଂସ ଓପନ କରି ପ୍ରଥମ ଉଇକେଟରେ ୬୭ ରନ୍ ଯୋଡିଥିଲେ। ଚାର୍ଲ୍ସ ୧୫ ରନ୍ କରି ହରମିତ୍ ସିଂଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶାଇ ହୋପ୍ ୮୨* ଓ ନିକୋଲାସ୍ ପୁରନ ୨୭* ଦଳକୁ ବିଜୟୀ କରିଥିଲେ। ହୋପ୍ ୩୯ ବଲ୍ ଖେଳି ୪ ଚୌକା ଓ ୮ ଛକା ମାରିଥିଲେ। ଅନ୍ୟପକ୍ଷରେ ପୁରନ ୧୨ ବଲ୍ ଖେଳି ୧ ଚୌକା ଓ ୩ ଛକା ମାରି ଅପରାଜିତ ରହିଥିଲେ। ବୃହତ୍ ବିଜୟ ସହ ୱେଷ୍ଟଇଣ୍ଡିଜ୍ ନିଜ ରନ୍‌ରେଟ୍‌ରେ ମଧ୍ୟ ସୁଧାର ଆଣିଥିଲା। ଦଳର ନେଟ୍ ରନରେଟ୍ ବର୍ତ୍ତମାନ +୧.୮୧୪ ରହିଥିବା ବେଳେ ଏହା ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଘାତକ ବୋଲିଂ ପାଇଁ ରଷ୍ଟନ ଚେଜ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶାଇ ହୋପ୍।

## ଟି୨୦ ବିଶ୍ୱକପ୍ ସୁପର-୮

### ସଂକ୍ଷିପ୍ତ ସ୍କୋର

ଆମେରିକା ୧୯.୫ ଓଭରରେ ୧୨୮/୧୦ (ଆଣ୍ଡ୍ରିସ୍ ଗୌସ-୨୯, ନୀତୀଶ କୁମାର-୨୦, ମିଲିନ୍ଦ କୁମାର-୧୯, ରଷ୍ଟନ ଚେଜ୍-୩/୧୯, ଆନ୍ଦ୍ରେ ରସେଲ୍-୩/୩୧, ଅଲଜାରି ଯୋଶେଫ୍-୨/୩୧)।

ୱେଷ୍ଟଇଣ୍ଡିଜ୍ ୧୦.୫ ଓଭରରେ ୧୩୦/୧ (ଶାଇ ହୋପ-୮୨*, ନିକୋଲାସ୍ ପୁରନ-୨୭*, ଜନସନ୍ ଚାର୍ଲ୍ସ-୧୫, ହରମିତ୍ ସିଂ-୧/୧୮)।


# କ୍ୱାଲିଫିକେଶନ ନେଇ ସ୍ପଷ୍ଟ କଲେ ନାଗାଲ

**ଚେନ୍ନାଇ, ୨୨।୬ (ପି.ଟି.)**

ଭାରତୀୟ ଟେନିସ ଷ୍ଟାର ସୁମିତ ନାଗାଲ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟ ପାଇଁ ବିଧିବଦ୍ଧ ଯୋଗ୍ୟତା ହାସଲ କରିଥିବା ବିଷୟ ସେ ଶନିବାର ସ୍ପଷ୍ଟ କରିଛନ୍ତି। ସେ ଦ୍ୱିତୀୟ ଥର ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି। ପୂର୍ବରୁ ସେ ୨୦୨୦ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବା ସହ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ନାଗାଲ ସୋସିଆଲ ମିଡିଆ 'ଏକ୍ସ' ରେ ତାଙ୍କର ଏକ ପୋଷ୍ଟରେ ଉଲ୍ଲେଖ କରି କହିଛନ୍ତି ଯେ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ବିଧିବଦ୍ଧ ଯୋଗ୍ୟତା ହାସଲ କରିବାରେ ସେ ଖୁବ୍ ଆନନ୍ଦିତ। ପ୍ୟାରିସରେ ଖେଳିବା ଲାଗି ତାଙ୍କର ଏକ ବଡ଼ ଲକ୍ଷ୍ୟ ଥିଲା। ସେ ତାଙ୍କ ଖୁସିକୁ ତାଙ୍କ ପ୍ରଶଂସକ ମଧ୍ୟରେ ବାଣ୍ଟିବାକୁ ଚାହାନ୍ତି। ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ପୂର୍ବରୁ କହିଥିଲା ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ (ଆଇଟିଏଫ୍) ଅନୁସାରେ ଜୁନ୍ ୧୦ ପର୍ଯ୍ୟନ୍ତ ନାଗାଲ ଜଣେ ବିକଳ୍ପ ରହିଥିଲେ, ଯେତେବେଳେ ର୍‌ୟାଙ୍କିଙ୍ଗ ଭିତ୍ତିରେ କ୍ୱାଲିଫିକେଶନ ବିବେଚନା କରାଯାଉଥିଲା। ରୋହନ ବୋପାନ୍ନା ଓ ଏନ୍. ଶ୍ରୀରାମ ବାଲାଜୀ ପ୍ୟାରିସ ଗେମ୍ସରେ ପୁରୁଷ ଡବଲ୍ସ ଇଭେଣ୍ଟରେ ଭାଗ ନେବେ। ବୋପାନ୍ନା ଟପ୍-୧୦ ଖେଳାଳି ହୋଇଥିବାରୁ ସେ ତାଙ୍କ ପସନ୍ଦ ପାର୍ଟନର ବାଛିପାରିବେ। ଆଇଟା ତାଙ୍କ ପସନ୍ଦକୁ ଗ୍ରହଣ କରିଛି। ଡବଲ୍ସରେ ବାଲାଜୀ ତାଙ୍କ ପାର୍ଟନର ହୋଇ ଖେଳିବେ। ଚଳିତମାସ ପ୍ରାରମ୍ଭରେ ହିଲ୍‌ବ୍ରନ୍ ଚ୍ୟାଲେଞ୍ଜର ଜିତିବା ପରେ ନାଗାଲ ଏଟିପି ର୍‌ୟାଙ୍କିଙ୍ଗର ଟପ୍ ୮୦ରେ ପ୍ରବେଶ କରିଥିଲେ। ଫଳରେ ତାଙ୍କର କ୍ୱାଲିଫିକେଶନ ସମ୍ଭାବନା ବୃଦ୍ଧିପାଇଥିଲା। ଚଳିତବର୍ଷ ପ୍ରାରମ୍ଭରେ ସେ ଚେନ୍ନାଇ ଚ୍ୟାଲେଞ୍ଜର ଜିତିଥିଲେ। ୨୬ ବର୍ଷୀୟ ନାଗାଲ ୨୦୨୪ ଆରମ୍ଭରୁ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ ଡ୍ର ପାଇଁ ଯୋଗ୍ୟତା ଅର୍ଜନ କରି ଚହଳ ସୃଷ୍ଟି କରିଥିଲେ।

# Classified Everyday

**0674-2580101, 2549949**



## MATRIMONIAL

## BRIDE WANTED

Wanted bride for Retd. Addl. Secretary- age-61 settled in BBSR. Only candidates above 55 to contact No-9556688130. D-546

ମାଟିବଂଶ ଜାତିର ପୁଅ ପାଇଁ ଝିଅ ଆବଶ୍ୟକ। ମୋବାଇଲ-7745962141. D-521

## GROOM WANTED

49 ବୟସ୍କା Govt. Teacher କରଣ ଜାତିର ବିଧବା ନିଃସନ୍ତାନ ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। 7606067313. D-554

**63 ବୟସ୍କା Govt. Retd. ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (urgent need). 9040735429.** D-556

Established Family of Bhubaneswar solicites proposals for remarriage of their daughter working at Hyderabad. Contact 94376 31126. D-71583

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## REAL ESTATE

## SALE

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

**Plot for sale at Puri Konark Marine Drive (550/- per sqft.). Contact- 6371703010.** D-536

**BDA new planning area at Benupur low cost investment plots available, price starts from @ 799/-. 6371364640.** D-75966

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75753

**ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542.** D-503

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965



## FOR RENT

2BHK in sundarpada, Bhubaneswar for Government/ PSU employees (Bachelor/ Family). Contact- 7449847585. D-562

Two Shoproom (10'x10') At- Bijupatnaik College mainroad Jayadevvihar, Bhubaneswar. Contact- 9938511622. D-547



## Healthcare

Monalisa massage Club: All types Body massage with hiprofile smart lady rooms service available. 9708545108. D-555

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits spa special offer @999, Bapujinagar. 8018429809. D-76128

**Relax, Refresh your body, Mind at Saikrupa SPA with best therapies. 8984068077.** D-527



## BUSINESS

Consultancy: Poll strategies, Industrial engineering, Logistic, Flat /Layout promotion, Systems designing, Problem solving for specific issues. Ct- 9003122286 (w). D-550

## LOST

I Sanatan Nayak, aged about 69 years, S/o- Late Gadadhar Nayak, resident of At- Sijua, Patrapada, P.S.- Khandagiri, Bhubaneswar, Dist.- Khurdha, Odisha, hereby declare that my Original Sale Deed No.- 5870 dtd. 02.07.1986 has been misplaced at Dumduma, Bhubaneswar on dated 13.06. 2024. I have given an affair at Khandagiri Police Station on dtd. 22.06.2024. If the Original & Sale Deed utilized by someone except me, I will not responsible for that. If anybody found the above please contact me on 7978463013. D-71390

## AFFIDAVIT

Affidavit No.-105, dt. 06.04.2024 before Executive Magistrate, Bhubaneswar, Khorda my name has changed from Mamuni Nayak to Parbati Pratyasha Nayak. Henceforth, I shall be known as Parbati Pratyasha Nayak, D/o- Prasana Kumar Nayak, P/S.- Mancheswar, Pandra, Plot No.- 4270/11565, P.O.- Rasulgarh, Bhubaneswar, Khorda for all future purpose. D-553

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**√ମନୋରମା ମିଶ୍ର (ମଣି)**
ଏ.ଏଲ୍. ୭୩, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ: ଆଷାଢ଼, କୃଷ୍ଣପକ୍ଷ ଦ୍ୱିତୀୟା ୨୦୧୭ ମସିହା
ଆଜି ସପ୍ତମ ଶ୍ରାଦ୍ଧବାର୍ଷିକୀ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୫୨୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√କୃଷ୍ଣ ସୁନ୍ଦରାୟ**
ଶିଶୁପାଳଗଡ଼, ଭୁବନେଶ୍ୱର
ଆବିର୍ଭାବ : ୦୧.୦୧.୧୯୭୩
ତିରୋଧାନ : ୧୩.୦୬.୨୦୨୪
ଲିଭିଗଲା ତୁମ ପରାଣ ପ୍ରଦୀପ ସରିଗଲା ତୁମ ଆୟୁ ସବୁ କିଛି ଆମେ ହରାଇ ବସିଲୁ ଫେରିବନି ତୁମେ କେବେ ବି ଆଉ।
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ବନ୍ଧୁ, ପରିବାର ଏବଂ ଆତ୍ମୀୟସ୍ୱଜନ।
ଧ-୭୫୫୪୭

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**√କାନନବାଳା ମହାପାତ୍ର**
ଆବିର୍ଭାବ : ୧୩/୦୩/୧୯୫୭
ତିରୋଧାନ : ୨୭/୦୪/୨୦୨୧
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା ସିନା, ହେଲେ ତୁମର ମୁହଁ ଆଜି ବି ଦିଶିଯାଉଛି ଆମ ଆଗରେ। ତୁମ ହାତଗଢ଼ା ସଂସାରର ପ୍ରତିଟି ସ୍ମୃତି ଆଜିବି ଜୀବନ୍ତ, ଯେଉଁଠି ଥାଅ ଭଲରେ ଥାଅ ଏତିକି କାମନା।
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ**
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ମହାପାତ୍ର ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୫୫୪୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
ଧରିତ୍ରୀ 50 Years

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ଜୁନ୍ ୨୩, ୨୦୨୪ | Bhubaneswar, Sunday, June 23, 2024




# ଭାରତର ସମ୍ମାନଜନକ ସ୍କୋର

## ଟି୨୦ ବିଶ୍ୱକପ୍ ସୁପର-୮

ଆଣ୍ଟିଗୁଆ,୨୨।୬(ପି.ଟି.)

ଟି୨୦ ବିଶ୍ୱକପର ସୁପର୍-୮ରେ ବାଂଲାଦେଶ ବିପକ୍ଷରେ ସମ୍ମାନଜନକ ସ୍କୋର କରିଛି ଭାରତ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ବଳରେ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୯୬ ରନ୍ କରିଛି। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ବାଂଲାଦେଶ ୧୦ ଓଭରରେ ୨ ଉଇକେଟ ହରାଇ ୬୭ ରନ୍ କରିଛି। ଅପରିବର୍ତ୍ତିତ ଏକାଦଶ ସହ ଭାରତ ଓହ୍ଲାଇଥିବା ବେଳେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ରୋହିତ ଶର୍ମା(୨୩) ଓ ବିରାଟ କୋହଲି(୩୭) ପ୍ରଥମ ଉଇକେଟରେ ୩୯ ରନ୍ ଯୋଡିଥିଲେ। ଶାକିବ ଅଲ ହସନଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ରୋହିତ ଶର୍ମା ପ୍ୟାଭିଲିୟନ ଫେରିଥିଲେ। ଅନ୍ୟ ପକ୍ଷରେ ରିଷଭ ପନ୍ତ ୩୬ ରନ୍ କରିଥିଲେ। ରୋହିତ ୧୧ ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୩ ରନ୍ କରିଥିଲେ। ବିରାଟ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୮ ବଲ୍‌ରୁ ୩୭ ରନ୍ କରିଥିଲେ। ଏହି ଇନିଂସରେ ୧ ଚୌକା ଓ ୩ ଛକା ସାମିଲ ଥିଲା। କୋହଲି ଓ ପନ୍ତ ଦ୍ୱିତୀୟ ଉଇକେଟରେ ୩୨ ରନ୍ ଯୋଡିବା ପରେ କୋହଲି ଆଉଟ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ପ୍ରଥମ ବଲରେ ଛକା ମାରିଥିଲେ ମଧ୍ୟ ପରବର୍ତ୍ତୀ ବଲରେ ଆଉଟ ହୋଇଥିଲେ। ଉଭୟ କୋହଲି ଓ ସୂର୍ଯ୍ୟଙ୍କୁ ୩ ବଲ୍ ମଧ୍ୟରେ ପ୍ୟାଭିଲିୟନ ପଠାଇଥିଲେ ତାଞ୍ଜିମ ହସନ ଶକିବ। ପରବର୍ତ୍ତୀ ବ୍ୟାଟର ଶିବମ ଦୁବେ କ୍ରିଜ୍‌ରେ ଯୋଗ ଦେଇଥିବା ବେଳେ ଭାରତର ରନ୍ ଗତି ଧୀମେଇ ଯାଇଥିଲା। ଦୁବେ ପ୍ରଥମ ୧୯ ବଲ୍‌ରେ ମାତ୍ର ୧୫ ରନ୍ କରିଥିଲେ। ତେବେ ୩ ଛକା ମାରିବା ସହ ସେ ୨୪ ବଲ୍‌ରୁ ୩୪ ରନ୍ କରି ଆଉଟ ହୋଇଥିଲେ। ତେବେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ଇନିଂସର ତ୍ରାଣକର୍ତ୍ତା ସାଜିଥିଲେ। ହାର୍ଦ୍ଦିକ ୨୭ ବଲ୍ ଖେଳି ୫୦ ରନ୍ କରିବା ସହ ଶେଷ ଯାଏ ଅପରାଜିତ ରହିଥିଲେ। ହାର୍ଦ୍ଦିକ ୨୭ ବଲ୍‌ର ଏହି ଇନିଂସରେ ୪ ଚୌକା ଓ ୩ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ତାଞ୍ଜିମ ହସନ ଶକିବ ଓ ରିଶଦ ହୋସେନ୍ ୨ଟି ଲେଖାଏ, ଶାକିବ ଅଲ ହସନ ଗୋଟିଏ ଉଇକେଟ ନେଇଥିଲେ।


ଶର୍ଟ ଖେଳିବା ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୬/୫(ହାର୍ଦ୍ଦିକ ପାଣ୍ଡ୍ୟା୫୦*, ବିରାଟ କୋହଲି-୩୭, ରିଷଭ ପନ୍ତ-୩୬, ତାଞ୍ଜିମ ହସନ ଶକିବ-୨/୩୨, ରିଶଦ ହୋସେନ୍-୨/୪୩, ଶାକିବ ଅଲ ହସନ-୧/୩୭)।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ**
ସ୍ଥାନ: ସେଣ୍ଟ ଭିନ୍‌ସେଣ୍ଟ
ସମୟ: ସକାଳ ୬ଟା

**ଆମେରିକା ବନାମ ଇଂଲଣ୍ଡ**
ସ୍ଥାନ: ବାର୍ବାଡୋସ୍
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ମୁମ୍ବାଇରେ ଶନିବାର ରିଲାଏନ୍ସ ଫାଉଣ୍ଡେଶନର ଲେଟ୍ସ ମୁଭ୍ କାର୍ଯ୍ୟକ୍ରମ ଅବସରରେ ପିଲାମାନଙ୍କ ସହ ଅଲିମ୍ପିଆନ ଶିବା କେଶବନ୍।

# କ୍ଲାଉଡିଓ ବ୍ରାଭୋଙ୍କ ଚମତ୍କାର ଗୋଲ୍ ରକ୍ଷଣ

## କୋପା ଆମେରିକା ଫୁଟ୍‌ବଲ

ଆରିଲିଙ୍ଗଟନ(ଟେକ୍ସାସ, ୟୁଏସ୍ଏ), ୨୨।୪(ଏପି)

କ୍ଲାଉଡିଓ ବ୍ରାଭୋ ସବୁଠାରୁ ବୟସ୍କ ଖେଳାଳି ଭାବେ କୋପା ଆମେରିକାରେ ୪ଟି ଗୋଲ୍ ସେଭ୍ କରିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ଚମତ୍କାର ଗୋଲ୍ ରକ୍ଷଣ ଯୋଗୁ ଶୁକ୍ରବାର ରାତିରେ ଖେଳାଯାଇଥିବା ପେରୁ ବିପକ୍ଷ ମ୍ୟାଚ ଚିଲି ଡ୍ର' ରଖିବାରେ ସମର୍ଥ ହୋଇଛି। ଟୁର୍ନାମେଣ୍ଟରେ ଉଭୟ ଦଳର ଏହା ଥିଲା ପ୍ରଥମ ମ୍ୟାଚ। ଏଟି ଆଣ୍ଡ ଟି ଷ୍ଟାଡିୟମରେ ୪୩,୦୩୦ ସମର୍ଥକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ମ୍ୟାଚରେ ୪୧ବର୍ଷ ଓ ୬୯ ଦିନ ବୟସର ବ୍ରାଭୋ ୭୯ତମ ମିନିଟ୍‌ରେ ଜିଆନଲୁକା ଲାପାଡୁଲାଙ୍କ କର୍ନର କିକ୍ ରିବାଉଣ୍ଡ କରିବା ପରେ ପାଓଲୋ ଗୁରେରୋଙ୍କ ପ୍ରଚେଷ୍ଟାକୁ ପଣ୍ଡ କରିଦେଇଥିଲେ। ମ୍ୟାଚରେ ଚିଲି ପାଇଁ ଶ୍ରେଷ୍ଠ ସୁଯୋଗ ଖେଳର ୧୬ତମ ମିନିଟ୍‌ରେ ଆସିଥିଲା। ଆଲେକ୍ସିସ ସାଞ୍ଚେଜ ବାମପାର୍ଶ୍ୱରୁ ଗୋଲ୍ ଦେବାକୁ ଉଦ୍ୟମ କରିଥିଲେ। ମାତ୍ର ଏହା ଲକ୍ଷ୍ୟଚ୍ୟୁତ ହୋଇ କ୍ରସ୍‌ବାର ଉପର ଦେଇ ଚାଲିଯାଇଥିଲା। ମ୍ୟାଚଟି ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ଏଥିରେ ୩୭ ଗୋଲ୍ ଏବଂ ୪ଟି ୟେଲୋ କାର୍ଡ ହୋଇଥିଲା। ଗ୍ରୁପ୍ 'ଏ' ଟେବୁଲରେ ଚିଲି ଓ ପେରୁ ଆର୍ଜେଣ୍ଟିନା ପଛରେ ରହିଛନ୍ତି। ଗତଥର ଚାମ୍ପିୟନ ଆର୍ଜେଣ୍ଟିନା ଗୁରୁବାର କାନାଡା ବିପକ୍ଷରେ ୨-୦ ଗୋଲ୍‌ରେ ବିଜୟ ହାସଲ କରିଛି। ଦଳ ମଙ୍ଗଳବାର ନ୍ୟୁ ଜର୍ସିର ଇଷ୍ଟ ରଥରଫୋର୍ଡଠାରେ ଚିଲିକୁ ଭେଟିବ। ଏହାକୁ ୨୦୧୬ କୋପା ଆମେରିକା ଫାଇନାଲର ରିମ୍ୟାଚ କୁହାଯାଇପାରେ। ଅନ୍ୟପକ୍ଷରେ ପେରୁ ମଙ୍ଗଳବାର କାନସାସ ସିଟିଠାରେ କାନାଡାକୁ ଭେଟିବ। ପରେ ଦଳ ଜୁନ୍ ୨୯ରେ ଫ୍ଲୋରିଡାସ୍ଥିତ ମାୟାମି ଗାର୍ଡେନ୍ସରେ ଆର୍ଜେଣ୍ଟିନା ସହ ମୁକାବିଲା କରିବ। କୋପା ଆମେରିକା ଯୁକ୍ତରାଷ୍ଟ୍ର ଆମେରିକାର ୧୪ଟି ଷ୍ଟାଡିୟମରେ ଖେଳାଯାଉଛି। ଏହାର ଫାଇନାଲ ଜୁନ୍ ୧୪ରେ ଫ୍ଲୋରିଡାରେ ଖେଳାଯିବ। ଏଥିରେ ୨୦୧୬ କଣ୍ଟିନେଣ୍ଟାଲ କୋପା ଆମେରିକା ଭଳି ନର୍ଥ ଓ ସେଣ୍ଟ୍ରାଲ ଆମେରିକା ଏବଂ କ୍ୟାରିବିୟନର ୬ଟି ଦେଶ ଏବଂ ୧୦ସାଉଥ ଆମେରିକାନ ଦଳ ଭାଗ ନେଇଛନ୍ତି।



# ହେମନ୍ତ, ପ୍ରଶାନ୍ତଙ୍କ ଶତକ

ଭୁବନେଶ୍ୱର,୨୦।୬(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ରାଉରକେଲା, ଖୋର୍ଦ୍ଧା, ବରଗଡ, ସମ୍ବଲପୁର, ଢେଙ୍କାନାଳ ଓ କେନ୍ଦୁଝରର ବିଜୟୀ ହୋଇଛନ୍ତି। ଖୋର୍ଦ୍ଧାର ହେମନ୍ତ ରାଠୀ, ପ୍ରଶାନ୍ତ ଚୌହାନ ଶତକ ହାସଲ କରିଥିବା ବେଳେ ସୁମିତ ମିଶ୍ର, ବିନୟ ଶର୍ମା ଓ ଅର୍ପିତ ମହାନ୍ତ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଉରକେଲା ୩୮ ରନ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ରାଉରକେଲା ପ୍ରଥମେ ବ୍ୟାଟିଂ କରି ୪୯ ଓଭରରେ ୮ ଉଇକେଟରେ ୨୬୨ ରନ୍ କରିଥିଲା। ଜବାବରେ ବାଲେଶ୍ୱର ୪୫.୪ ଓଭରରେ ୨୨୪ ରନ୍‌ରେ ଅଲଆଉଟ ହୋଇଥିଲା। ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଖୋର୍ଦ୍ଧା ୨୪୭ ରନ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। ହେମନ୍ତ ରାଠୀଙ୍କ ୧୪୨ ରନ୍ ବଳରେ ଖୋର୍ଦ୍ଧା ୪୫ ଓଭରରେ ୬ ଉଇକେଟରେ ୨୯୨ ରନ୍ କରିଥିଲା। ଜବାବରେ ନବରଙ୍ଗପୁର ୧୫.୩ ଓଭରରେ ୪୫ ରନ୍‌ରେ ଅଲଆଉଟ ହୋଇଥିଲା। ଖୋର୍ଦ୍ଧା ପକ୍ଷରୁ ସୁମିତ ମିଶ୍ର ୧୩ ରନ୍‌ରେ ୭ ଉଇକେଟ ନେଇଥିଲେ। ଅନ୍ୟ ମ୍ୟାଚ୍‌ରେ ବରଗଡ ୧ ଉଇକେଟରେ ପାରାଦୀପକୁ, ସମ୍ବଲପୁର ୧୦ ଉଇକେଟରେ କନ୍ଧମାଳକୁ, ଢେଙ୍କାନାଳ ୭ ଉଇକେଟରେ କଟକ-ବିକୁ ଓ କେନ୍ଦୁଝର ୧୮୬ରନ୍‌ରେ ପୁରୀକୁ ହରାଇଛି।

# ମହିଳା କମ୍ପାଉଣ୍ଡ ଦଳକୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

## ତୀରନ୍ଦାଜୀ ବିଶ୍ୱକପ୍

ଆଣ୍ଟାଲ୍ୟା(ଟର୍କୀ),୨୨।୬(ପି.ଟି.)

ଜ୍ୟୋତି ସୁରେଖା ଭେନମ, ଅଦିତି ସ୍ୱାମୀ ଓ ପରନିତ କୌରଙ୍କୁ ନେଇ ଭାରତୀୟ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଦଳ ଚଳିତ ସିଜନରେ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ଶନିବାର ଦଳ ଇଭେଣ୍ଟର ତୃତୀୟ ଷ୍ଟେଜ୍‌ରେ ଇଣ୍ଡୋନିଆ ବିପକ୍ଷରେ ବିଜୟ ହାସଲ କରି ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ପ୍ରିୟାଂଶ ରୌପ୍ୟ ପଦକ ଲାଭ କରିଛନ୍ତି। ସେ ବିଶ୍ୱର ନମ୍ବର ୱାନ ମାଇକ୍ କ୍ଲୋଏସରଙ୍କଠାରୁ ଅଳ୍ପକେ ପୁରୁଷ ଫାଇନାଲରେ ହାରିଯାଇଥିଲେ। ଏଠାରେ ଟପ୍ ସିଡ୍ ମାନ୍ୟତାପ୍ରାପ୍ତ ଭାରତୀୟ ମହିଳା କମ୍ପାଉଣ୍ଡଦଳ ଏକତରଫା ଫାଇନାଲରେ ଇଣ୍ଡୋନିଆର ଲିସେଲ ଜାତମା, ମୀରି-ମାର୍ଟା ପାସ୍ ଓ ମାରିସ ଟେଟ୍ସମାନଙ୍କୁ ୨୩୨-୨୨୯ରେ ହରାଇ ଦେଇଛନ୍ତି। ମହିଳା କମ୍ପାଉଣ୍ଡ ଦଳ ଚଳିତ ସିଜନରେ ଅପରାଜେୟ ରହିଛି। ପୂର୍ବରୁ ଏପ୍ରିଲ ଓ ମେ' ମାସରେ ଯଥାକ୍ରମେ ଶାଂଘାଇ ଓ ଇଚିଅନଠାରେ ଅନୁଷ୍ଠିତ ବିଶ୍ୱକପ୍ ଷ୍ଟେଜ୍-୧ ଓ ଷ୍ଟେଜ୍-୨ରେ ମହିଳା ଦଳ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଚଳିତ ସିଜନରେ ଡଚ୍ ହେଭିଓ୍ୱେଟ୍‌ଙ୍କୁ ପରାସ୍ତ କରି ନ ପାରି ପ୍ରିୟାଂଶ ଦ୍ୱିତୀୟ ଥର ପାଇଁ ରନର ଅପ୍ ହୋଇଛନ୍ତି। ସେ ତ୍ରୁଟିହୀନ ଶୁଟିଂ ସହ ଫାଇନାଲରେ ପ୍ରବେଶ କରିଥିଲେ। ଓପନିଂ ସେଟ୍‌ରେ କୋଟିଏ ପଏଣ୍ଟ ଡ୍ରପ୍ କରିବା ପରେ ସେ ତାହାକୁ ଭରଣା କରିପାରି ନ ଥିଲେ। କ୍ଲୋଏସର ସିରିଜ ୧୦ ଶଟ୍ ସହ ୧୪୯-୧୪୮ରେ ମ୍ୟାଚ ଜିତିଥିଲେ।


ସ୍ୱର୍ଣ୍ଣ ବିଜେତା ଭାରତୀୟ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଦଳ।

# ଲାଣ୍ଡୋ ନୋରିସଙ୍କୁ ପୋଲ୍ ପୋଜିଶନ

ମଣ୍ଟମେଲୋ, ୨୨।୬(ଏପି)

ତିନିଥର ବିଶ୍ୱ ଚାମ୍ପିୟନ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ମ୍ୟାକ ଲରେନର ଲାଣ୍ଡୋ ନୋରିସ ରବିବାର ହେବାକୁଥିବା ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ପାଇଁ ପୋଲ ପୋଜିଶନ ହାସଲ କରିଛନ୍ତି। ନୋରିସଙ୍କର ଏହା ହେଉଛି କ୍ୟାରିୟର ଦ୍ୱିତୀୟ ପୋଲ୍ ପୋଜିଶନ। ଲୁଇସ ହାମିଲଟନ ତାଙ୍କ ଟିମ୍‌ମେଟ ଜର୍ଜ ରସେଲଙ୍କଠାରୁ ଆଗରେ ତୃତୀୟ ସ୍ଥାନରୁ ତାଙ୍କ ରେସ୍ ଆରମ୍ଭ କରିବେ। ତାଙ୍କ ପଛକୁ ପଛ ଫେରାରି ଯୋଡ଼ି ଚାର୍ଲ୍ସ ଲେକ୍‌ରେକ୍ ଓ କାର୍ଲୋସ ସେଞ୍ଜ ରହିଛନ୍ତି। ନୋରିସ ଗତ ମେ' ମାସରେ ମାୟାମିଠାରେ ତାଙ୍କ କ୍ୟାରିୟରର ପ୍ରଥମ ବିଜୟ ହାସଲ କରିଥିଲେ।

# ଆଜି ବିଶ୍ୱ ଅଲିମ୍ପିକ୍ସ ଦିବସ

**ଆ**ଥଲେଟ୍‌ମାନଙ୍କ ମଧ୍ୟରେ କ୍ରୀଡା ଭାବନା ସୃଷ୍ଟି କରିବା ଦିଗରେ ଅଲିମ୍ପିକ୍ସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୪୮ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ୭୬ ବର୍ଷପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ ସମଗ୍ର ବିଶ୍ୱର ୫ଟି ମହାଦେଶର ୫୦ ଲକ୍ଷରୁ ଅଧିକ ଲୋକ ଏଥିରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏହା ସହିତ ଚଳିତ ବର୍ଷର ଥିମ୍ ରହିଛି 'ଲେଟ୍ସ ମୁଭ୍ ଆଣ୍ଡ ସେଲିବ୍ରେଟ୍'। ଆଥଲେଟ୍ ମାନଙ୍କ ମଧ୍ୟରେ ଉତ୍କର୍ଷତା, ବନ୍ଧୁତା ଓ ସମ୍ମାନ ପାଇଁ ଏହି ଉତ୍ସବକୁ ପାଳନ କରାଯାଉଛି।

**ଇତିହାସ:** ପ୍ରଥମ ଥର ପାଇଁ ୧୮୯୪ରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଗଠନ କରାଯାଏ। କ୍ରୀଡାର ମଜା ସାମଗ୍ରିକ ଭାବରେ ଉଠାଇବା ପାଇଁ ପିଅର୍ ଡେ କୋବେର୍ଟିନ୍ ଏହି ଆନ୍ଦୋଳନର ପ୍ରତିଷ୍ଠା କରିଥିଲେ। ୧୯୪୮, ଜୁନ୍ ୨୩ ତାରିଖରେ ପ୍ରଥମ ଥର ପାଇଁ ଏହି କମିଟି ପକ୍ଷରୁ ଅଲିମ୍ପିକ୍ସ ଦିବସ ପାଳନ କରାଯାଇଥିଲା। ସେ ସମୟରେ ମାତ୍ର ୯ଟି ଦେଶ ଅଲିମ୍ପିକ୍ସ କମିଟିର ସଦସ୍ୟ ରହିଥିଲେ। ଇତି ମଧ୍ୟରେ ୭୫ ବର୍ଷ ପୁରି ଯାଇଥିବା ବେଳେ ୫ ଟି ମହାଦେଶର ୧୩୦ ରାଷ୍ଟ୍ର ଏହାର ସଦସ୍ୟତା ଗ୍ରହଣ କରି ସାରିଛନ୍ତି।

ଏସିଆରୁ ନେଇ ଆମେରିକା ପର୍ଯ୍ୟନ୍ତ ସର୍ବତ୍ର ଏହି ଦିବସକୁ ଅତ୍ୟନ୍ତ ଧୁମଧାମରେ ପାଳନ କରାଯାଇଥାଏ। ପାନାମା, ରୋମାନିଆ ଓ କାଜାକସ୍ତାନ ପରି ଦେଶରେ ମେ ମାସରୁ ଏହି ସେଲିବ୍ରେଶନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ପ୍ୟାରିସ୍ ୨୦୨୪କୁ ଦୃଷ୍ଟିରେ ରଖି ୭୦ ଦେଶ କାର୍ଯ୍ୟକ୍ରମ ରଖିଛନ୍ତି। ଅନ୍ୟ ପକ୍ଷରେ ଡକାରରେ ହେବାକୁ ଥିବା ୨୦୨୬ ୟୁଥ୍ ଅଲିମ୍ପିକ୍ସକୁ ସେଲିବ୍ରେଟ୍ କରିବାକୁ ନିଷ୍ପତ୍ତି ନେଇଛି ସେନେଗାଲ। ୨୦୩୨ରେ ହେବାକୁ ଥିବା ବ୍ରିସବେନ୍ ଅଲିମ୍ପିକ୍ସ ପାଇଁ ପୂର୍ବତନ ଅଲିମ୍ପିଆନ ମାନଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହେବ।



# ଫ୍ରାନ୍ସ, ନେଦରଲାଣ୍ଡ୍ସ ମ୍ୟାଚ୍ ଡ୍ର

## ୟୁରୋ କପ୍

## ଜର୍ଜିଆକୁ ପ୍ରଥମ ପଏଣ୍ଟ

ବର୍ଲିନ୍,୨୨।୬(ପି.ଟି.)

ୟୁରୋ କପ୍ ଫୁଟବଲ୍ ୨୦୨୪ରେ ପ୍ରଥମ ପଏଣ୍ଟ ହାସଲ କରିଛି ଜର୍ଜିଆ। ଅନ୍ୟ ପକ୍ଷରେ ଫ୍ରାନ୍ସ ଓ ନେଦରଲାଣ୍ଡ୍ସ ମ୍ୟାଚ୍ ଡ୍ରରେ ଶେଷ ହୋଇଥିବା ବେଳେ ଉଭୟ ଦଳ ପଏଣ୍ଟ ବାଣ୍ଟିଛନ୍ତି। ପ୍ରଥମ ଥର ୟୁରୋ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଜର୍ଜିଆ ଶନିବାର ଚେକ୍ ରିପବ୍ଲିକ୍ ସହ ମ୍ୟାଚ୍ ଡ୍ର ରଖି ଏହାର ପ୍ରଥମ ପଏଣ୍ଟ ଅର୍ଜନ କରିଥିଲା। ଜର୍ଜିଆ ପକ୍ଷରୁ ଜର୍ଜେସ୍ ମିକାଉଟାଡଜେ (୪୫+୪) ମିନିଟରେ ଏକ ଗୋଲଦେଇଥିଲେ। ଅନ୍ୟ ପକ୍ଷରେ ଚେକ୍ ରିପବ୍ଲିକ ପକ୍ଷରୁ ପ୍ୟାଟ୍ରିକ୍ ଶିକ୍ ୫୯ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଚେକ୍ ରିପବ୍ଲିକ ମ୍ୟାଚ୍‌ର ୬୨ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଅନ୍ୟ ପକ୍ଷରେ ଏହାର ୨୭ଟି ଶଟ୍ ଟାର୍ଗେଟରେ ରହିଥିଲା। ପ୍ରଥମ ହାଫ୍‌ରେ ଚେକ୍ ରିପବ୍ଲିକ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ତେବେ ଡିଫେଣ୍ଡର ରବିନ ହାର୍ନାକଙ୍କ ତ୍ରୁଟି କାରଣରୁ ଏହା ଗୋଲ୍ ବରଣ କରିଥିଲା। ଏଥିରୁ ମିଳିଥିବା ସ୍ପଟ୍ କିକ୍‌କୁ ଗୋଲରେ ପରିଣତ କରି ଜର୍ଜିଆକୁ ଅଗ୍ରଣୀ ପ୍ରଦାନ କରିଥିଲେ ଜର୍ଜେସ୍ ମିକାଉଟାଡଜେ। ପ୍ରଥମାର୍ଦ୍ଧରେ ୦-୧ରେ ପଛୁଆ ରହିବା ପରେ ଚେକ୍ ରିପବ୍ଲିକ ଘନ ଘନ ଆକ୍ରମଣ କରିଥିଲା। ଦ୍ୱିତୀୟାର୍ଦ୍ଧର ୫୯ ତମ ମିନିଟରେ ମିଳିଥିବା କର୍ନର କିକ୍‌କୁ ଗୋଲରେ ପରିଣତ କରିବା ସହ ପ୍ୟାଟ୍ରିକ୍ ଶିକ୍ ମ୍ୟାଚ୍‌କୁ ୧-୧ ସ୍ଥିତିକୁ ଆଣିଥିଲେ।


ଜର୍ଜେସ୍ ମିକାଉଟାଡଜେ

ଅନ୍ୟ ପକ୍ଷରେ ଶୁକ୍ରବାର ରାତିରେ ଅନୁଷ୍ଠିତ ନେଦରଲାଣ୍ଡ୍ସ ଓ ଫ୍ରାନ୍ସର ମ୍ୟାଚ୍ ଗୋଲଶୂନ୍ୟ ଡ୍ରରେ ଶେଷ ହୋଇଥିଲା। ଉଭୟ ଦଳ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲେ ମଧ୍ୟ ଫ୍ରାନ୍ସ ପ୍ରାଧାନ୍ୟ ବିସ୍ତାର କରିଥିଲା। କିଲିଆନ୍ ଏମ୍‌ବାପେଙ୍କ ବିନା ଖେଳିଥିବା ଫ୍ରାନ୍ସ ୬୩ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିବା ବେଳେ ୧୫ଥର ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ